# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ସେପ୍ଟେମ୍ବର ୧୨/୨୦୨୦ (୧୨ ପୃଷ୍ଠା) | Rayagada, Saturday, September 12/2020 ★

୧୦ମ ଭାଗ ୧୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




### ବିବାହ କରିବାକୁ ଚାହୁଁଛନ୍ତି ସାରା

କାର୍ତ୍ତିକ ଆର୍ଯ୍ୟନଙ୍କୁ ବିବାହ କରିବାକୁ ଚାହୁଁଛନ୍ତି ସାରା। କିନ୍ତୁ ଯାହା ପାଖରେ ବହୁତ ଧନ ଥିବ ତା'ସହ ମୋ ଝିଅକୁ ବିବାହ କରାଇବି ବୋଲି କହିଛନ୍ତି ସୈଫ ।

୦୨

୧୨

### ଓସାକା ୟୁଏସ୍ ଓପନ ଫାଇନାଲରେ

ଜାପାନର ନାଓମି ଓସାକା ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।



# ଚାଷୀଙ୍କ ପାଇଁ ୩୦୦ କୋଟିର ପ୍ୟାକେଜ

**ଭୁବନେଶ୍ୱର,୧୧।୯(ବ୍ୟୁରୋ)**

ଚଳିତ ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୦୦ କୋଟି ଟଙ୍କର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ଗତ ଅଗଷ୍ଟ ଶେଷ ସପ୍ତାହରେ ରାଜ୍ୟର ବିଭିନ୍ନ ଜିଲାରେ ବନ୍ୟା ଯୋଗୁ ବହୁ ଶସ୍ୟହାନି ହୋଇଛି।

ଘୋଷଣା ଅନୁଯାୟୀ ୩୩ ପ୍ରତିଶତ ଶସ୍ୟହାନି ହୋଇଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଅଣଜଳସେଚିତ ଜମି ପାଇଁ ପ୍ରତି ହେକ୍ଟରକୁ ୬ ହଜାର ୮୦୦ ଟଙ୍କା ଇନପୁଟ ସବ୍‌ସିଡ୍ ଯୋଗାଇ ଦିଆଯିବ। ସେହିପରି ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୩ ହଜାର ୫୦୦ ଟଙ୍କା ଏବଂ ଆମ୍ବ, କାଜୁ, ନଡ଼ିଆ ପାନ ଆଦି ସବୁଦିନିଆ ଫସଲପାଇଁ ହେକ୍ଟର ପିଛା ୧୮ ହଜାର ଟଙ୍କା ପ୍ରଦାନ କରାଯିବ। ଇନପୁଟ୍ ସବ୍‌ସିଡ୍ ସର୍ବନିମ୍ନ ସବୁଦିନିଆ ଫସଲ ପାଇଁ ୨ ହଜାର ଏବଂ ଅନ୍ୟାନ୍ୟ ଫସଲ ପାଇଁ ୧ ହଜାର ଟଙ୍କାରୁ କମ୍ ଦିଆଯିବ ନାହିଁ।

ବନ୍ୟା ପ୍ରଭାବିତ ଚାଷୀଙ୍କୁ ୨୦୨୦ ଖରିଫ ପାଇଁ ୨୦ ହଜାର ଡାଲିଜାତୀୟ କୀଟ ଯୋଗାଇ ଦିଆଯିବ। ସେହିପରି



ରବିଫସଲ ପାଇଁ ୬୦ ହଜାର ଏକରରେ ବିଭିନ୍ନ ପ୍ରକାର ଫସଲ ଲାଗି ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯିବ। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୨ ହଜାର ପମ୍ପ ସେଟ ୫୦ ପ୍ରତିଶତ ରିହାତିରେ ଯୋଗାଇ ଦିଆଯିବ। ସର୍ବାଧିକ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ଯୋଗାଇ ଦିଆଯିବ।

ସେହିପରି ପ୍ରଭାବିତ ଚାଷୀମାନଙ୍କୁ ୫୦ ପ୍ରତିଶତ ରିହାତିରେ ସର୍ବାଧିକ ୩ ହଜାର ଟଙ୍କା ପର୍ଯ୍ୟନ୍ତ ୫ ହଜାର ସିଞ୍ଚନ ମେଶିନ ପ୍ରଦାନ କରାଯିବ। ହାତ ଓ ବ୍ୟାଟେରି ଚାଳିତ ସିଞ୍ଚନ ମେଶିନ ପାଇଁ ୬୦୦ ଟଙ୍କା ପ୍ରଦାନ କରାଯିବ। ରବି ଫସଲ ପାଇଁ ୧ ଲକ୍ଷ ଚାଷୀଙ୍କୁ ବିହନ ବିଶୋଧନ କାର୍ଯ୍ୟକ୍ରମରେ ସାମିଲ କରାଯିବ। ସେମାନଙ୍କୁ ୧ଲକ୍ଷ ଏକର ଜମି ପାଇଁ ମାଗଣାରେ ରାସାୟନିକ ବିହନ ବିଶୋଧନ କିମ୍ବା ଜୈବିକ ବିହନ ବିଶୋଧନ ସୁବିଧା ଯୋଗାଇ ଦିଆଯିବ। ରବି ଋତୁ ପାଇଁ ତୁରନ୍ତ ଉନ୍ନତ ମାନର ପ୍ରାମାଣିକ ବିହନ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦିଆଯିବ। ସ୍ୱତନ୍ତ୍ର ପ୍ୟାକେଜରେ ପ୍ରାମାଣିକ ବିହନ ପାଇଁ ସ୍ୱତନ୍ତ୍ର ଭାବେ ୭୫ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଯୋଗାଇ ଦିଆଯିବ। ବନ୍ୟା ପ୍ରଭାବିତ ଜିଲାଗୁଡ଼ିକରେ ୧୦ କୋଟି ଟଙ୍କାର ଫାର୍ମ ମେକାନାଇଜେଶନ ସବ୍‌ସିଡ୍ ଯୋଗାଇ ଦିଆଯିବ। ଏଥିସହିତ ଶସ୍ୟହାନିର ଶୀଘ୍ର ଆକଳନ କରାଯିବା ସହ ଶସ୍ୟର ମଧ୍ୟ ଭାଗରେ ଶସ୍ୟବୀମା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯିବ। ୧ ଲକ୍ଷ ଚାଷୀଙ୍କୁ ପାଳଙ୍ଗ, ବିନ୍ସ, ଟମାଟୋ, ଲଙ୍କା, ମୂଳା ଇତ୍ୟାଦି ପାଇଁ ପନିପରିବା ମଞ୍ଜି କିଟ୍ ୧୩୦ ଟଙ୍କାରେ ଯୋଗାଇ ଦିଆଯିବ। ୭୫ ହଜାର ଚାଷୀଙ୍କୁ ୧୬୦ ଟଙ୍କା ମୂଲ୍ୟରେ ଅମୃତଭଣ୍ଡା, କଦଳୀ ଓ ସଜନା ଗଛ ଇତ୍ୟାଦି ୧୦ ପ୍ରକାର ଶୀଘ୍ର ବଢୁଥିବା ଫଳ ପାଇଁ କୀଟ ପିଛା ୧୬୦ ଟଙ୍କା ଦରରେ ଯୋଗାଇ ଦିଆଯିବ। ଜୀବନ ଜୀବିକା ପାଇଁ ୧୦ ହଜାର ଛତୁ ଚାଷ ୟୁନିଟ୍ ଲାଗି ୫୦୦ ୟୁନିଟ୍ ଶେଡ୍ ନେଟ ଯୋଗାଇ ଦିଆଯିବ।

୩୩ ପ୍ରତିଶତ ବନ୍ୟା ପ୍ରଭାବିତ ଅଞ୍ଚଳରେ ଖରିଫ ପାଇଁ ଦିଆଯାଇଥିବା କ୍ଷୁଦ୍ର ମିଆଦି ଋଣକୁ ☞ପୃଷ୍ଠା-୪

### ବନ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

- ଇନ୍‌ପୁଟ ସବ୍‌ସିଡ୍: ଅଣ ଜଳସେଚିତ ଜମି ପାଇଁ ୬,୮୦୦, ଜଳସେଚିତ ଲାଗି ୧୩,୫୦୦
- ସବୁଦିନିଆ ଫସଲ ପାଇଁ ୧୮ ହଜାର
- ରବିଫସଲ ପାଇଁ ୨୦ ହଜାର ଡାଲିଜାତୀୟ କିଟ୍
- ଦୁହାଁଳିଆ ଗାଈ, ମଇଁଷି ପାଇଁ ୩୦ ହଜାର
- ଛେଳି ପାଇଁ ୩ ହଜାର ଟଙ୍କା ସହାୟତା
- ମାଛପୋଖରୀ ପାଇଁ ୧୨,୨୦୦ ଟଙ୍କା

# ବଦଳିଲା ଏଆଇସିସି ସିଡବ୍ଲ୍ୟୁସି ପୁନର୍ଗଠିତ


**ଭୁବନେଶ୍ୱର/ନୂଆଦିଲ୍ଲୀ, ୧୧।୯(ବ୍ୟୁରୋ)**

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ କଂଗ୍ରେସ କାର୍ଯ୍ୟକାରୀ କମିଟି(ସିଡବ୍ଲ୍ୟୁସି)ର ପୁନର୍ଗଠନ କରାଯାଇଛି। ଏନେଇ ଏଆଇସିସି ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଆଇସିସି ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ୨୨ଜଣଙ୍କୁ ସିଡବ୍ଲ୍ୟୁସି ସଦସ୍ୟ ଭାବେ ମନୋନୀତ କରାଯାଇଛି। କମିଟିରେ ସୋନିଆ ଗାନ୍ଧୀଙ୍କ ସମେତ ମନମୋହନ ସିଂ, ରାହୁଲ ଗାନ୍ଧୀ, ଏ.କେ. ଆଣ୍ଟୋନି, ଅହମ୍ମଦ ପଟେଲ, ଅମ୍ବିକା ସୋନୀ, ଗୁଲାମ ନବୀ ଆଜାଦ, ଆନନ୍ଦ ଶର୍ମା, ହରିଶ ରାୱତ, କେ.ସି. ଭେଣୁଗୋପାଲ, ମଲ୍ଲିକାର୍ଜୁନ ଖାର୍ଗେ, ମୁକୁଲ ୱାସ୍‌ନିକ, ଓମେନ ଚାଣ୍ଡି, ଅଜୟ ମାକେନ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ପି .ଚିଦାମ୍ବରମ, ଜିତେନ୍ଦ୍ର ସିଂହ, ତାରିକ ଅନୱର, ରଣଦୀପ ସିଂ ସୁର୍ଜେୱାଲା, ଗାଇଖନଗମ, ରଘୁବୀର ସିଂ ମୀନା ଏବଂ ତରୁଣ ଗୋଗୋଇ ସଦସ୍ୟ ରହିଛନ୍ତି। ତେବେ ଏଆଇସିସି ସାଧାରଣ ସମ୍ପାଦକ ପଦରୁ ଗୁଲାମ ନବୀ ଆଜାଦ, ☞ପୃଷ୍ଠା-୪

### ଚେଲ୍ଲାକୁମାର ରାଜ୍ୟ କଂଗ୍ରେସର ନୂଆ ପ୍ରଭାରୀ



ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ନୂଆ ପ୍ରଭାରୀ ଭାବେ ଚେଲ୍ଲାକୁମାରଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ଶୁକ୍ରବାର ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତାଙ୍କ ପୂର୍ବରୁ ଜିତେନ୍ଦ୍ର ସିଂହ ପିସିସିର ପ୍ରଭାରୀ ଥିଲେ। ୨୦୧୮ ମାର୍ଚ୍ଚ ୩୦ରେ ☞ପୃଷ୍ଠା-୪




# ରିଆ, ସୌଭିକ୍‌ଙ୍କ ଜାମିନ ଖାରଜ



ରିଆ ଚକ୍ରବର୍ତ୍ତୀ

**ବମ୍ବେ,୧୧।୯(ପିଟି)**

ଡ୍ରଗ୍ସ ଲିଙ୍କ କାରବାରରେ ସମ୍ପୃକ୍ତ ଅଭିଯୋଗରେ ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ(ଏନ୍‌ସିବି) ଦ୍ୱାରା ଗିରଫ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ ଏବଂ ତାଙ୍କ ଭାଇ ସୌଭିକ ଚକ୍ରବର୍ତ୍ତୀଙ୍କ ସମେତ ୬ ଜଣଙ୍କ ଜାମିନ ଆବେଦନକୁ ଶୁକ୍ରବାର ମୁମ୍ବାଇର ସ୍ୱତନ୍ତ୍ର କୋର୍ଟ ଖାରଜ କରି ଦେଇଛନ୍ତି। ପ୍ରକାଶ ଯେ, ଗତ ୬, ୭ ଓ ୮ତାରିଖରେ ୩ଦିନ ଲଗାତାର ରିଆଙ୍କୁ ଜେରା କରିବା ପରେ ୮ତାରିଖ ମଙ୍ଗଳବାର ଅପରାହ୍ନରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

### ମୋଦିଙ୍କ ପ୍ରେରଣା

# ୪ ସପ୍ତାହରେ ଜବାବ ରଖିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୧।୯(ବ୍ୟୁରୋ)**

### ଆୟୁଷ୍ମାନ୍ ଭାରତ ଯୋଜନା

ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟରେ କାହିଁକି ଲାଗୁ ହୋଇନି। ଆସନ୍ତା ୪ ସପ୍ତାହ ମଧ୍ୟରେ ଜବାବ ଦାଲଖ କରିବାକୁ ସୁପ୍ରିମକୋର୍ଟ ଓଡିଶା ସମେତ ୪ ରାଜ୍ୟ ତେଲଙ୍ଗାନା, ପଶ୍ଚିମବଙ୍ଗ ଓ ଦିଲ୍ଲୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହୋଇ ନ ଥିବାରୁ ପି. ଶେଖର ରାଓ ନାମକ ଜଣେ ବ୍ୟକ୍ତି ସୁପ୍ରିମକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଥିଲେ। ଗୁରୁବାର ଏହାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି ବୋଲି ମାମଲା ପରିଚାଳନା କରୁଥିବା ଆଇନଜୀବୀ ହିତେନ୍ଦ୍ର ରଥ ସୂଚନା ଦେଇଛନ୍ତି।

ପୁଣିଥରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ୍ ଭାରତ ଯୋଜନାକୁ ନେଇ ଆରମ୍ଭ ହୋଇଛି ରାଜନୀତି। ଏହି ଘଟଣାକୁ ନେଇ ଭାଜପା ଏମ୍‌ପି ☞ପୃଷ୍ଠା-୪






# ସଫେଇ କର୍ମଚାରୀଙ୍କ ପାଇଁ 'ଗରିମା'

**ଭୁବନେଶ୍ୱର,୧୧।୯(ବ୍ୟୁରୋ)**

ରାଜ୍ୟର ସଫେଇ କର୍ମଚାରୀମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର 'ଗରିମା' ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ସେପ୍ଟିକ ଟାଙ୍କି ତଥା ଅନ୍ୟାନ୍ୟ ବିପଦପୂର୍ଣ୍ଣ ସ୍ଥାନରୁ ମଇଳା କାଢୁଥିବା ସଫେଇ କର୍ମଚାରୀମାନେ ଏହାଦ୍ୱାରା ଉପକୃତ ହେବେ। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ୫୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯିବ। ସଫେଇ କର୍ମଚାରୀଙ୍କ ପାଇଁ ରାଜ୍ୟ କମିଶନ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ରାଜ୍ୟର ସମସ୍ତ ୧୧୪ ପୌରସଂସ୍ଥାରେ କାର୍ଯ୍ୟକାରୀ ହେବ।



ନବୀନ ପଟ୍ଟନାୟକ

ଏହି ଯୋଜନାରେ ୨୦ ହଜାର ସଫେଇ କର୍ମଚାରୀଙ୍କ ସମେତ ସେମାନଙ୍କର ୧ ଲକ୍ଷ ପରିବାର ସଦସ୍ୟ ଉପକୃତ ହେବେ।

ଗରିମା ଯୋଜନାରେ ବିପଦପୂର୍ଣ୍ଣ ପରିମଳ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଚିହ୍ନଟ କରାଯିବା ସହିତ ସେମାନଙ୍କ ନିରାପତ୍ତା ଓ ମର୍ଯ୍ୟାଦା ଉପରେ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କର କଠିନ ଓ ବିପଦପୂର୍ଣ୍ଣ କାମକୁ ସମ୍ମାନ ଜଣାଇ ସ୍ୱତନ୍ତ୍ର ଭତ୍ତା, ସ୍ୱାସ୍ଥ୍ୟ ସୁବିଧା, ଜୀବନ ବୀମା, ପିଲାଙ୍କ ପାଇଁ ଉଚ୍ଚ ଶିକ୍ଷା, ଗୃହ ନିର୍ମାଣ ଓ ଦୁଇ ଚକିଆ ଯାନ କ୍ରୟ ପାଇଁ ୯୦ ପ୍ରତିଶତ ଅନୁଦାନ, ବ୍ୟକ୍ତିଗତ ସୁରକ୍ଷା ଉପକରଣ, ଅନୁକମ୍ପାମୂଳକ ସହାୟତା, ଇପିଏଫ, ଇଏସ୍‌ଆଇ ଏବଂ ପରିବାର ପେନସନ ଆଦି ବିଭିନ୍ନ କଲ୍ୟାଣ ଯୋଜନାରେ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଏହି ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାରା ବିଶ୍ୱ ବର୍ତ୍ତମାନ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ କରୁଛି। ଗାନ୍ଧିଜୀ ସାରା ଜୀବନ ସମାଜର ଏହି ଅବହେଳିତ ବର୍ଗର ☞ପୃଷ୍ଠା-୪

### ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ନିର୍ମାଣ ପାଇଁ ମିଳିବ ସହାୟତା
- ଗଠନ ହେବ ୫୦ କୋଟିର କର୍ପସ ପାଣ୍ଠି
- ଉପକୃତ ହେବେ ୨୦ ହଜାର ସଫେଇ କର୍ମଚାରୀ
- ଗଠନ ହେବ ସଫେଇ କର୍ମଚାରୀ ରାଜ୍ୟ କମିଶନ
- ସାମାଜିକ କଲ୍ୟାଣ କ୍ଷେତ୍ରରେ ଆଉ ଏକ ସଫଳ ଅଧ୍ୟାୟ: ମୁଖ୍ୟମନ୍ତ୍ରୀ

# ଅଗଷ୍ଟା ୱେଷ୍ଟଲାଣ୍ଡ ହେଲିକପ୍ଟର ଦୁର୍ନୀତି

## ପୂର୍ବତନ ପ୍ରତିରକ୍ଷା ସଚିବ ଶଶିକାନ୍ତଙ୍କ ବିରୋଧରେ ମାମଲା ପାଇଁ ସିବିଆଇର ଆବେଦନ

ନୂଆଦିଲ୍ଲୀ,୧୧।୯(ପିଟି)


ବହୁଚର୍ଚ୍ଚିତ ଅଗଷ୍ଟା ସ୍ୱେଷ୍ଟଲ୍ୟାଣ୍ଡ ହେଲିକପ୍ଟର କିଣାରେ ହୋଇଥିବା ୩,୬୦୦ କୋଟି ଟଙ୍କା ଦୁର୍ନୀତି ଘଟଣାରେ ପୂର୍ବତନ ପ୍ରତିରକ୍ଷା ସଚିବ ଶଶିକାନ୍ତ ଶର୍ମାଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ସିବିଆଇ ଅନୁମତି ଲୋଡ଼ିଛି। ଏହି ଦୁର୍ନୀତି ମାମଲାରେ ମଧ୍ୟସ୍ଥ ସାଜିଥିବା ଖ୍ରୀଷ୍ଟିୟାନ ମିଚେଲଙ୍କ ବିରୋଧରେ ସିବିଆଇ ଅତିରିକ୍ତ ଚାର୍ଜଶିଟ ଦାଖଲ କରିବାକୁ ଯାଉଛି। ମିଚେଲ ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଏହି ଅତିରିକ୍ତ



ଚାର୍ଜଶିଟ୍‌ରେ ସିବିଆଇ ଅଗଷ୍ଟା ୱେଷ୍ଟଲାଣ୍ଡ ହେଲିକପ୍ଟର କିଣା ଦୁର୍ନୀତିରେ ଯେଉଁମାନେ ସବୁ ନିଷ୍ପତ୍ତି ନେଉଥିଲେ, ସେମାନଙ୍କ ବିରୋଧରେ ଚାର୍ଜଶିଟରେ ଉଲ୍ଲେଖ ରହିଛି। ତଦନ୍ତ ସମୟରେ ଯେଉଁ ଅଧିକାରୀଙ୍କ ଭୂମିକା ସମ୍ପର୍କରେ ଜଣାପଡ଼ିଛି ସେମାନଙ୍କ ବିରୋଧରେ ମାମଲା ଆରମ୍ଭ ହେବ। ଏଥିପାଇଁ ସିବିଆଇ ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁମତି ଲୋଡ଼ିଛି। ବିଶେଷ କରି ଶଶିକାନ୍ତ ଶର୍ମା ଏବଂ ଏୟାର ଭାଇସ ମାର୍ଶାଲ ଯସ୍‌ବୀର ସିଂ ପାନେସରଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଅନୁମତି ମିଳିଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ୨୦୧୧ରୁ ୨୦୧୩ ପର୍ଯ୍ୟନ୍ତ ଶର୍ମା ପ୍ରତିରକ୍ଷା ସଚିବ ଥିଲେ। ପରେ ତାଙ୍କୁ ସିଏଜି ଭାବେ ନିଯୁକ୍ତି ଦିଆଯାଇଥିଲା। ସିବିଆଇ ମଧ୍ୟ ୩ଜଣ ପୂର୍ବତନ ବାୟୁସେନା ଅଧିକାରୀଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିବାକୁ ଅନୁମତି ଲୋଡ଼ିଛି। ସେମାନେ ହେଲେ ଡେପୁଟି ଚିଫ୍ ଟେଷ୍ଟ ପାଇଲଟ ଏସ୍.ଏ. କୁଣ୍ଟେ, ୱିଙ୍ଗ କମାଣ୍ଡର ଥୋମାସ୍ ମାଥ୍ୟୁ ଏବଂ ଗ୍ରୁପ୍ କ୍ୟାପ୍‌ଟେନ୍ ଏନ୍. ସନ୍ତୋଷ।

# କରୋନା ଭୂତାଣୁ ରୋକିବା ଲାଗି ଗୁଳି: ଉତ୍ତର କୋରିଆ

ୱାଶିଂଟନ,୧୧।୯



ଚାଇନାରୁ କରୋନା ଭାଇରସ ଯେପରି ଦେଶ ଭିତରକୁ ପ୍ରବେଶ ନ କରିବ ସେଥିଲାଗି ଉତ୍ତରକୋରିଆ କର୍ତ୍ତୃପକ୍ଷ ଗୁଳି ନିର୍ଦ୍ଦେଶ ଦେଇଛନ୍ତି। ଦକ୍ଷିଣରେ ଥିବା ଆମେରିକା ସେନାର କମାଣ୍ଡର ପକ୍ଷରୁ ଏହା କୁହାଯାଇଛି। ଦୁର୍ବଳ ସ୍ୱାସ୍ଥ୍ୟସେବା ଦେଇ ଗତି କରୁଥିବା ଉତ୍ତରକୋରିଆରେ ଅଦ୍ୟାବିଧି ଯାଏ କରୋନା ଭୂତାଣୁ ଦେଖିଯାଇ ନାହିଁ। ସଂକ୍ରମଣ ରୋକିବା ଲାଗି ଗତ ଜାନୁୟାରୀରୁ ପୋୟଙ୍ଗୟାଙ୍ଗ ଚାଇନା ସୀମାକୁ ବନ୍ଦ କରି ରଖିଛି। ସେବାଠାରୁ ଏହା ଦେଶରେ ବିଭିନ୍ନସ୍ତରରେ ସ୍ୱାସ୍ଥ୍ୟଜନିତ ଜରୁରୀ ପରିସ୍ଥିତି ଜାରି କରି ଆସିଛି।

କୋରିଆରେ ଥିବା ଆମେରିକା ସେନା (ୟୁଏସଏସକେ) କମାଣ୍ଡର ରବର୍ଟ ଆବ୍ରାହିମ କହିଛନ୍ତି, ଚାଇନା ସୀମା ବନ୍ଦ କରି ଦିଆଯାଇଥିବାରୁ ସାମଗ୍ରୀ ଚୋରାଚାଲାଣ କରାଯାଉଛି। ସେଥିପାଇଁ ଉତ୍ତରକୋରିଆ କର୍ତ୍ତୃପକ୍ଷ ଏଥିରେ ହସ୍ତକ୍ଷେପ କରିଛି। ଚାଇନା ସୀମାନ୍ତ ୧ ବା ୨ କିଲୋମିଟର ଅଞ୍ଚଳକୁ ଉତ୍ତରକୋରିଆ ବଫର ଜୋନ ଭାବେ ଚିହ୍ନଟ କରିଛି ବୋଲି ସେ କହିଛନ୍ତି। ସେଠାରେ ଉତ୍ତରକୋରିଆର ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ବାହିନୀ (ଏସଓଏସ) ମୁତୟନ କରାଯାଇଛି। ଫଳରେ ଆବଶ୍ୟକସ୍ଥଳେ ଗୁଳି ନିର୍ଦ୍ଦେଶ ଦେବା ଲାଗି ସେମାନଙ୍କୁ କ୍ଷମତା ଦିଆଯାଇଛି। ତେବେ ପୟଙ୍ଗୟାଙ୍ଗ ପକ୍ଷରୁ ସେଭଳି କୌଣସି ଆକ୍ରମଣ ହେବା ନେଇ ଆଭାସ ପରିଲକ୍ଷିତ ହେଉନାହିଁ ବୋଲି ଆବ୍ରାହିମ କହିଛନ୍ତି। ଆସନ୍ତା ମାସ କିମ ଜଙ୍ଗ ଉନଙ୍କ ପାର୍ଟି ୭୫ତମ ବାର୍ଷିକୀ ପାଳନ କରିବାକୁ ଯାଉଥିବା ପରିପେକ୍ଷୀରେ ଦେଶ ପକ୍ଷରୁ ନୂଆ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ରହିଛି। ତେବେ ଏହା ସତ୍ତ୍ୱେ କୋଭିଡ୍-୧୯ ମୁକାବିଲା ଲାଗି ଉତ୍ତରକୋରିଆ ସମସ୍ତ ପ୍ରସ୍ତୁତି ଚଳାଇଛି ବୋଲି ଆବ୍ରାହିମ କହିଛନ୍ତି।

ୱାଶିଂଟନସ୍ଥିତ ସେଣ୍ଟର ଫର ଇଣ୍ଟରନ୍ୟାଶନାଲ ଷ୍ଟଡିଜ(ସିଏଫଆଇଏସ) ଏହାର ୱେବସାଇଟରେ ଉତ୍ତରକୋରିଆ ସିନପୋ ସାଉଥ ନାଭାଲ ସିପିଆର୍ଡରେ ଏକ ଛବି ପ୍ରକାଶ କରିଛି। ଯେଉଁଥିରେ ସବ୍‌ମେରାଇନ ଜରିଆରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ପରୀକ୍ଷା ଲାଗି ଉତ୍ତରକୋରିଆ ପ୍ରସ୍ତୁତି କରୁଛି। ଉତ୍ତରକୋରିଆ ପକ୍ଷରୁ ନୂଆ କରି କ୍ଷେପଣାସ୍ତ୍ର ପରୀକ୍ଷା ଆମେରିକା ଓ ପୟଙ୍ଗୟାଙ୍ଗ ମଧ୍ୟରେ ଚାଲିଥିବା ଆଣବିକ ନିରସ୍ତ୍ରୀକରଣ ପକ୍ରିୟାକୁ ଶିଥିଳ କରିବ ବୋଲି ଆଲୋଚନା ହେଉଛି। ଆସନ୍ତା ନଭେମ୍ବରରେ ଡୋନାଲ୍ଡ ଟ୍ରମ୍ପ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲାଗି ପ୍ରାର୍ଥି ହୋଇଥିବାବେଳେ କିମଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଟୁଇଟ କରି କହିଛନ୍ତି, କିମଙ୍କ ସ୍ୱାସ୍ଥ୍ୟ ଭଲ ଅଛି। ତାଙ୍କୁ ନ୍ୟୁନ କରି ଦେଖା ନ ଯାଉ।

# ତିନି ସେନାମୁଖ୍ୟଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଲେ ରାଜନାଥ



ନୂଆଦିଲ୍ଲୀ,୧୧।୯

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଶୁକ୍ରବାର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଚିଫ ଅଫ ଡିଫେନ୍ସ ଷ୍ଟାଫ ଜେନରାଲ ବିପିନ ରାୱତ ଓ ତିନି ସେନାମୁଖ୍ୟଙ୍କ ସହ ଚାଇନା ସୀମାର ସ୍ଥିତିକୁ ନେଇ ଚର୍ଚ୍ଚା କରିଛନ୍ତି। ଏହାସହ ସୁରକ୍ଷା ସମୀକ୍ଷା ସମ୍ପର୍କରେ ଚର୍ଚ୍ଚା କରିଛନ୍ତି। ଏହି ସୂଚନା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗୋଟିଏ ପଟେ ବୈଦେଶିକ ମନ୍ତ୍ରୀ ଗୁରୁବାର ମସ୍କୋରେ ଚାଇନା ସମକକ୍ଷ ବାଙ୍ଗ ୟିଙ୍କ ସହ ସାକ୍ଷାତ୍ କରିଥିବା ବେଳେ ଅନ୍ୟପଟେ ଚାଇନା ସୀମାକୁ ନେଇ ରାଜନାଥଙ୍କ ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

# ସୀମାରେ ୫୦ ହଜାର ସେନା ମୁତୟନ କଲାଣି ଚାଇନା

ବେଜିଂ,୧୧।୯

ଗୋଟିଏ ପଟେ ଚାଇନା ଭାରତ ସହ ଶାନ୍ତି କଥାବାର୍ତ୍ତା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଅନ୍ୟପଟେ ବାସ୍ତବିକ ନିୟନ୍ତ୍ରଣ ରେଖା(ଏଲଏସି)ରେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଥିବା ସୂଚନା ମଳିଛି। କିଛି ଗଣମାଧମ ସୂଚନାରୁ ଜଣାପଡିଛି ଚାଇନା ଏବେ ଏଲଏସିରେ ୫୦ ହଜାର ସେନା ମୁତୟନ କରି ସାରିଲାଣି। ଏହାପରେ ଭାରତ-ଚାଇନା ସୀମା ଉପରେ ନଜର ରଖିବାକୁ ଏଚ-୬ ବମ୍ବରକୁ ମଧ ଲଗାଇ ଦିଆଯାଇଛି। ଏକ ରିପୋର୍ଟରୁ ମିଳିଥିବା ସୂଚନା ଅନୁଯାୟୀ, ପୋଙ୍ଗୟାଙ୍ଗ ବିବାଦ ପରେ ଚାଇନା ଏଲଏସିରେ ୫୦ ହଜାର ସେନା ମୁତୟନ କରି ରଖିଛି। ଏହାସହ ଏୟାରକ୍ରାପ୍ଟ ଓ ଅଧିକ ରେଞ୍ଜ କ୍ଷମତା ଥିମା ମିଶାଇଲ ମଧ ପ୍ରସ୍ତୁତ ରହିଛି। ତେବେ ଭାରତୀୟ ସେନାଙ୍କୁ ଉସକାଇବାକୁ ଚାଇନା ଏଭଳି କରୁଛି ବୋଲି କୁହାଯାଉଛି। ସେହିପରି ଲଦାଖରେ ମଧ ଚାଇନା ବାୟୁରେ ଲକ୍ଷ୍ୟ ଭେଦ କରିପାରୁଥିବା ମିଶାଇଲ, ରକେଟ ଫୋର୍ସ ଓ ୧୫୦ ଫାଇଟର ଏୟାର କ୍ରାପ୍ଟ ମଧ ମୁତୟନ କରିଥିବା ଜଣାପଡିଛି। ସୀମାରେ କିଛିଦିନ ତଳେ ଚାଇନା ସେନା ପଛକୁ ହଟିଯିବାକୁ ନେଇ ଚାଇନା ରାଷ୍ଟ୍ରପତି ଏକ ପ୍ରକାର ଯୁଦ୍ଧ ମନୋବୃତ୍ତି ନେଇ ଏଭଳି କରୁଥିବା କୁହାଯାଉଛି। ଚାଇନାର ସରକାରୀ ଗଣମାଧମ ଗ୍ଲୋବାଲ ଟାଇମ୍ସ କହିଛି ପ୍ରତିଦିନ ସୀମାରେ ଚାଇନା ପକ୍ଷରୁ ସେନା ମୁତନ କରାଯାଉଛି।



# ଭାଜପାରେ ସାମିଲ ହେଲେ କଙ୍ଗନାଙ୍କ ମା'

ମୁମ୍ବାଇ,୧୧।୯

ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ ଓ ମହାରାଷ୍ଟ୍ର ସରକାରଙ୍କ ମଧ୍ୟରେ ବାକ ଯୁଦ୍ଧ ଲାଗି ରହିଛି। ଏହାକୁ ନେଇ ବର୍ତ୍ତମାନ ସେଠାରେ ରାଜନୀତି ସରଗରମ। ଏହି କ୍ରମରେ କଙ୍ଗନାଙ୍କ ମା' ଆଶା ରାଣାୱତ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ସାମିଲ ହେବା ପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅପରପକ୍ଷେ କଙ୍ଗନା ମୁମ୍ବାଇସ୍ଥିତ କାର୍ଯ୍ୟାଳୟରେ ବିଏମସିର କାର୍ଯ୍ୟାନୁଷ୍ଠାନ ପରେ ତାଙ୍କ ଆଶା ରାଣାୱତ ଶିବସେନାକୁ ଟାର୍ଗେଟ କରିଛନ୍ତି।

## ଫୁର୍‌ସତ୍

# ବିବାହ କରିବାକୁ ଚାହୁଁଛନ୍ତି ସାରା

**ମୁମ୍ବାଇ:** ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟନ ନିଜର ସୁନ୍ଦର ଅଭିନୟ ପାଇଁ ବେଶ ପରିଚିତ। ଏଥିସହ ପ୍ରେମ ସମ୍ପର୍କକୁ ନେଇ ସେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ଅନେକ ଅଭିନେତ୍ରୀଙ୍କ ସହ ତାଙ୍କ ନାମ ଯୋଡ଼ି ହୋଇଥିଲେ ମଧ୍ୟ ସୈଫ୍ ଅଲ୍ଲୀ ଖାନ୍‌ଙ୍କ ଝିଅ ସାରାଙ୍କ ସହ ପ୍ରେମ ସମ୍ପର୍କକୁ ନେଇ ସେ ଚର୍ଚ୍ଚାରେ। ସାରା ମଧ୍ୟ ତାଙ୍କୁ ବେଶ୍ ପସନ୍ଦ କରନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସେମାନେ ନିଜ ସମ୍ପର୍କକୁ ନେଇ କିଛି କହି ନାହାନ୍ତି। ହେଲେ କରଣ ଜୋହରଙ୍କ ଶୋ' 'କଫି ୱିଥ୍ କରଣ'ରେ ସାରା କହିଥିଲେ, କାର୍ତ୍ତିକ ହେଉଛନ୍ତି ତାଙ୍କର କ୍ରସ। ଏଥିସହ ସେ କାର୍ତ୍ତିକଙ୍କୁ ଡେଟ କରିବାକୁ ଚାହୁଁଥିବା ମଧ କହିଥିଲେ। ଏହା ପରଠାରୁ କାର୍ତ୍ତିକ ଏବଂ ସାରାଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ଏହି ଶୋ'ରେ ସାରାଙ୍କ ସହ ବାପା ସୈଫ୍ ମଧ ଉପସ୍ଥିତ ଥିଲେ। ଝିଅ ମୁହଁରୁ ଏପରି ଶୁଣିବା ପରେ ସୈଫ୍ କହିଥିଲେ, ଯାହା ପାଖରେ ବହୁତ ଧନ ଥିବ ଏବଂ ଯିଏ ମୋ' ଝିଅର ଖର୍ଚ୍ଚ ବହନ କରିପାରୁଥିବ ମୁଁ ତା' ସହ ଝିଅକୁ ବିବାହ କରାଇବି। ଏବେ କେବଳ ଦେଖିବାକୁ ବାକି ରହିଲା କାର୍ତ୍ତିକ ସାରାଙ୍କୁ ବିବାହ କରିପାରୁଛନ୍ତି ନି ନାହିଁ।



ସାରା ଅଲ୍ଲୀ ଖାନ୍

# ହେଲ୍‌ମେଟ୍ ପିନ୍ଧି ଖାଇହେବ ସ୍ନାକ୍‌ସ

**ନୂଆଦିଲ୍ଲୀ:** ନିଷ୍ଠାର ସହ କୌଣସି କାମ କଲେ ତାହା ନିଶ୍ଚିତଭାବେ ସଫଳତାର ରାସ୍ତା ଦେଖାଇଥାଏ। ଠିକ୍ ଏମିତି କିଛି ପ୍ରମାଣ କରି ଦେଖାଇଛନ୍ତି ଭିଏତ୍‌ନାମର ତିନିଜଣ ସ୍କୁଲ ଛାତ୍ର। ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସେମାନେ ଏଭଳି ବିଶେଷ ପ୍ରକାରର ହେଲମେଟ୍ ତିଆରି କରିଛନ୍ତି, ଯାହାକୁ ପିନ୍ଧିଥିବା ସମୟରେ ସେମାନେ ସ୍ନାକ୍ସ ଖାଇପାରିବେ ଏବଂ ନାକ ମଧ କୁଣ୍ଡାଇ ପାରିବେ।

କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସ୍ୱାସ୍ଥ୍ୟକର୍ମୀମାନେ ସାରାଦିନ ପିପିଇ କିଟ୍, ଫେସ୍ ସିଲ୍ଡ, ଗ୍ଲୋବ୍‌ସ ଆଦି ସବୁ ସମୟରେ ପିନ୍ଧି ରୋଗୀ ସେବା କରୁଛନ୍ତି। ଲଗାତର ଘଣ୍ଟା ଘଣ୍ଟା ଏସବୁ ପିନ୍ଧି ରହିବା ଫଳରେ ସେମାନଙ୍କର ମଧ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଯାଉଛି। ଏମିତି କି ଫେସ୍ ସିଲ୍ଡ ଓ ହେଲମେଟ୍ ପିନ୍ଧି ସେମାନେ କିଛି ସ୍ନାକ୍ସ ମଧ ଖାଇପାରି ନ ଥାନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କର ଏହି ସମସ୍ୟାକୁ କିଛି ମାତ୍ରାରେ ସମାଧାନ କରିବା ପାଇଁ ଉଦ୍ୟମ କରିଥିଲେ ଭିଏତ୍‌ନାମର ସ୍କୁଲ ଛାତ୍ର ଟ୍ରାନ ଗୁଏନ ଖାନ ଅନ୍ (୧୪ବର୍ଷ) ଓ ଡୁ ଟ୍ରୋଙ୍ଗ୍ ମିନ୍ ଡକ୍ (୧୬ ବର୍ଷ)। ଏହି ଦୁଇ ଛାତ୍ର ଘରେ ରହି ତାଙ୍କର ଅନ୍ୟ ଜଣେ ବନ୍ଧୁଙ୍କ ସହାୟତାରେ ଏଭଳି ଏକ ହେଲମେଟ୍ ତିଆରି କରିଛନ୍ତି। କାନାଡାରେ ହୋଇଥିବା ଇଣ୍ଟରନ୍ୟାଶନାଲ ଇନଭେନସନ୍ ଇନୋଭେସନ୍ ପ୍ରତିଯୋଗିତାରେ ଛାତ୍ରମାନେ ଏହି ହେଲମେଟ୍ ପ୍ରଦର୍ଶନ କରିଥିଲେ। ହେଲମେଟର ନାଁ ରହିଛି 'ଭିହେଲ୍‌ମ'। ଏଥିରେ ଏକ ଗ୍ଲୋବ ବାକ୍ସ ରହିଛି, ଯାହାଫଳରେ ହେଲମେଟ୍ ସିଲ୍ଡ ରହିଥିଲେ ବି କିଛି ସ୍ନାକ୍ସ ଖାଇହେବ। ଏହା ସହିତ ଏକ ଟ୍ୟୁବ ରହିଛି ଯାହା ଏୟାର ପ୍ୟୁରିଫାୟର ଭଳି କାମ କରେ। ଭିହେଲ୍‌ମର ଦାମ୍ ଏବେ ୩୦୦ ଡଲାର ରଖାଯାଇଛି ଏବଂ ଏହାକୁ ଭିନ୍‌ସ୍ମାର୍ଟ ନାମକ ଏକ ସଂସ୍ଥା ଉତ୍ପାଦନ କରିବା ଆରମ୍ଭ କରିଛି।




# ପ୍ୟାଡ୍ ଓମ୍ୟାନ୍

**ଚଣ୍ଡିଗଡ଼:** ପ୍ୟାଡ୍‌ମ୍ୟାନ୍‌ଙ୍କ ଭଳି ଏବେ ପ୍ୟାଡ୍ ଓମ୍ୟାନ୍‌ଭାବେ ପରିଚିତ ହେଉଛନ୍ତି ପଞ୍ଜାବର ଆଇଆରଏସ୍ ଅଫିସର ଅମନପ୍ରୀତ୍। ଗରିବ ମହିଳା ଓ ଯୁବତୀଙ୍କୁ ସାନିଟାରୀ ପ୍ୟାଡ୍ ବାଣ୍ଟି ସେ ଏବେ ସାହାରା ପାଲଟିଛନ୍ତି। ଏବେ ସୁଦ୍ଧା ସେ ୧୨ ଲକ୍ଷ ସାନିଟାରୀ ପ୍ୟାଡ୍ ବାଣ୍ଟି ସାରିଲେଣି ଓ ତାଙ୍କର ଏହି କାମ ସବୁବେଳେ ଜାରି ରହିଥିବ ବୋଲି କହିଛନ୍ତି।

କରୋନା ସଂକ୍ରମଣ ପାଇଁ ବିଭିନ୍ନ ସ୍ଥାନରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ବହୁ ଲୋକ ସାହାଯ୍ୟ ପାଇଁ ଆଗେଇ ଆସିଥିଲେ। କେଉଁଠି ଲୋକେ ରାଶନ ସାମଗ୍ରୀ ତ କେଉଁଠି ଔଷଧ ତଥା ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେଇଥିଲେ। କିନ୍ତୁ ମହିଳାମାନଙ୍କ ସ୍ୱାସ୍ଥ୍ୟ ପାଇଁ ସାନିଟାରୀ ପ୍ୟାଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏକଥାକୁ ହୁଏତ କେହି ଦୃଷ୍ଟି ଦେଇ ନ ଥିଲେ। ତେବେ ମହିଳାଙ୍କର ଏହି ଆବଶ୍ୟକତାକୁ ଅନୁଭବ କରି ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଥିଲେ ଅମନପ୍ରୀତ। ସେଥିପାଇଁ ସେ ବିଭିନ୍ନ ବସ୍ତି ଅଞ୍ଚଳଠାରୁ ଆରମ୍ଭ କରି ଗରିବ ମହିଳା ଓ ଯୁବତୀମାନଙ୍କୁ ସାନିଟାରୀ ପ୍ୟାଡ ବାଣ୍ଟିବା ଆରମ୍ଭ କରିଥିଲେ। ତାଙ୍କର ଏଭଳି କାମ ପାଇଁ ପ୍ୟାଡ ଓମ୍ୟାନଭାବେ ଏବେ ସେ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ଏବେ ସେ ସଙ୍ଗିନୀ ସହେଲି ନାମକ ଏକ ଟ୍ରଷ୍ଟ ତିଆରି କରି ସେହି ମାଧ୍ୟମରେ ବିଭିନ୍ନ ଅଞ୍ଚଳର ମହିଳାମାନଙ୍କୁ ସାହାଯ୍ୟ କରୁଛନ୍ତି। ଟ୍ରଷ୍ଟ ମାଧ୍ୟମରେ ଏବେ ସେ ରାଜସ୍ଥାନ, ଉତ୍ତରପ୍ରଦେଶ, ତେଲେଙ୍ଗାନା, କର୍ଣାଟକ, ଦିଲ୍ଲୀ, ପଞ୍ଜାବ, ହରିୟାଣା, ଗୁଜରାଟ ଓ ପଶ୍ଚିମବଙ୍ଗରେ ଅସହାୟ ମହିଳାଙ୍କ ପାଇଁ କାମ କରୁଛନ୍ତି।

# ଜୀବନ ରକ୍ଷାରେ ଫାଷ୍ଟ୍‌ଏଡ୍




ପ୍ରଥମେ ଇଣ୍ଟରନ୍ୟାଶନାଲ ଫେଡେରେଶନ୍ ଅଫ୍ ରେଡ୍ କ୍ରସ୍ ଓ ରେଡ୍ କ୍ରିସେଣ୍ଟ ସୋସାଇଟି (ଆଇଏଫ୍‌ଆର୍‌ସି) ଦ୍ୱାରା ୨୦୦୦ ମସିହାରେ ୱାର୍ଲଡ ଫାଷ୍ଟ ଏଡ୍ ଡେ' ପାଳନ କରାଯାଇଥିଲା। ଏହାପରଠାରୁ ପ୍ରତିବର୍ଷ ବିଶ୍ୱର ଶହେରୁ ଅଧିକ ରେଡ କ୍ରସ୍ ଓ ରେଡ୍ କ୍ରିସେଣ୍ଟ ସୋସାଇଟି ସେପ୍ଟେମ୍ବର ଦ୍ୱିତୀୟ ଶନିବାର ଦିନ ବିଭିନ୍ନ କାର୍ଯ୍ୟକ୍ରମ ଓ ସମାରୋହର ଆୟୋଜନ କରି ୱାର୍ଲଡ ଫାଷ୍ଟ ଏଡ୍ ଡେ' ପାଳନ କଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଫାଷ୍ଟ ଏଡ୍‌କୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ଫାଷ୍ଟ ଏଡ୍ ସଙ୍କଟ ପରିସ୍ଥିତିରେ କେମିତି ଜୀବନ ରକ୍ଷା କରିଥାଏ ସେ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା। ଆଇଏଫ୍‌ଆର୍‌ସି ବିଶ୍ୱାସ କରେ ଯେ ଫାଷ୍ଟ ଏଡ୍ ସମସ୍ତଙ୍କ ନିକଟରେ ଉପଲବ୍ଧ ହେବା ଉଚିତ। ଏଥିରେ ସବୁଠାରୁ ଅସୁରକ୍ଷିତ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରିବା ଓ ଏହା ଏକ ବ୍ୟାପକ ବିକାଶମୂଳକ ପଦ୍ଧତିର ଅବିଚ୍ଛେଦ୍ୟ ଅଙ୍ଗ ହେବା ଆବଶ୍ୟକ। ତେବେ ସାଧାରଣ ଭାବେ କହିବାକୁ ଗଲେ ଫାଷ୍ଟ ଏଡ୍ ଡେ' ପାଳନ ପୂର୍ବରୁ ହେଉ ଅବା ଏହା ପରେ ଏବେ ସାଧାରଣ ଜନତା ଫାଷ୍ଟଏଡ୍‌କୁ ନେଇ ବେଶ୍ ସଚେତନ ଥିବା ଲକ୍ଷ୍ୟ କରାଯାଏ। ଏମିତିକି ଯାନବାହାନ ହେଉ ଅବା ଦୋକାନ ବଜାର ପ୍ରାୟ ସବୁସ୍ଥାନରେ ଫାଷ୍ଟ ଏଡ୍ ବକ୍ସ ଦେଖିବାକୁ ମିଳୁଛି। ଆଘାତକୁ ରୋକିବା ଓ ଜୀବନ ରକ୍ଷା କରିବାରେ ଫାଷ୍ଟଏଡ୍‌ର ଗୁରୁତ୍ୱ ରହିଛି।

## ସଂକ୍ଷେପରେ

### ସ୍ୱାମୀ ଅଗ୍ନିବେଶଙ୍କ ପରଲୋକ


ସ୍ୱାମୀ ଅଗ୍ନିବେଶ

**ନୂଆଦିଲ୍ଲୀ,୧୧।୯:** ବିଶିଷ୍ଟ ସାମାଜିକ କର୍ମୀ ସ୍ୱାମୀ ଅଗ୍ନିବେଶଙ୍କ ଶୁକ୍ରବାର ହୃଦଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ସେ ଗତ କିଛିଦିନ ହେଲା ଗୁରୁତର ଅସୁସ୍ଥ ଥିଲେ। ଦିଲ୍ଲୀର ଇନଷ୍ଟିଟ୍ୟୁଟ ଅଫ ଲିଭର ଏବଂ ବିଲିୟାରି ସାଇନ୍ସରେ ଚିକିତ୍ସାଧିନ ଥିଲେ। ଶୁକ୍ରବାର ସନ୍ଧ୍ୟା ୬ ଟାରେ ତାଙ୍କର ହୃଦଘାତ ହୋଇଥିଲା। ଏହାପରେ ୬.୩୦ରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଅଗ୍ନିବେଶ ୧୯୭୦ରେ ଆର୍ଯ୍ୟ ସଭା ନାମକ ଏକ ରାଜନୀତି ଦଳ ଗଠନ କରିଥିଲେ। ୧୯୭୭ ମସିହାରେ ସେ ହରିୟାଣା ବିଧାନସଭାରେ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ଏଥିସହିତ ସେ ହରିୟାଣା ସରକାରରେ ଶିକ୍ଷାମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ପରେ ୧୯୮୧ ମସିହାରେ ସେ ବାନ୍ଧୁଆ ମୁକ୍ତି ମୋର୍ଚ୍ଚା ନାମକ ଏକ ସଂଗଠନ ପ୍ରତିଷ୍ଠା କରିଥିଲେ।

### ମନ୍ତ୍ରୀ ଟୁକୁନୀ ସାହୁ, ରାଜା ସ୍ୱାଇଁଙ୍କୁ କରୋନା


ଟୁକୁନୀ ସାହୁ


ରଣେନ୍ଦ୍ର ପ୍ରତାପ ସ୍ୱାଇଁ

**ଭୁବନେଶ୍ୱର,୧୧।୯(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଦୁଇଜଣ ମନ୍ତ୍ରୀ ଶୁକ୍ରବାର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ମହିଳା ଓ ଶିଶୁ କଲ୍ୟାଣ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ସେ ଟୁଇଟ୍ ଯୋଗେ ସୂଚନା ଦେବା ସହିତ କହିଛନ୍ତି, ତାଙ୍କର କରୋନା ପଜିଟିଭ ଆସିଥିବା ବେଳେ ସେ ବର୍ତ୍ତମାନ ହୋମ୍ ଆଇସୋଲେଶନରେ ସୁସ୍ଥ ଅଛନ୍ତି। ଯେଉଁମାନେ ତାଙ୍କ ଯୋଗାଯୋଗରେ କିଛିଦିନ ମଧରେ ଆସିଛନ୍ତି ସେମାନଙ୍କୁ ଆବଶ୍ୟକ ହେଲେ ଟେଷ୍ଟ କରାଇନେବାକୁ ସେ ଅନୁରୋଧ କରିଛନ୍ତି। ଅନ୍ୟପଟେ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର(ରାଜା) ପ୍ରତାପ ସ୍ୱାଇଁ ମଧ କରୋନାରେ ସଂକ୍ରମିତ ହୋଇଥିବା ଟୁଇଟ୍‌କରି ସୂଚନା ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି, ତାଙ୍କ କରୋନା ପରୀକ୍ଷାରେ ପଜିଟିଭ ଆସିଛି। ହେଲେ ତାଙ୍କର କୌଣସି ଲକ୍ଷଣ ନାହିଁ। ଡାକ୍ତରଙ୍କ ପରାମର୍ଶକ୍ରମେ ସେ ହୋମ୍ ଆଇସୋଲେଶନରେ ଅଛନ୍ତି। ତାଙ୍କର ସମସ୍ତ କର୍ମଚାରୀ ଏବଂ ଯେଉଁମାନେ ସଂସ୍ପର୍ଶରେ ଆସିଛନ୍ତି ସମସ୍ତଙ୍କୁ ଟେଷ୍ଟିଂ କରାଇନେବାକୁ ଅନୁରୋଧ କରିଛନ୍ତି।

## ମା'ଙ୍କ ଷୋଡ଼ଶ ଉପଚାର ବେଶ







# 'କୌଣସି ଜନ୍ମରେ ବର୍ଷାଙ୍କୁ ଗ୍ରହଣ କରିବୁନି'

## ଟୁଇଟ୍‌ରେ ଲମ୍ବୁଛି ଅନୁଭବ-ବର୍ଷାଙ୍କ ବିବାଦ

**କଟକ ଅଫିସ,୧୧।୯**

ଟୁଇଟର ପ୍ଲାଟ୍‌ଫର୍ମରେ ବଢୁଛି ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ବିବାଦ। ଗୋଟିଏ ପରେ ଗୋଟିଏ ଟୁଇଟ୍ ଏହି ଘଟଣାକୁ ଅଧିକ ରୋମାଞ୍ଚକର ମୋଡ଼ ଦେଉଛି। ତେବେ ବର୍ଷାଙ୍କ ଏକ ଟୁଇଟ୍‌କୁ ଅନୁଭବ କାଉଣ୍ଟର କରି ଯାହା ଲେଖିଛନ୍ତି, ତାହା ଏବେ ସବୁଠାରୁ ଚର୍ଚ୍ଚାର ପ୍ରସଙ୍ଗ। 'ଲ ବିଲିଭ୍ସ ଇନ୍ ଏଭିଡେନ୍ସ'। ଆଇନ ପ୍ରମାଣରେ ବିଶ୍ୱାସ କରେ ବୋଲି ବର୍ଷା ଏକ ଟୁଇଟ୍‌ରେ ଲେଖିଥିଲେ। ଯାହାର ଉତ୍ତରରେ ଅନୁଭବ ଲେଖିଛନ୍ତି, '୭ବର୍ଷ ହେବ ମୁଁ ଏବଂ ମୋ ପରିବାର ଯେଉଁ ଯନ୍ତ୍ରଣା ଭୋଗୁଛୁ, ତାହା ସବୁଦିନ ପାଇଁ ଦୂରେଇ ଯିବ'। ଏହାଛଡ଼ା 'ଏ ଜନ୍ମ କିମ୍ବା କୌଣସି ଜନ୍ମରେ ବର୍ଷାଙ୍କୁ ଗ୍ରହଣ କରିବୁନି' ବୋଲି ହୋଇଥିବା ଅନ୍ୟଏକ ଟୁଇଟ୍‌କୁ ମଧ ଅନୁଭବ ନିଜ ଆକାଉଣ୍ଟରେ ରିଟୁଇଟ୍ କରିଛନ୍ତି। କୋର୍ଟ କୌଣସି ରାୟ ଦେବା ପୂର୍ବରୁ ଏଭଳି ଟୁଇଟ୍ ଦୁଇ ସେଲିବ୍ରିଟିଙ୍କ ବିବାଦକୁ ଭିନ୍ନ ଜାଗାରେ ନେଇ ପହଞ୍ଚାଇଛି।

ଅନୁଭବ-ବର୍ଷାଙ୍କ ବିବାଦ କୋର୍ଟରେ ପହଞ୍ଚି ସାରିଛି। ଶୁଣାଣିର ତାରିଖ ମଧ ଆସନ୍ତା ମାସରେ ରହିଛି। ହେଲେ ଉଭୟଙ୍କ ଟୁଇଟ୍‌କୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା। ବର୍ଷା ଅପରାହ୍ନରେ ଏକ ଟୁଇଟ୍ କରିଥିଲେ। ଯେଉଁଥିରେ ସେ ସାଇବାବା ଓ ଏକ ଦୀପର ଫଟୋ ସଂଯୋଗ କରିଥିଲେ। ତାଙ୍କୁ ଓ ତାଙ୍କ ବୈବାହିକ ଜୀବନକୁ ଆଶୀର୍ବାଦ କରନ୍ତୁ ବୋଲି ପ୍ରାର୍ଥନା କରିଥିଲେ। ଏହା ପରଠାରୁ ହିଁ ଆରମ୍ଭ ହୋଇଥିଲା ଟୁଇଟ୍ ବିବାଦ। ଗୋଟିଏ ଘଣ୍ଟା ଭିତରେ ଅନୁଭବ ୭ଟି ଟୁଇଟ୍ କରିଥିଲେ। ଏକ ଟୁଇଟ୍‌ରେ ଅନୁଭବ ଲେଖିଛନ୍ତି, 'ଆମର କେବଳ ଏକ ସାମାଜିକ ବିବାହ ଥିଲା। ମାନସିକ ଓ ଶାରୀରିକ ସ୍ତରରେ ଆମେ ବିବାହ କରିନାହୁଁ। କାରଣ ସେ ଏଭଳି କେବେ ଚାହିଁ ନ ଥିଲେ। ଏହା ହେଉଛି ସତ। ସର୍ବସାଧାରଣରେ ଏଭଳି ଲେଖୁଥିବାରୁ ମୁଁ ନିଜକୁ ଲଜ୍ଜିତ ଅନୁଭବ କରୁଛି। ମୋତେ କ୍ଷମା କରନ୍ତୁ ବୋଲି ଏମ୍‌ପି ଅନୁଭବ ଲେଖିଛନ୍ତି। ଏହାର କିଛି ସମୟ ପରେ ଅନୁଭବ ଏକ ରିଟୁଇଟ୍ କରିଥିଲେ, ଯେଉଁଥିରେ ବର୍ଷାଙ୍କୁ ମୁଁ କିମ୍ବା ମୋ ପରିବାର ଆଦୌ ଗ୍ରହଣ କରିବୁ ନାହିଁ। ଏ ଜନ୍ମ କିମ୍ବା କୌଣସି ଜନ୍ମରେ ବର୍ଷାଙ୍କୁ ଗ୍ରହଣ କରିବୁନି ବୋଲି ଏଥିରେ ଲେଖାଥିଲା। ଏହାକୁ ଏମ୍‌ପି ଅନୁଭବ ରିଟୁଇଟ୍ କରିଛନ୍ତି।

VARSHA PRIYADARSHINI @Varsh... · 4h
Often the most powerful statement is dignified silence 🙏One should not influence people with wrong intentions 🙏Law will take it's own course 🙏Law believes in evidence 🙏TRUTH IS THE ULTIMATE REALITY & IT IS GOD🙏PLEASE KEEP PRAYING & BLESSING ME, FOR MY MARRIAGE🙏

Anubhav Mohanty @Anubhav... · 2h
Has Hon'ble madam ever been my wife in reality !?!? It's just a social marriage. Ours has never been mental or physical marriage because she never ever wanted or even tried! This is the reality ! I'm feeling extremely ashamed and f writing all this in public. I'm very sorry.

### ମାନବାଧିକାର କର୍ମୀଙ୍କୁ ନେଇ ପ୍ରଶ୍ନ

ଅନ୍ତର୍ଜାତୀୟ ମାନବାଧିକାର କମିଶନ୍‌ର ରାଜ୍ୟ ମହିଳା ସଭାପତି ଗୀତାଶ୍ରୀ ଦାସଙ୍କ ନେତୃତ୍ୱରେ କେତେଜଣ ମାନବାଧିକାର କର୍ମୀ ଗୁରୁବାର ବର୍ଷା-ଅନୁଭବଙ୍କ ବିବାଦର ସମାଧାନ କରିବା ପାଇଁ ଆଗେଇ ଆସିଥିଲେ। କର୍ମୀମାନେ ଅନୁଭବଙ୍କ ଚୌଧୁରୀବଜାରସ୍ଥିତ ବାସଭବନକୁ ଯାଇ ଆପୋସ ବୁଝାମଣା ଦ୍ୱାରା ଏହି ବିବାଦର ସମାଧାନ କରିବାକୁ ଚେଷ୍ଟା କରିଥିଲେ ବୋଲି ଗଣମାଧମ ନିକଟରେ ପ୍ରକାଶ କରିଥିଲେ। ହେଲେ ବର୍ଷାଙ୍କ ସହ ଆଲୋଚନା ହୋଇଥିବାବେଳେ ଶୁକ୍ରବାର ଅନୁଭବ ନିଜ ମତ ଦେବେ ବୋଲି କହିଥିଲେ। ଏପରି କି ପୂର୍ବାହ୍ନ ୧୧ଟା ବେଳେ ଆସିବାକୁ ଅନୁଭବ ସମୟ ଦେଇଥିଲେ ବୋଲି ଗୀତାଶ୍ରୀ ସୂଚନା ଦେଇଛନ୍ତି। ହେଲେ ଶୁକ୍ରବାର ନିର୍ଦ୍ଧାରିତ ସମୟରେ ଗୀତାଶ୍ରୀ ପହଞ୍ଚିବା ବେଳକୁ ଅନୁଭବ ଅନୁପସ୍ଥିତ ଥିଲେ। ଅନୁଭବଙ୍କ ସାକ୍ଷାତ ହୋଇନି ବୋଲି ଗୀତାଶ୍ରୀ ଗଣମାଧମରେ ପ୍ରତିକ୍ରିୟା ଦେବା ପରେ ଅନୁଭବ ଏକ ଟୁଇଟ୍‌ରେ ଗୀତାଶ୍ରୀଙ୍କ ହସ୍ତକ୍ଷେପକୁ ନେଇ ପ୍ରଶ୍ନ କରିଛନ୍ତି। ଗୀତାଶ୍ରୀ ହେଉଛନ୍ତି ବର୍ଷାଙ୍କ 'ସମ୍ମାନିତା' ସଂସ୍ଥାର ସଦସ୍ୟା। ଏପରି କି ମାନବାଧିକାର ସଦସ୍ୟା ତାଙ୍କୁ ଠକିଛନ୍ତି ବୋଲି ଅନୁଭବ ଏକ ଟୁଇଟ୍‌ରେ ଲେଖିଛନ୍ତି। ଏ ସମ୍ପର୍କରେ ଗୀତାଶ୍ରୀ କହିଛନ୍ତି, ଅନୁଭବଙ୍କ ଠାରୁ ଏଭଳି ମନ୍ତବ୍ୟ ଆଶା କରୁ ନ ଥିଲୁ। ଆମେ ଏହି ସମ୍ପର୍କକୁ ଯୋଡ଼ିବାକୁ ଚାହୁଁଛୁ। ସେ ଆମ ସହ ଆଲୋଚନା କରିବେ ବୋଲି ଆଶାବାଦୀ ରହିଛୁ।

## କରୋନା ସଂକ୍ରମଣ ସ୍ଥିତି

(ଶୁକ୍ରବାର ରାତି ୧୦ଟା ସୁଦ୍ଧା)

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୮,୪୪୯,୮୮୪ | ୯,୧୫,୫୩୪ | ୨୦,୪୪୫,୬୪୭ |
| ଭାରତ | ୪୬,୨୧,୧୮୩ | ୭୬,୯୧୪ | ୩୫,୯୮,୭୩୨ |
| ଓଡ଼ିଶା | ୧,୪୩,୧୧୭ | ୬୦୫(+୫୩) | ୧,୧୨,୦୬୨ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଓଡ଼ିଶାରେ ୬୦୦ ଟପିଲା କରୋନା ମୃତ୍ୟୁ

## ପୁଣି ରେକର୍ଡ: ୩,୯୯୬ ଚିହ୍ନଟ, ୧୪ ମୃତ

- ୨୭ ଜିଲାରୁ ମଲେଣି ୬୦୫, ଗଞ୍ଜାମରୁ ୨୧୪
- ଅଣାୟତ୍ତ ଖୋର୍ଦ୍ଧା: ଆଉ ୬୦୬ ପଜିଟିଭ୍, ଗଲା ୫ ଜୀବନ

**ଭୁବନେଶ୍ୱର,୧୧।୯(ବ୍ୟୁରୋ)**

ରାଜ୍ୟରେ କରୋନା ଭୟଙ୍କର ରୂପ ନେଲାଣି। ସଂକ୍ରମଣ ଯେମିତି ଅଣାୟତ୍ତ ହୋଇପଡୁଛି, ମୃତ୍ୟୁ ସଂଖ୍ୟା ମଧ ସେମିତି ବଢୁଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ସଂକ୍ରମଣ ଆଉଏକ ନୂଆ ରେକର୍ଡ ସୃଷ୍ଟି କରିଛି। ପରୀକ୍ଷଣ ହୋଇଥିବା ୫୦,୦୪୪ ନମୁନାରୁ ସର୍ବାଧିକ ୩୯୯୬ ରିପୋର୍ଟ ପଜିଟିଭ୍ ଆସିଥିବାବେଳେ ୧୪ ଜୀବନ ନେଇଛି ଏହି ଘାତକ ମହାମାରୀ। ମୃତକଙ୍କ ମଧରେ ଖୋର୍ଦ୍ଧାରୁ ସର୍ବାଧିକ ୫ଜଣ ଥିବାବେଳେ ଏଥିମଧରୁ କେବଳ ଭୁବନେଶ୍ୱରରୁ ୪ଜଣ ରହିଛନ୍ତି। ସେହିଭଳି ପୁରୀରୁ ୩, ମୟୂରଭଞ୍ଜ ୨, କଟକ, କଳାହାଣ୍ଡି, କୋରାପୁଟ ଓ ସମ୍ବଲପୁରରୁ ଜଣେ ଲେଖାଏ ମରିଛନ୍ତି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୬୦୫ରେ ପହଞ୍ଚିଥିବାବେଳେ ଗଞ୍ଜାମ ଜିଲା ଏବେବି ଏକନମ୍ବର ସ୍ଥାନରେ ରହିଛି। ଏହି ଜିଲାରେ ସର୍ବାଧିକ ୨୧୪ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ତେବେ ଦ୍ୱିତୀୟ ସ୍ଥାନରେ ଥିବା ଖୋର୍ଦ୍ଧାରେ ମୃତ୍ୟୁ ସଂଖ୍ୟା ୮୭ ଛୁଇଁଥିବାବେଳେ କଟକରେ ୪୨, ସୁନ୍ଦରଗଡ଼ ୩୮, ରାୟଗଡ଼ା ୩୨, ପୁରୀ ୨୫, ଗଜପତି ୧୮, ସମ୍ବଲପୁର ୧୬, ନୟାଗଡ଼ ୧୫, କନ୍ଧମାଳ ଓ ବାଲେଶ୍ୱର ୧୪ଜଣ ଲେଖାଏ ଏବଂ ଭଦ୍ରକରେ ୧୦ଜଣଙ୍କ ଜୀବନ ଯାଇଛି। ବାକି ୧୫ ଜିଲାରେ ମୃତ୍ୟୁ ସଂଖ୍ୟା ଏହାଠାରୁ କମ୍ ରହିଛି। ବର୍ତ୍ତମାନ ସୁଦ୍ଧା ନୂଆପଡ଼ା, ବୌଦ୍ଧ ଓ ଦେବଗଡ଼ ଜିଲାରେ ଗୋଟିଏ ବି ଜୀବନ ନେଇପାରିନି କରୋନା।

ଅପରପକ୍ଷରେ ସଂକ୍ରମଣରେ ଏବେ ବି ଖୋର୍ଦ୍ଧା ଜିଲା ଶୀର୍ଷରେ ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୨,୩୫୯ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୧,୬୩୭ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ତେବେ ଏଥିମଧରୁ କେବଳ ଖୋର୍ଦ୍ଧାରୁ ସର୍ବାଧିକ ୬୦୬ ରହିଥିବାବେଳେ କଟକ ୩୫୪, ପୁରୀ ୨୭୯, ବାଲେଶ୍ୱର ୨୦୯, ମୟୂରଭଞ୍ଜ ୧୬୦, ନବରଙ୍ଗପୁର ୧୫୧, ଅନୁଗୋଳ ୧୩୮, କେନ୍ଦ୍ରାପଡ଼ା ୧୩୦, ବଲାଙ୍ଗୀର ୧୨୪, ଜଗତ୍‌ସିଂହପୁର ୧୨୨, ଯାଜପୁର ୧୧୯, ଭଦ୍ରକ ୧୧୨, ରାୟଗଡ଼ା ୧୦୫ ଓ ନୂଆପଡ଼ା ୧୦୩ ରିପୋର୍ଟ ପଜିଟିଭ୍ ଆସିଛି। ଅନ୍ୟ ଜିଲାରୁ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ତଳକୁ ରହିଛି। ଏହାକୁ ମିଶାଇ ଏବେ ରାଜ୍ୟରେ ସଂକ୍ରମଣ ୧,୪୩,୧୧୭କୁ ବୃଦ୍ଧି ପାଇଛି। ରାଜ୍ୟରେ ଏପର୍ଯ୍ୟନ୍ତ ୨୩ଲକ୍ଷ ୨୩ ହଜାର ୬୪୧ ନମୁନା ପରୀକ୍ଷା ହୋଇଥିବାବେଳେ ଏହାର ୬.୧୬% ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

# ଆକ୍ରାନ୍ତଠାରୁ ଅଧିକ ସୁସ୍ଥ: ୪୦୬୧ ଆରୋଗ୍ୟ

**ଭୁବନେଶ୍ୱର,୧୧।୯(ବ୍ୟୁରୋ)**

ରାଜ୍ୟରେ ସଂକ୍ରମଣକୁ ଚିନ୍ତା ବଢ଼ିଛି। ହେଲେ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଖୁସି ଖବର ଦେଇଛି। ଆକ୍ରାନ୍ତଙ୍କଠାରୁ ଅଧିକ ସଂଖ୍ୟକ ସୁସ୍ଥ ହୋଇଥିବାରୁ ଆଶ୍ୱସ୍ତି ମିଳିଛି। ୨୪ ଘଣ୍ଟାରେ ମୋଟ ୩୯୯୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ରେକର୍ଡ ସଂଖ୍ୟକ ୪୦୬୧ ସୁସ୍ଥ ହୋଇଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭୪୪ ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ କଟକରୁ ୪୨୫, ସୁନ୍ଦରଗଡରୁ ୨୬୭, ବରଗଡରୁ ୨୪୪, ମୟୂରଭଞ୍ଜରୁ ୨୪୦, ବାଲେଶ୍ୱରରୁ ୧୮୭, ଯାଜପୁରରୁ ୧୮୫, କେନ୍ଦ୍ରାପଡାରୁ୧୭୯, ଅନୁଗୋଳରୁ ୧୬୭, ଗଞ୍ଜାମରୁ ୧୫୭, ପୁରୀରୁ ୧୩୨, ଭଦ୍ରକ, ଜଗତ୍‌ସିଂହପୁର ଓ ଝାରସୁଗୁଡାରୁ ୧୩୦ ଲେଖାଏ, କେନ୍ଦୁଝରରୁ ୭୮, ସମ୍ବଲପୁରରୁ ୭୭, କୋରାପୁଟରୁ ଓ ନୂଆପଡାରୁ ୭୪ ଲେଖାଏ, ନବରଙ୍ଗପୁରରୁ ୫୯, ଢେଙ୍କାନାଳରୁ ୫୦, ନୟାଗଡରୁ ୪୮, ରାୟଗଡାରୁ ୪୫, କଳାହାଣ୍ଡିରୁ ୩୭, ବଲାଙ୍ଗୀରରୁ ୩୩, ସୁବର୍ଣ୍ଣପୁରରୁ ୩୩, କନ୍ଧମାଳରୁ ୩୨, ବୌଦ୍ଧରୁ ୩୧, ଦେବଗଡରୁ ୨୬, ମାଲକାନଗିରିରୁ ୨୪ ଓ ଗଜପତିରୁ ୨୩ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୧,୧୨୦୬୨କୁ ବୃଦ୍ଧି ପାଇଛି।




# ବାଲେଶ୍ୱରରେ ଆଉ ଏକ କୋଭିଡ୍ ହସ୍ପିଟାଲ

- ସ୍ଥିତି ସମୀକ୍ଷା ପରେ ମୁଖ୍ୟ ଶାସନ ସଚିବଙ୍କ ଘୋଷଣା
- 'ଜନସମ୍ପର୍କ' ଅଭିଯାନ ଆରମ୍ଭ କରିବାକୁ ନିର୍ଦ୍ଦେଶ

**ବାଲେଶ୍ୱର ଅଫିସ, ୧୧।୯**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ମୁଖ୍ୟଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ତଥା ବାଲେଶ୍ୱର ଜିଲା କୋଭିଡ ପର୍ଯ୍ୟବେକ୍ଷକ ମଧୁସୂଦନ ପାଢ଼ୀ ଏବଂ ନିର୍ଦ୍ଦେଶକ, ଡିଏମଇଟି ଡା. ସି.ବି.କେ ମହାନ୍ତି ହେଲିକପ୍ଟର ଯୋଗେ ବାଲେଶ୍ୱର ପହଞ୍ଚି କୋଭିଡ ସ୍ଥିତିର ସମୀକ୍ଷା କରିଛନ୍ତି। ମୁଖ୍ୟ ଶାସନ ସଚିବ ଜ୍ୟୋତି କୋଭିଡ଼ ହସ୍‌ପିଟାଲ, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ ବୁଲି ବାସ୍ତବ ସ୍ଥିତିର ଅନୁଧ୍ୟାନ କରିଥିଲେ। ପରେ ମୁଖ୍ୟ ଶାସନ ସଚିବ ତ୍ରିପାଠୀ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦେବଙ୍କ ସମେତ ବରିଷ୍ଠ ଅଧିକାରୀ ଓ ଚିକିତ୍ସକମାନଙ୍କ ସହ ଜିଲାରେ ଉପଲବ୍ଧ କୋଭିଡ୍ ଚିକିତ୍ସାର ସୁବିଧା ବିଷୟରେ ସମୀକ୍ଷା କରିଥିଲେ।

ସମୀକ୍ଷା ପରେ ମୁଖ୍ୟ ଶାସନ ସଚିବ କହିଥିଲେ, ବର୍ତ୍ତମାନ ପର୍ଯ୍ୟନ୍ତ ବାଲେଶ୍ୱର ଜିଲାରେ କୋଭିଡ୍ ପରିଚାଳନା ସନ୍ତୋଷଜନକ ରହିଛି। ମୃତ୍ୟୁହାର ୦.୩% ରହିଛି ଯାହାକି ଅନ୍ୟାନ୍ୟ ଜିଲା ଠାରୁ କମ୍। କୋଭିଡ୍ ପରିଚାଳନା ପାଇଁ ମୁଖ୍ୟ ଶାସନ ସଚିବ ଜିଲା ପ୍ରଶାସନ ଏବଂ କୋଭିଡ ଚିକିତ୍ସାରେ ନିୟୋଜିତ ଥିବା ସମସ୍ତ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସାଧୁବାଦ ଜଣାଇଥିଲେ। ସେହିପରି ଭବିଷ୍ୟତର ସମ୍ଭାବ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ଼ ହସପିଟାଲ ଖୁବ୍‌ଶୀଘ୍ର ପ୍ରତିଷ୍ଠା କରାଯିବ। ଏଥିରେ ଆଇସିୟୁ ଏବଂ କୋଭିଡ ରୋଗୀମାନଙ୍କ ନିମନ୍ତେ ଅପରେଶନ ଥିଏଟର ରହିବ। ଏହି ହସ୍‌ପିଟାଲ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ। ବର୍ତ୍ତମାନ କାର୍ଯ୍ୟ କରୁଥିବା ଜ୍ୟୋତି କୋଭିଡ ହସ୍‌ପିଟାଲରେ ୪ଟି ନୂଆ ଆଇସିୟୁ ପ୍ରସ୍ତୁତ କରାଯିବ ଏବଂ ତୁରନ୍ତ ଆବଶ୍ୟକ ଷ୍ଟାଫ ଯୋଗାଇ ଦିଆଯିବ। ସେହିପରି କୋଭିଡ ନିରାକରଣ ଅଭିଯାନକୁ ଆହୁରି ସୁଦୃଢ଼ କରିବା ପାଇଁ 'ଜନସମ୍ପର୍କ ଅଭିଯାନ' ଆରମ୍ଭ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯାନ ମାଧମରେ ସମ୍ବେଦନଶୀଳ ବ୍ୟକ୍ତି ଯେପରିକି ବୃଦ୍ଧ, ବୟସ୍କ, ଗର୍ଭବତୀଙ୍କ ସମେତ ଅନ୍ୟ ରୋଗରେ ଆକ୍ରାନ୍ତ ଥିବା ଲୋକମାନଙ୍କୁ ଚିହ୍ନଟ କରାଯିବ। ଜିଲାରେ ଚାଲିଥିବା ସ୍ୱତନ୍ତ୍ର କୋଭିଡ୍ କଲ୍ ସେଣ୍ଟର ବ୍ୟବସ୍ଥାର କାର୍ଯ୍ୟକାରିତାକୁ ନେଇ ମୁଖ୍ୟ ଶାସନ ସଚିବ ସନ୍ତୋଷ ପ୍ରକାଶ କରିଥିଲେ। ଏହି କଲ ସେଣ୍ଟର ମାଧମରେ 'ହୋମ-ଆଇସୋଲେଶନ'ରେ ଥିବା ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ସହ ସେମାନଙ୍କୁ ଚିକିତ୍ସା ସମ୍ବନ୍ଧିତ ପରାମର୍ଶ ଦେବା ପାଇଁ କହିଥିଲେ। ବିଶେଷ କରି ରାତ୍ରିକାଳୀନ ଆମ୍ବୁଲାନ୍ସର ବ୍ୟବସ୍ଥା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଗସ୍ତ ସମୟରେ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଫକୀରମୋହନ ମେଡିକାଲ କଲେଜ ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର (ଡା.) ରାମଚନ୍ଦ୍ର ଗିରି ପ୍ରମୁଖ ଉପସ୍ଥିତ ରହି ଜିଲାରେ କୋଭିଡ଼ ପରିଚାଳନା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ।


କୋଭିଡ୍ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଓ ଅନ୍ୟ ଅଧିକାରୀମାନେ।

**ଆଜିର ମନ୍ତବ୍ୟ**

'ମାର୍କ ସିଟ୍' ଛାତ୍ରଛାତ୍ରୀଙ୍କ ପାଇଁ 'ପ୍ରେସର ସିଟ୍' ଏବଂ ମାତାପିତାଙ୍କ ପାଇଁ 'ପ୍ରେଷ୍ଟିଜ୍ ସିଟ୍' ହୋଇଯାଇଛି। ସେମାନଙ୍କ ଉପରୁ ଏହି ଚାପ ହଟାଇବା ନୂଆ ଶିକ୍ଷାନୀତିର ଲକ୍ଷ୍ୟ।
—ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉଷା ପାଢ଼ୀଙ୍କ ବିରୋଧରେ ଗିରଫ ପରୱାନା

**କଟକ ଅଫିସ,୧୧।୯**

ପ୍ରାଥମିକ ଶିକ୍ଷକ ନିଯୁକ୍ତି ଅନିୟମିତତା ମାମଲାରେ ତତ୍କାଳୀନ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ସଚିବ ଉଷା ପାଢ଼ୀଙ୍କ ବିରୋଧରେ ଶୁକ୍ରବାର ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ ସାନି ଜାମିନଯୁକ୍ତ ଗିରଫ ପରୱାନା(ବିଏଡବ୍ଲ୍ୟୁ) ଜାରି କରିଛି। ୨୦୧୨ରେ ପାଢ଼ୀ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ଥିବା ସମୟରେ ଶିକ୍ଷକ ନିଯୁକ୍ତିକୁ ନେଇ ହୋଇଥିବା ଅନିୟମିତତାରେ ସମ୍ପୃକ୍ତି ଥିବା ଦର୍ଶାଇ ଏହି ବିଏଡବ୍ଲ୍ୟୁ ଜାରି କରାଯାଇଛି ବୋଲି ଓଡ଼ିଶା ହାଇକୋର୍ଟର ଆଇନଜୀବୀ ସୌମେନ୍ଦ୍ର ବାରିକ ସୂଚନା ଦେଇଛନ୍ତି। ପୂର୍ବରୁ ଟ୍ରିବ୍ୟୁନାଲର ଯୁଗ୍ମ ଖଣ୍ଡପୀଠ ନିଯୁକ୍ତିରୁ ବଞ୍ଚିତ ହୋଇଥିବା ଦୁଇଜଣ ଆବେଦନକାରୀଙ୍କ ମାମଲାର ବିଚାରକରି ଉଭୟଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲେ। ଫଳରେ ତତ୍କାଳୀନ ସଚିବ ପାଢ଼ୀ



ଏବଂ ଅନ୍ୟ ଅଧିକାରୀଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା। ପାଢ଼ୀ ବର୍ତ୍ତମାନ କେନ୍ଦ୍ରୀୟ ଡେପୁଟେଶନରେ ଥାଇ ବେସାମରିକ ବିମାନ ଚଳାଚଳର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଆଇନଜୀବୀ ସୌମେନ୍ଦ୍ରଙ୍କ କହିବାନୁଯାୟୀ, ପାଢ଼ୀଙ୍କ ବିରୋଧରେ ଦ୍ୱିତୀୟଥର ପାଇଁ ବିଏଡବ୍ଲ୍ୟୁ ଜାରି କରାଯାଇଛି। ୨୦୧୫ରେ ଯେତେବେଳେ ପାଢ଼ୀଙ୍କ ବିରୋଧରେ ପ୍ରଥମ ବିଏଡବ୍ଲ୍ୟୁ ଜାରି କରାଯାଇଥିଲା ସେ ସମୟରେ ରାଜ୍ୟ ସରକାର ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେତେବେଳେ ତାଙ୍କ ଗିରଫଦାରି ଉପରେ ରହିତାଦେଶ ସୁପ୍ରିମକୋର୍ଟ ଜାରି କରିଥିଲେ। ହେଲେ ଗତବର୍ଷ ଯେତେବେଳେ ହାଇକୋର୍ଟଙ୍କ ଯୁଗ୍ମ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି ଶେଷ କଲେ, ସେତେବେଳେ ଉକ୍ତ ରହିତାଦେଶ ପାଢ଼ୀଙ୍କ ଉପରୁ ଉଠିଯାଇଥିଲା। ଗତ ଜୁନ୍ ୨୮ରେ ଉକ୍ତ ଅଦାଲତ ଅବମାନନା ମାମଲାର ପୁନଃ ଶୁଣାଣି ଆରମ୍ଭ ହେବା ସହ ଦୁଇ ଆବେଦନକାରୀଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଜାରି ହୋଇଥିଲା। ଯଦି ଉକ୍ତ ଦୁଇ ଆବେଦନକାରୀଙ୍କୁ ତୁରନ୍ତ ନିଯୁକ୍ତି ନ ଦିଆଯାଏ ତେବେ ପାଢ଼ୀଙ୍କୁ ଟ୍ରିବ୍ୟୁନାଲ ନିକଟରେ ହାଜର ହେବାକୁ କୁହାଯାଇଥିଲା। ହେଲେ ଜୁଲାଇ ୩୧ ପର୍ଯ୍ୟନ୍ତ ଏ ନେଇ କୌଣସି ପଦକ୍ଷେପ ନ ନିଆଯିବାରୁ ପାଢ଼ୀଙ୍କ ବିରୋଧରେ ସାନି ବିଏଡବ୍ଲ୍ୟୁ ଜାରି କରାଯାଇଥିବା ଜଣାପଡ଼ିଛି। ଏ ନେଇ ପାଢ଼ୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ମତାମତ ମିଳିପାରିନାହିଁ।

# ରାଜ୍ୟ ସଭାରେ ଉପସ୍ଥିତ ଲାଗି ବିଜେଡିର ହ୍ୱିପ୍

**ଭୁବନେଶ୍ୱର ୧୧।୯(ବ୍ୟୁରୋ):** ପାର୍ଲାମେଣ୍ଟ ଅଧିବେଶନ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ। ସମସ୍ତ ରାଜ୍ୟ ସଭା ସଦସ୍ୟଙ୍କୁ ଗୃହରେ ଉପସ୍ଥିତ ରହିବା ଲାଗି ବିଜେଡି ପକ୍ଷରୁ ଗୁରୁବାର ହ୍ୱିପ ଜାରି କରାଯାଇଛି। ଏନେଇ ବିଜେଡି ୩ ଧାଡିଆ ହ୍ୱିପ ଜାରି କରିଛି। ଅନ୍ୟପକ୍ଷରେ ୧୪ ତାରିଖରେ ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବାକୁ ଯାଉଛି। ଚଳିତ ଥର ଏନ୍‌ଡିଏ ତରଫରୁ ଜେଡି(ୟୁ) ଏମ୍‌ପି ହରିବଂଶ ନାରାୟଣ ସିଂହଙ୍କୁ ପ୍ରାର୍ଥୀ କରାଯାଇଛି। ଅନ୍ୟପଟେ ମିଳିତ ବିରୋଧୀଙ୍କ ପକ୍ଷରୁ ଆର୍‌ଜେଡି ଏମ୍ ମନୋଜ ଝାଙ୍କୁ ପ୍ରାର୍ଥୀ କରାଯାଇଛି। ଗୁରୁବାର ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ସଭାପତି ନୀତିଶ କୁମାର ଟେଲିଫୋନ ଯୋଗ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କଥା ହୋଇ ହରିବଂଶଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ ଦେବାକୁ ଅନୁରୋଧ କରିଥିଲେ। ବିଜେଡି ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି ଯେ, ଦଳ ପକ୍ଷରୁ ୧୪ରେ ରାଜ୍ୟ ସଭାରେ ସମସ୍ତେ ଉପସ୍ଥିତ ରହିବାକୁ କୁହାଯାଇଛି। ସେଦିନ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବାକୁ ଯାଉଥିବା କୁହାଯାଇଛି। ଅନ୍ୟପଟେ କେଉଁ ପ୍ରାର୍ଥୀଙ୍କୁ ସମର୍ଥନ ଦିଆଯିବ ସେନେଇ ଦଳର ସଭାପତି ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଚାଷୀଙ୍କ ପାଇଁ ୩୦୦ କୋଟିର ...

ମଧ୍ୟମ ମିଆଦୀ ଋଣରେ ପରିବର୍ତ୍ତନ କରାଯିବ। ପ୍ରଭାବିତ ଅଞ୍ଚଳରେ କ୍ଷୁଦ୍ର ମିଆଦୀ ଖରିଫ ଋଣ ବର୍ଷକ ପାଇଁ ଅର୍ଥାତ୍ ୨୦୨୨ ପର୍ଯ୍ୟନ୍ତ ଏହାକୁ ମଧ୍ୟମ ଅବଧିକୁ ବୃଦ୍ଧି କରାଯିବ। ୨୦୨୦ ଅକ୍ଟୋବର ପହିଲାରୁ ଚାଷୀଙ୍କୁ ରବି ଫସଲ ପାଇଁ ଋଣ ଯୋଗାଇ ଦିଆଯିବ।

ସେହିପରି ବନ୍ୟାରେ ମୃତ୍ୟୁ ହୋଇଥିବା ଗୃହପାଳିତ ପ୍ରାଣୀଙ୍କ ପାଇଁ ୩୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ୩ ଦୁହାଁଳିଆ ଗାଈ ଏବଂ ମଇଁଷି ପାଇଁ ୨୫ ହଜାର ଟଙ୍କା ଏବଂ କ୍ଷୀର ଦେଉ ନ ଥିବା ଗାଈ ଓ ମଇଁଷି ପାଇଁ ୨୫ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦିଆଯିବ। ସେହିପରି ୬ ବାଛୁରି ପାଇଁ ପ୍ରତ୍ୟେକ ପିଛା ୧୬ ହଜାର ଟଙ୍କା, ଛେଳିଙ୍କ ପାଇଁ ୩ ହଜାର ସର୍ବାଧିକ ୩୦ଟି ଛେଳି ପାଇଁ ସହାୟତା ରାଶି ପ୍ରଦାନ କରାଯିବ। ୫ ହଜାର କୁକୁଡ଼ା ପାଇଁ ପ୍ରତି କୁକୁଡା ପିଛା ୫୦ ଟଙ୍କା ଲେଖାଏ ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି।

ସେହିପରି ମାଛ ପୋଖରୀ କ୍ଷୟକ୍ଷତି ପାଇଁ ଚାଷୀଙ୍କୁ ପ୍ରତି ହେକ୍ଟରକୁ ୧୨ ହଜାର ୨୦୦ ଟଙ୍କା ପ୍ରଦାନ କରାଯିବ। ମାଛ ପୋଖରୀକୁ ପୁନରୁଦ୍ଧାର କରିବା ପାଇଁ ପ୍ରତି ହେକ୍ଟରକୁ ୮ହଜାର ୨୦୦ ଟଙ୍କାର ଇନପୁଟ୍ ସବ୍‌ସିଡ୍ ପ୍ରଦାନ କରିବାକୁ ଘୋଷଣା କରାଯାଇଛି। ବୁଣାକାର ଓ ହସ୍ତଶିଳ୍ପୀ କାରିଗରଙ୍କ ପାଇଁ ଏହି ସ୍ୱତନ୍ତ୍ର ପ୍ୟାକେଜରେ ସହାୟତା ଘୋଷଣା କରାଯାଇଛି। ପ୍ରତ୍ୟେକ ବୁଣାକାରଙ୍କୁ ଯନ୍ତ୍ରପାତି କ୍ରୟ କରିବାକୁ ୪ ହଜାର ୧୦୦ ଟଙ୍କା ଏବଂ ୪୧୦୦ ଟଙ୍କା କଞ୍ଚାମାଲ କ୍ଷତିପୂରଣ ବାବଦରେ ଆର୍ଥିକ ସହାୟତା ପ୍ରଦାନ କରାଯିବ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗ୍ରାମପଞ୍ଚାୟତ ରାସ୍ତା, ଖେଳପଡିଆ, କେନାଲ, ପୋଖରୀ, ଗୁହାଳ ଇତ୍ୟାଦି ମରାମତି କ୍ଷେତ୍ରକୁ ସାମିଲ କରାଯିବାକୁ ଘୋଷଣା କରାଯାଇଛି।

### ସଫେଇ କର୍ମଚାରୀଙ୍କ ...

କଲ୍ୟାଣ, ଅଧିକାର ଓ ମର୍ଯ୍ୟାଦା ପାଇଁ ଲଢ଼େଇ କରିଛନ୍ତି। ପରିମଳକୁ ଗାନ୍ଧିଜୀ ସ୍ୱାଧୀନତାଠାରୁ ଅଧିକ ଗୁରୁତ୍ୱ ଦେଉଥିଲେ। ବାପୁଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଜ୍ୟ ସରକାରଙ୍କ ଗରିମା ଯୋଜନା ବାପୁଙ୍କ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାପୁଙ୍କ ସ୍ୱପ୍ନକୁ ସାକାର କରିବା ସହିତ ସଫେଇ କର୍ମଚାରୀମାନଙ୍କୁ ସମାଜରେ ସେମାନଙ୍କ ଉଚିତ ସ୍ଥାନ ଦେବାରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସେହିପରି କୋଭିଡ୍ ଯୁଦ୍ଧ ସମୟରେ ସେମାନେ ଯେପରି ନିଜର ଜୀବନକୁ ବିପଦରେ ପକାଇ ସେବା କରି ଚାଲିଛନ୍ତି ମୁଖ୍ୟମନ୍ତ୍ରୀ ତା'ର ଉଚ୍ଚ ପ୍ରଶଂସା କରିଛନ୍ତି। ରାଜ୍ୟରେ ଚାଲିଥିବା ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ କ୍ଷେତ୍ରରେ ଏହା ଆଉ ଏକ ସଫଳ ଅଧ୍ୟାୟ ଆରମ୍ଭ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ପରିମଳ କର୍ମଚାରୀଙ୍କ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରିବାରେ ଓଡିଶା ଦେଶରେ ପ୍ରଥମ ରାଜ୍ୟ। ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗରିମା ଯୋଜନା ସମ୍ପର୍କିତ ଏକ ଅଡିଓ ଏବଂ ଲୋଗୋ ଉନ୍ମୋଚନ କରିଛନ୍ତି। ଗରିମା ଯୋଜନାକୁ ଆଗେଇ ନେବା ପାଇଁ ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ବିଭାଗ ଏବଂ ଅହମ୍ମଦାବାଦର ସହରାଞ୍ଚଳ ପରିଚାଳନା ସେଣ୍ଟର ମାଧ୍ୟମରେ ବୈଷୟିକ ସହଯୋଗ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଏହି କାର୍ଯ୍ୟକ୍ରମରେ ନଗର ଉନ୍ନୟନ ବିଭାଗ ସଚିବ ଜି.ମାଥିଭାଥନନ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଏବଂ ନଗର ଉନ୍ନୟନର ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ରିଆ, ସୌଭିକ୍‌ଙ୍କ ...

ଏନ୍‌ସିବି ତାଙ୍କୁ ଗିରଫ କରିଥିଲା। ସେ ସୁଶାନ୍ତ ସିଂ ରାଜପୁତ୍‌ଙ୍କ ପାଇଁ ଡ୍ରଗ୍ସ ଯୋଗାଉଥିଲେ ବୋଲି ସ୍ୱୀକାର କରିବା ପରେ ତାଙ୍କୁ ଗିରଫ କରାଯାଇ ଭିଡିଓ କନ୍‌ଫରେନ୍ସ ଜରିଆରେ କୋର୍ଟରେ ହାଜର କରାଯାଇଥିଲା। ସେତେବେଳେ ରିଆ ଜାମିନ ପାଇଁ ଆବେଦନ କରିଥିଲେ, ମାତ୍ର ଅଦାଲତ ଏହାକୁ ଅଗ୍ରାହ୍ୟ କରି ଦେଇଥିଲେ। ପରେ ରିଆ ଜେଲ୍‌ରେ ନିଜକୁ ସୁରକ୍ଷିତ ମନେ କରୁ ନାହାନ୍ତି, ତାଙ୍କ ବିରୋଧରେ ଯେଉଁ ଅଭିଯୋଗ କରାଯାଇଛି ସେଥିରେ କୌଣସି ସତ୍ୟତା ନାହିଁ। ଏପରି କି ଏନ୍‌ସିବି ଅଧିକାରୀମାନେ ତାଙ୍କୁ ଚାପ ପକାଇ ବୟାନ ରେକର୍ଡ କରିଛନ୍ତି। ସେ କୌଣସି ଡ୍ରଗ୍ସ କାରବାରରେ ସମ୍ପୃକ୍ତ ନାହାନ୍ତି। ତାଙ୍କୁ କେବଳ ପୁରୁଷ ଅଧିକାରୀମାନେ ଜେରା କରିଥିଲେ। ଏହି ସମୟରେ କୌଣସି ମହିଳା ଅଧିକାରୀ ନ ଥିଲେ। ତେଣୁ ରିଆଙ୍କୁ ଜାମିନ ଦିଆଯାଉ ବୋଲି ତାଙ୍କ ଓକିଲ ସତୀଶ ମାନ୍‌ସିନ୍ଧେ ଏନ୍‌ଡିପିଏସ୍‌ର ସ୍ୱତନ୍ତ୍ର ଅଦାଲତ ବିଚାରପତି ଜି.ବି. ଗୁରାଓଙ୍କ ନିକଟରେ ସାନି ଜାମିନ ଆବେଦନ କରିଥିଲେ। ଅପରପକ୍ଷରେ ଏନ୍‌ସିବି ପକ୍ଷରୁ ରିଆଙ୍କ ଜାମିନ୍‌କୁ ବିରୋଧ କରାଯାଇଥିଲା। ଜାମିନର ଶୁଣାଣି ଗୁରୁବାର ହେବାର ଥିଲା। ମାତ୍ର ଏହା ଶୁକ୍ରବାରକୁ ଘୁଞ୍ଚାଇ ଦିଆଯାଇଥିଲା। ଶୁକ୍ରବାର ଆବେଦନର ଶୁଣାଣି କରି ବର୍ତ୍ତମାନର ପରିସ୍ଥିତିରେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ଉଚିତ ହେବ ନାହିଁ ବୋଲି ଦର୍ଶାଇ ଅଦାଲତ ଏହାକୁ ଖାରଜ କରିଦେଇଛନ୍ତି।

### ୪ ସପ୍ତାହରେ ଜବାବ ...

ବସନ୍ତ ପଣ୍ଡା କହିଛନ୍ତି, ସୁପ୍ରିମ କୋର୍ଟଙ୍କ ରିପୋର୍ଟ ତଲବ ପରେ ରାଜ୍ୟ ସରକାର ଏହି ଯୋଜନାକୁ ତୁରନ୍ତ ଓଡିଶାରେ ଲାଗୁ କରନ୍ତୁ । କଂଗ୍ରେସ ଏମ୍‌ପି ସପ୍ତଗିରି ଉଲ୍ଲାକା କହିଛନ୍ତି, ଲୋକଙ୍କ ସ୍ୱାର୍ଥ ନୁହେଁ ଶ୍ରେୟ ନେବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। କାଳିଆକୁ ପିଏମ୍-କିଷାନ ଯୋଜନା ସହିତ ସରକାର ମିଶ୍ରଣ କରି ସାରିଛନ୍ତି। ସେହିଭଳି ଆୟୁଷ୍ମାନ ଭାରତକୁ ରାଜ୍ୟ ଯୋଜନାରେ ମିଶାଇ ଦେବାକୁ ଚାହୁଁଛନ୍ତି। ଆୟୁଷ୍ମାନ ଭାରତ ରାଜ୍ୟରେ ଲାଗୁ ହୋଇଥିଲେ ଲୋକମାନେ ଫାଇଦା ପାଇଥାଆନ୍ତେ। ଏହା ଅତ୍ୟନ୍ତ ପରିତାପର ବିଷୟ ବୋଲି ସେ କହିଛନ୍ତି।

### ଚେଲ୍ଲାକୁମାର ରାଜ୍ୟ କଂଗ୍ରେସର...

ବି.କେ. ହରିପ୍ରସାଦଙ୍କ ସ୍ଥାନରେ ଜିତେନ୍ଦ୍ର ସିଂହଙ୍କୁ ଓଡିଶା ପ୍ରଭାରୀ ଭାବେ ଦାୟିତ୍ୱ ଦିଆଯାଇଥିଲା। ଦେଢବର୍ଷ ପରେ ତାଙ୍କୁ ଓଡିଶା ଦାୟିତ୍ୱରୁ ହଟାଇ ଆସାମର ଏଆଇସିସି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ତାମିଲନାଡୁର ବରିଷ୍ଠ ନେତା ଚେଲ୍ଲାକୁମାର ଏବେ ଲୋକ ସଭା ସଦସ୍ୟ ଅଛନ୍ତି। ଅନ୍ୟପଟେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡିଶାର ବରିଷ୍ଠ ନେତା ଭକ୍ତ ଚରଣ ଦାସଙ୍କୁ ମିଜୋରାମ ଓ ମଣିପୁରର ପ୍ରଭାରୀ ଭାବେ ଦାୟିତ୍ୱ ମିଳିଛି। ଅନ୍ୟପଟେ ଦଳ ସିଡବ୍ଲ୍ୟୁସିର ପୁନର୍ଗଠନ ହୋଇଛି। ଏଥର ସିଡବ୍ଲ୍ୟୁସିରୁ ରାମଚନ୍ଦ୍ର ଖୁଣ୍ଟିଆ ବାଦ୍ ପଡିଛନ୍ତି।

### ବଦଳିଲା ଏଆଇସିସି...

ମୋତିଲାଲ ଭୋରା, ଅମ୍ବିକା ସୋନୀ, ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଲୁଇଜିନୋ ଫଲେରିଓଙ୍କୁ ବାଦ୍ ଦିଆଯାଇଛି। ସେହିପରି ପ୍ରଭାରୀ ଦାୟିତ୍ୱରେ ରହି ବର୍ତ୍ତମାନ ଏଥିରୁ ବାଦ୍ ପଡିଥିବା ଅନୁରାଗ ନାରାୟଣ ସିଂ, ଆଶା କୁମାରୀ, ଗୌରବ ଗୋଗୋଇ, ରାମଚନ୍ଦ୍ର ଖୁଣ୍ଟିଆଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଛି। ଅନ୍ୟପଟେ ୯ଜଣ ନେତାଙ୍କୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। କେ.ସି. ଭେଣୁଗୋପାଳଙ୍କୁ ସାଙ୍ଗଠନିକ ଦାୟିତ୍ୱ ମିଳିଥିବା ବେଳେ ଅନ୍ୟ ୮ ଜଣଙ୍କୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି। ସେହିପରି ୧୭ଜଣ ନେତାଙ୍କୁ ଆଉ କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ଅନ୍ୟପଟେ ୨୬ଜଣଙ୍କୁ ଏଆଇସିସିର ସ୍ଥାୟୀ ସଦସ୍ୟ ଏବଂ ୧୦ଜଣଙ୍କୁ ସ୍ୱତନ୍ତ୍ର ସଦସ୍ୟଭାବେ ମନୋନୀତ କରାଯାଇଛି। ସ୍ଥାୟୀ ସଦସ୍ୟ ତାଲିକାରେ ଓଡ଼ିଶାର ଭକ୍ତଚରଣ ଦାସ ସ୍ଥାନ ପାଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ମଙ୍ଗଳ ଓ ଶନିଙ୍କ ସୁପ୍ରଭାବରୁ ଆଜିର ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଯେ କୌଣସି ପରିସ୍ଥିତି ହେଲେ ମଧ୍ୟ ନିକଟସ୍ଥ ବ୍ୟକ୍ତିମାନଙ୍କୁ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। କିନ୍ତୁ କ୍ରୟ,ବିକ୍ରୟ କ୍ଷେତ୍ରରେ ସାବଧାନ ରୁହନ୍ତୁ ନଚେତ୍ ଠକାମିରେ ପଡିପାରନ୍ତି।

**ବୃଷ**
ଶୁକ୍ର ତୃତୀୟସ୍ଥ ଯୋଗୁ ହିତୈଷୀମାନଙ୍କ ତରଫରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ଭୁଲ୍ ବୁଝାମଣାରୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। ସାମାଜିକ ସ୍ତରରେ ନୂତନ ଯୋଜନାରମ୍ଭ କରି ପ୍ରଶଂସିତ ହୋଇପାରନ୍ତି।

**ମିଥୁନ**
ବୁଧ କେନ୍ଦ୍ରରେ ସ୍ୱଗୃହୀ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ କାମକରିବା ସକାଶେ ଉତ୍ସାହିତ ହେବେ ଓ ସାଫଲ୍ୟତା ହାସଲ କରିବେ। ଜମିଜମା କିମ୍ବା ଅର୍ଥ ସମ୍ପର୍କୀୟ ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ଯାତ୍ରା କାଳରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ**
ରାଶ୍ୟାଧିପ ପାପଯୁକ୍ତ ହୋଇ ବ୍ୟୟଭାବସ୍ଥ ଯୋଗୁଁ ପାରିପାର୍ଶ୍ୱିକ ସ୍ତରରେ କୌଣସି ବ୍ୟତିକ୍ରମ ଦୁଶ୍ଚିନ୍ତାର କାରଣ ହେବ। ଅଫିସିଆଲି ସ୍ତରରୁ ଅଚାନକ ଭାବରେ ଶୁଭଖବର ଶୁଣି ଖୁସି ହେବେ। ଚେଷ୍ଟା କରୁଥିବା କାମରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ସିଂହ**
ବଳବାନ୍ ରବି ନିଜ ରାଶିରେ ପ୍ରଭାବଶାଳୀଜନିତ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା କାରଣରୁ ସାମୟିକ ଖୁସୀ ରହିବେ। ସହକର୍ମୀଙ୍କ ସାହାଯ୍ୟ ନେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଂକଟଜନକ ସ୍ଥିତିର ସମ୍ମୁଖୀନ ହେବାକୁ ପଡିପାରେ।

**କନ୍ୟା**
କର୍ମାଧିପ ରାଶିରେ ରହି ସ୍ୱାସ୍ଥ୍ୟ ଓ କର୍ମକ୍ଷେତ୍ରର ସମସ୍ୟାକୁ ସୁଧାରି ନେବାରେ ସାହାଯ୍ୟ କରିବେ। ଆଜିର ଆଲୋଚନା କାଳରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ତୁଳା**
ଶତ୍ରୁଗୃହୀ ଶୁକ୍ର ପ୍ରଭାବରେ ଅଧିକାଂଶ ସମୟ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋଷ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବାର ସମ୍ଭାବନା ରହିଛି। ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବିଛା**
ଖୁବ୍ କମ୍ ସମୟ ମଧ୍ୟରେ କର୍ମକ୍ଷେତ୍ରରେ ଲାଗି ରହିଥିବା ବ୍ୟସ୍ତତା ଦୂର ହୋଇଯିବ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ନ ହୋଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**
ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ କଳହ ସୃଷ୍ଟିର ଆଶଙ୍କା ଦେଖାଦେଇପାରେ। ମୂଳା ନକ୍ଷତ୍ର ପାଇଁ ଭଲସମ୍ପର୍କ ଥିବା ବ୍ୟକ୍ତିଟି ସାମାନ୍ୟ କଥାରେ ମୁହଁ ଫେରାଇ ନେଇପାରେ । କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର**
ପାପଗ୍ରସ୍ତ ଚନ୍ଦ୍ରଙ୍କ ଯୋଗୁ ଭୁଲ୍‌ବୁଝାମଣାବଶତଃ ନିଜ ଲୋକମାନେ ଶତ୍ରୁତା କରିପାରନ୍ତି । ପୂର୍ବ ସ୍ଥିରୀକୃତ ଯୋଜନାଗୁଡିକ ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଦିନଟି ବହୁତ ଶୁଭପ୍ରଦ ରହିବ।

**କୁମ୍ଭ**
ବନ୍ଧୁମାନଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ଉପୁଜିପାରେ। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବା ଦ୍ୱାରା ସମସ୍ୟା ବଢବ ସିନା କମିବ ନାହିଁ। ପୂର୍ବଭାଦ୍ରବ ନକ୍ଷତ୍ରର କର୍ମକ୍ଷେତ୍ର ପୂର୍ବ ଦିନମାନଙ୍କ ଭଳି ଆଜି ମଧ୍ୟ ରହିବ।

**ମୀନ**
ଯେକୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ । ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି ଏଣୁ ସତର୍କତା ଅବଲମ୍ବନ କରିପାରିଲେ ଉପକୃତ ହେବେ। ଅନ୍ୟମାନଙ୍କଠାରୁ ପରାମର୍ଶ ଗ୍ରହଣ କରିବା ସହ ନିଜ ମନକୁ ଯେପରି ଆସୁଛି ସେପରି କରନ୍ତୁ।

ଆଜି ଆଶ୍ୱିନ କୃଷ୍ଣଦଶମୀ ଶନିବାର, ସେପ୍ଟେମ୍ବର ୧୨ ତାରିଖ, ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ,(ସେପ୍ଟେମ୍ବର ୨ୟ ଶନିବାର)ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, କନ୍ୟାରାଶିର ଘାତଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୯.୪୧ମି. ଗତେ ଘ.୧୨.୫୬ମି.ମଧ୍ୟେ, ରାତ୍ରି ଘ.୦୮.୧୦ମି.ଗତେ ଘ.୧୦.୩୧ମି. ମଧ୍ୟେ, ଘ.୧୨.୦୬ମି.ଗତେ ଘ.୦୧.୪୦ମି. ମଧ୍ୟେ, ଘ.୦୨.୨୮ମି. ଗତେ ଘ.୦୪.୦୨ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୮.୪୦ମି. ଗତେ ଘ.୧୦.୧୧ମି.ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302




**SALE**

ମାସିକ Rs.7000/- କିସ୍ତିରେ ହଂସପାଳ ଛକଠାରୁ ୩କିମି ଦୂର ବାଲିଅନ୍ତାରେ ଜମି କିଣନ୍ତୁ। 7064994691. D-18193

**Ready to move 2BHK flat @22.99lakh near Mount Litera Zee School, Kateni is for sale. 9937162220.** D-18211

(COVID OFFER – Registration free) Gharabari Plot at Hanspal. 9937816565, 9937568585. D-18210

**2000sqft land @600/- per sqft near Mount Litera Zee School, Kateni is for sale. 9937162220.** D-18212

1BHK (2Nos.) ready flat sale at Telengapentha, Cuttack-Bhubaneswar highway. Contact: 9090196181. D-69744

**ରବିଟକିଜ୍ ପାଖ ପିପିଲି NHକୁ ଲାଗି yellowzone gharabari boundary 30' ରୋଡ୍ ଥାଇ plot ବିକ୍ରିହେବ। 8917441342, 7855853154.** D-69540

Contact for Construction of Simplex/ Duplex/ Apartment and Interior Design from the experts. MPlanets: 7008550473. D-18213

**2BHK flat near Tamando Market, Starts @45,15,000/-, 9937166932.** D-69332

**ଭୁବନେଶ୍ୱର ନିକଟସ୍ଥ ପିତାପଲ୍ଲୀଛକରେ NH16କୁ ଲାଗି 30ft mainroad ଓ 25ft subroad ଥାଇ BDA ଅନ୍ତର୍ଭୁକ୍ତ ସ୍ଥିତିବାନ ପ୍ଲଟ୍ Electricity, ପାଚେରିସହ ମିଳୁଅଛି। 9090963952.** D-69141

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69151

**Booking open for 3BHK luxurious & premimum flat at Surya Nagar, Bhubaneswar, genuine buyer Contact: DEEPAK-9937329999.** D-69907

ଧଉଳି ନୂଆବ୍ରିଜ୍ ନିକଟରେ ବାସୋପଯୋଗୀ ଘରବାରି ପ୍ଲଟ୍ outrightରେ ମିଳୁଛି। 8327774136. D-69338

**Gharabari developed plot with boundary near Phulnakhara (Synergy College), 9439487505.** D-69333

**Plot for immediate sale at Saheed Nagar 6000sft. (GA Plot), 2400sft at Sum Hospital (BDA Plot), 33000sft. Mancheswar (IDCO plot) & 4000sft plot at Palasuni (200 meters from NH) Bhubaneswar, buyers Contact- DEEPAK-9937329999.** D-69914




**7000sqft ready made shades with transformers, generator, Ac for any showroom purposes for rent near Hanspal square, Bhubaneswar. Contact: 9438362399.** D-18209

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**At Bhubaneswar Forestpark 3BHK 25000/- unfurnished, 2BHK 15000/- furnished, At Sailasreevihar 3BHK Rs35000/- furnished. At Sahidnagar 4seater furnished office Rs15000/- Call- ABC : 9937090020** D-69619




Refresh your mind and soul with best therapy at Orchid Salon/ Spa, 9937287222. D-69541

Swarna SPA newly open positively health benefits with expert therapist. 7873794731. D-69736

Get refreshment body massage by expert therapist contact for. 9556978408. D-69738

Herbal full body massage by smart / expert therapist. Contact: 8338067247. D-69737

Rejuvenate and Ayurvedic full body massage by smart therapist. 9348123330. D-69706

Open new SPA station 3rd floor, Big Bazar, Nayapalli. 7655024727, 8118079281. D-69536

Newly open full body massage SPA in Bhubaneswar. Contact: 7205058838. D-69741

Newly open spa centre smart therapist body massage,Bamikhal, 7205187702. D-59960

Newly open spa centre smart therapist body massage, Rasulgarh: 7846814019. D-59959

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ
DHARITRI
ଶନିବାର, ସେପ୍ଟେମ୍ବର ୧୨, ୨୦୨୦

## ଜଙ୍ଗଲ,ବନ୍ୟଜନ୍ତୁ ସୁରକ୍ଷାକୁ ପ୍ରାଧାନ୍ୟ ଦେବାକୁ ପରାମର୍ଶ

ବୁଗୁଡ଼ା,୧୧।୯(ଡି.ଏନ୍.ଏ.)–ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରା ବୁଗୁଡ଼ା ବନାଞ୍ଚଳର ବିଭିନ୍ନ ଜଙ୍ଗଲ ପରିଦର୍ଶନ କରିବା ସହ ସ୍ଥାନୀୟ ବନ ବିଭାଗ ଅନ୍ତର୍ଗତ ଟିକରପଲ୍ଲୀ ଏବଂ ରଘୁନାଥପୁରଠାରେ ନିର୍ମିତ ହୋଇଥିବା ଭିଏସଏସ ଗୃହ ୨ଟିର ଉଦ୍‌ଘାଟନ କରିଥିଲେ। ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ଡିଏଫଓ ମୁଖ୍ୟଅତିଥି ରୂପେ ଯୋଗଦେଇ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେବାକୁ ସମସ୍ତ ବିଭାଗ କର୍ମଚାରୀ, ଭିଏସଏସର କାର୍ଯ୍ୟକର୍ତ୍ତା ଏବଂ ଏସଏଚଜି ସଦସ୍ୟାମାନଙ୍କୁ ପରାମର୍ଶ ଦେଇଥିଲେ। ଏସିଏଫ ଶଙ୍କର୍ଷଣ ବେହେରା, ଏସ୍‌ଏମ୍‌ଏସ୍ ଶୁଭ୍ରକାନ୍ତ ମିଶ୍ର ଓ ଶୋଭନ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



### ସଂକ୍ଷେପରେ

## ବନ୍ୟଜନ୍ତୁ ଶିକାର ଉଦ୍ୟମ ପଣ୍ଡ କଲା ବନ ବିଭାଗ
## ୬ କେଜି ତାର ସହ ଅନ୍ୟାନ୍ୟ ସରଞ୍ଜାମ ଜବତ

ବୁଗୁଡ଼ା,୧୧।୯(ଡି.ଏନ.ଏ.)-ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଜଙ୍ଗଲ ଏବଂ ବିଲମାନରେ ଦୁର୍ବୃତ୍ତମାନେ ଲୁଚିଛପି ବନ୍ୟଜନ୍ତୁ ଶିକାର କରୁଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଶିକାର ଉଦ୍ୟମ ଭଣ୍ଡୁର କରାଯାଇଛି। ପ୍ରକାଶ ଯେ, ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବେଲପଡ଼ା ଗ୍ରାମ ଉପକଣ୍ଠ ଏକ ମୋବାଇଲ ଟାୱାର ନିକଟରେ ଥିବା ୧୧ କେଭି ବିଦ୍ୟୁତ୍ ତାରରେ ହୁକ୍ ପକାଇ ଶିକାରୀମାନେ ଗୁରୁବାର ରାତିରେ ପ୍ରାୟ ୬ କି.ମି. ପର୍ଯ୍ୟନ୍ତ ଜିଆଇ ତାର ବିଛାଇ ବନ୍ୟଜନ୍ତୁ ଶିକାର ଉଦ୍ୟମ କରିଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରାଙ୍କ ନିର୍ଦ୍ଦେଶକ୍ରମେ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା, ବାଲିପଦର ବନପାଳ ସୁନୀତା ପାତ୍ର, ବନରକ୍ଷୀ କ୍ଷୀରୋଦ ଗୌଡ଼ ଓ ପ୍ରଶାନ୍ତ ପଲାଇ ଏବଂ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଏହି ଶିକାର ଉଦ୍ୟମକୁ ଭଣ୍ଡୁର କରିଥିଲେ। ଘଟଣାସ୍ଥଳରୁ ୬ କେଜି ଜିଆଇ ତାର, ୫୦ ବାଉଁଶ କିଳା, ୫୦ ଖଣ୍ଡ ବୋତଲ ଜବତ କରିଥିବା ଜଣାପଡ଼ିଛି।

## ଗଞ୍ଜାମରେ ୩.୨୯ ଲକ୍ଷ ଲୋକଙ୍କ ହେଲାଣି କରୋନା ଟେଷ୍ଟ

ଛତ୍ରପୁର, ୧୧।୯(ଡି.ଏନ୍.ଏ. )- ଗଞ୍ଜାମ ଜିଲାରେ ଶୁକ୍ରବାର ୫ ଜଣ କୋଭିଡ୍ ବନ୍ଧୁ ବ୍ରହ୍ମପୁର ଏମ୍‌କେସିଜି ପ୍ଲାଜମା ବ୍ୟାଙ୍କରେ ପ୍ଲାଜମା ଦାନ କରିଛନ୍ତି । ଏମାନେ କରୋନାରେ ସଂକ୍ରମିତ ହୋଇଥିଲେ । କରୋନାରୁ ସୁସ୍ଥ ହେବା ପରେ ଏମାନେ ପ୍ଲାଜମା ଦାନ ପାଇଁ ନିଷ୍ପତ୍ତି ନେଇଥିଲେ। ଗଞ୍ଜାମରେ ଗୁରୁବାର ୫ ହଜାର ୮୩୦ ଜଣଙ୍କ କରୋନା ଟେଷ୍ଟ ହୋଇଛି। ଏହାକୁ ମିଶାଇ ଏବେସୁଦ୍ଧା ଜିଲ୍ଲାରେ ୩ ଲକ୍ଷ ୨୯ ହଜାର ୩୩୪ ଜଣଙ୍କ କରୋନା ଟେଷ୍ଟ ହୋଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ କରି ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୧୯ ହଜାର ୦୬୬ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେଥିରୁ ୧୮ ହଜାର ୨୦୪ ସୁସ୍ଥ ହୋଇଛନ୍ତି। ଯାହାକି ୯୫.୫ ପ୍ରତିଶତ ରହିଛି । ଏବେ ଗଞ୍ଜାମରେ ୬୪୧ କରୋନା ଆକ୍ରାନ୍ତ ଆକ୍ଟିଭ ଅଛନ୍ତି । ଏଥିସହ କରୋନାରେ ୨୧୪ ଜଣଙ୍କ ମୃତ୍ୟୁ ହୋଇଛି । ଅଣ କୋଭିଡ୍‌ରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି । ଗଞ୍ଜାମରେ ନୂଆ ୮୯ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେଥିରେ ୧୧ କରୋନା ଯୋଦ୍ଧା ରହିଛନ୍ତି। ଅପରପକ୍ଷରେ ୧୭୩ କରୋନାରୁ ସୁସ୍ଥ ହୋଇଛନ୍ତି ।

## ୧୪ହଜାର ସ୍ୱାବ୍ ପରୀକ୍ଷା

ଶେରଗଡ,୧୧/୯(ଡି.ଏନ.ଏ.)- ଶେରଗଡ ବ୍ଲକ୍‌ର ୯୦ ଗ୍ରାମରେ ଦୁଇଟି ଟିମ ଜରିଆରେ କରୋନା ନମୁନା ପରୀକ୍ଷା ଚାଲିଛି । ପ୍ରତି ଦିନ ଦୁଇରୁ ଅଧିକ ଗ୍ରାମରେ ଗତ ଏକ ମାସ ହେଲା ପରୀକ୍ଷା ଚାଲିଛି । ପଞ୍ଚାୟତ ଓ ତହସିଲ ପ୍ରଶାସନର ସଫଳ ପ୍ରୟାସ ଓ ସଚେତନତା ଯୋଗୁଁ ବ୍ଲକର ୧୪ ହଜାର ଲୋକଙ୍କ ସ୍ୱାବ୍ ପରୀକ୍ଷା ହୋଇଛି ବୋଲି ବିଡିଓ ସୁରଞ୍ଜନ କୁମାର ସାହୁ କହିଛନ୍ତି। ମୋଟ ୧୭ହଜାର ଜଣଙ୍କ ପ୍ରଥମ ପର୍ଯ୍ୟାୟରେ ପରୀକ୍ଷା କରାଯିବାର ବ୍ୟବସ୍ଥା ରହିଥିବା ବିଡିଓ କହିଛନ୍ତି । ଗତ ୮ ତାରିଖଠାରୁ ପ୍ରତ୍ୟେକ ଗ୍ରାମରେ ଅମ୍ଳଜାନ ସ୍ତର ପରୀକ୍ଷା କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଶା, ଅଙ୍ଗନବାଡି କର୍ମୀ ଓ ଶିକ୍ଷକଓ ଶିକ୍ଷୟିତ୍ରୀ ମାନେ ଘରକୁ ଘର ବୁଲି ପରୀକ୍ଷା କରୁଛନ୍ତି।

# ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନକୁ ବିରୋଧ

ବ୍ରହ୍ମପୁର ଅଫିସ,୧୧।୯

ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନକୁ ତୀବ୍ର ବିରୋଧ କରିଛି ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ(ଏବିଭିପି) । ଏହାର ପ୍ରତିବାଦରେ ଶୁକ୍ରବାର ଅପରାହ୍ନରେ ଏବିଭିପି ବ୍ରହ୍ମପୁର ଶାଖା ପକ୍ଷରୁ ବ୍ରହ୍ମପୁର ଖଲ୍ଲିକୋଟ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପରିବର୍ତ୍ତିତ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ୟୁଜିସି ଗାଇଡଲାଇନ୍ ଓ ସମ୍ବିଧାନ ବିରୋଧୀ ବୋଲି ଏବିଭିପି ଅଭିଯୋଗ କରିଛି । ରାଷ୍ଟ୍ରୀୟ ଶିକ୍ଷାନୀତି ମହାବିଦ୍ୟାଳୟ ଗୁଡିକୁ ବିଭିନ୍ନ ଦୃଷ୍ଟିରୁ ସ୍ୱତନ୍ତ୍ରତା ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟଗୁଡିକୁ ରାଜନୈତିକ ଦଳଗୁଡିକ ଦ୍ୱାରା କେନ୍ଦ୍ରୀଭୂତ କରିବା ନେଇ ବିଶ୍ୱବିଦ୍ୟାଳୟ ଆଇନ ସଂଶୋଧନ ଆଣିଥିବା ଏବିଭିପି କହିଛି। ନୂତନ ସଂଶୋଧିତ ଆଇନ ପ୍ରଣୟନ ଦ୍ୱାରା ବିଶ୍ୱବିଦ୍ୟାଳୟର ମୌଳିକତା ସମ୍ପୂର୍ଣ୍ଣ ଧ୍ୱଂସ



ଏବିଭିପି ପକ୍ଷରୁ ଆନ୍ଦୋଳନ କରାଯାଉଛି।

ହୋଇଯିବ ବୋଲି ଏବିଭିପି ବିକ୍ଷୋଭ ସମାବେଶରେ କହିଛି । ତୁରନ୍ତ ସରକାର ଏହାକୁ ପ୍ରତ୍ୟାହୃତ ନ କଲେ ଆଗାମୀ ଛାତ୍ର ଅସନ୍ତୋଷ ତୀବ୍ର ହେବା ନେଇ ସଂଗଠନ

### ଏବିଭିପିର ବିକ୍ଷୋଭ ସମାବେଶ

ଚେତାବନୀ ଶୁଣାଇଛି। ଏହି ବିକ୍ଷୋଭ ସମାବେଶରେ ରାଜ୍ୟ ସମ୍ପାଦକ ଶଶୀକାନ୍ତ ମିଶ୍ର, ରାଜ୍ୟ ଉପସଭାପତି ଶିବପ୍ରସାଦ ତ୍ରିପାଠୀ, ନଗର ସମ୍ପାଦକ ଚିନ୍ମୟାନନ୍ଦ ପଟ୍ଟନାୟକ, ଜିଲା ବ୍ୟବସ୍ଥା ପ୍ରମୁଖ ରଜତ କୁମାର ପାଢୀ ପ୍ରମୁଖ ସାମିଲ ହୋଇଥିଲେ।

# ମହିଳା ମହାବିଦ୍ୟାଳୟରେ ଖୋଲିଲା ମୁକ୍ତ ବିଶ୍ୱବିଦ୍ୟାଳୟର ଶାଖା

ଆସିକା,୧୧।୯(ଡି.ଏନ୍.ଏ)

ଆସିକାସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ଠାରୁ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଶାଖା ଖୋଲିଛି। ଶୁକ୍ରବାର ଦିନ ଏ ସମ୍ପର୍କରେ ବିଭାଗ ପକ୍ଷରୁ ମହାବିଦ୍ୟାଳୟକୁ ସୂଚନା ଦିଆଯାଇଥିବା ଜଣାଯାଇଛି। ଏହି ସୂଚନା ମୁତାବକ ଚଳିତ ଶିକ୍ଷାବର୍ଷଠାରୁ ଏହି ମହାବିଦ୍ୟାଳୟରେ ଅର୍ଥଶାସ୍ତ୍ର, ଇଂରାଜୀ, ଇତିହାସ, ଓଡିଆ ଓ ରାଜନିତୀ ବିଜ୍ଞାନରେ ସ୍ନାତକ ସମ୍ମାନ ଶ୍ରେଣୀ ଖୋଲାଯାଇ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତିତ ଓଡିଆ ବିଭାଗରେ ସ୍ନାତକୋତ୍ତର ଶ୍ରେଣୀ ମଧ୍ୟ ଖୋଲିଛି। ଏହାଛଡା କମ୍ପ୍ୟୁଟର ପ୍ରୟୋଗରେ ସ୍ନାତକୋତ୍ତର, ଡିପ୍ଲୋମା, ଗ୍ରାମ୍ୟ ଉନ୍ନୟନ ବିଭାଗରେ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଡିପ୍ଲୋମା, ଭାବ ଆଦାନ ପ୍ରଦାନ ଶୈଳୀରେ ସାର୍ଟିଫିକେଟ କୋର୍ସ, ଇଂରାଜୀ, ଓଡିଆ ଅନୁବାଦ ଓ ଗ୍ରାମ୍ୟ ଉନ୍ନୟନ ବିଷୟରେ ସାର୍ଟିଫିକେଟ କୋର୍ସ ଖୋଲାଯାଇଥିବା କଲେଜ ଅଧ୍ୟକ୍ଷ ଗଣେଶ୍ୱର ମାଝି ସୂଚନା ଦେଇଛନ୍ତି । ଏହି ବ୍ୟବସ୍ଥା ଦ୍ୱାରା ଆସିକାର ଆଖପାଖ ପ୍ରାୟ ୨୦ କିଲୋମିଟର ପରିସରର ଛାତ୍ରୀ ଉପକୃତ ହୋଇପାରିବେ । ସପ୍ତାହରେ ଶନିବାର ଓ ରବିବାର ଏବଂ ଛୁଟି ଦିନଗୁଡ଼ିକରେ ଶିକ୍ଷାଦାନ ଲାଗି ବ୍ୟବସ୍ଥା କରାଯାଇଛି । ଗଂଜାମ ଜିଲାରେ ବ୍ରହ୍ମପୁରସ୍ଥିତ ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ ପରେ ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଏହିଭଳି ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି।

WANTED
Field Supervisor for Sponge Iron Plant near Choudwar.
Contact:
7381075901
9437021279

# ମା' ତାରା ତାରିଣୀଙ୍କ ପୀଠରେ ଶାରଦୀୟ ପର୍ବ ଆରମ୍ଭ

ପୁରୁଷୋତ୍ତମପୁର,୧୧।୯(ଡି.ଏନ୍.ଏ.):

ଗଞ୍ଜାମ ଜିଲାର ପ୍ରସିଦ୍ଧ ଇଷ୍ଟ ଦେବୀ ମା' ତାରା ତାରିଣୀଙ୍କ ପୀଠରେ ଶାରଦୀୟ ପର୍ବ ଆରମ୍ଭ ହୋଇଛି। ପ୍ରତ୍ୟେକ ବର୍ଷ ଶତାଧିକ ଭକ୍ତଙ୍କ ଭିଡ ଜମୁଥିବା ବେଳେ ବର୍ତ୍ତମାନ କରୋନା କଟକଣା ଯୋଗୁଁ ମନ୍ଦିର ଭକ୍ତ ବିହୀନ ହୋଇଥିବାରୁ ପୂଜା ଉତ୍ସବମୁଖର ହୋଇ ପାରିନାହିଁ। ଦେବନୀତି ଓ ପରମ୍ପରା ପ୍ରକାରେ ଏହି ପର୍ବ ମୁଖ୍ୟ ପୂରୋହିତ ପଣ୍ଡିତ ସୀମାଞ୍ଚଳ ଦାଶ ଶର୍ମାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବେଳେ କର୍ତ୍ତା ଭାବେ ସେବାୟତ ସଂଘ ସଭାପତି ତପନ କୁମାର ରଣା ରହିଛନ୍ତି। ବୁଧବାର ସେବାୟତମାନେ ଋଷିକୁଲ୍ୟାନଦୀରୁ ୧୦୮ କଳସରେ ଜଳ ଆଣି ମା' ତାରା ତାରିଣୀ

### କରୋନା କଟକଣା: ମହିଷମର୍ଦ୍ଦିନୀ ବେଶରେ ଦୁଇ ଭଉଣୀ

ଦୁଇ ଭଉଣୀଙ୍କୁ ସ୍ନାନ କରାଇବା ସହ ମାଜଣା କରି ରାତିରେ ମହିଷମର୍ଦ୍ଦିନୀ ବେଶରେ ସଜ୍ଜିତ କରାଇଥିଲେ। ଶୁକ୍ରବାର ମୂଳା ଅଷ୍ଟମୀ ଥିବାରୁ ମା'ଙ୍କ ପର୍ବ ଆରମ୍ଭ ହୋଇଛି। ଏହା ମହା ଅଷ୍ଟମୀରେ ଶେଷ ହେବ। ପ୍ରତ୍ୟେକ ବର୍ଷ ମୂଳା ଅଷ୍ଟମୀରୁ ମହାଅଷ୍ଟମୀ ପର୍ଯ୍ୟନ୍ତ ୧୬ ଦିନ ଧରି ପର୍ବ ହେଉଥିବା ବେଳେ ଚଳିତ ବର୍ଷ ମଳ ମାସ ପଡିଥିବାରୁ ଏହା



ମା' ତାରା ତାରିଣୀଙ୍କ ମହିଷା ମର୍ଦ୍ଦିନୀ ବେଶ।

୪୫ ଦିନ ଧରି ଚାଲି ମହାଅଷ୍ଟମୀରେ ଉଦ୍‌ଯାପନ ହେବ। ଏଥିରେ ପ୍ରତ୍ୟେକ ଦିନ ଚଣ୍ଡୀ ପାଠ, ଷୋଡ଼ଶ ପୂଜା, ହୋମ, ଯଜ୍ଞ, ଆଦି ପରମ୍ପରା ଅନୁସାରେ ପୂଜା ପାଠ ହେବ ବୋଲି ସେବାୟତ ବାପୁଜୀ ରଣା କହିଛନ୍ତି। କରୋନାରୁ ରକ୍ଷା ଲାଗି ସେବାୟତମାନେ ସ୍ୱତନ୍ତ୍ର ପୂଜା ପାଠ କରିଥିବା ବେଳେ ଏହାକୁ ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ସମସ୍ତ ପୂଜକ ସହାୟତା କରିଛନ୍ତି।

## ବେଆଇନ କାଠ ଜବତ

ଖଲ୍ଲିକୋଟ,୧୧।୯(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ କେନ୍ଦୁପାଟ ଗ୍ରାମରେ ବେଆଇନ କରତକଳ ଚାଲୁଥିବା ବେଳେ ବ୍ରହ୍ମପୁର ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ ଚଢ଼ାଉ କରି ଶୁକ୍ରବାର ଗ୍ରାମ ନିକଟରୁ ୩୦୦ ଘନଫୁଟ ଏବଂ କରତ କଳ ଯନ୍ତ୍ରାଂଶ ଜବତ କରିଛି। ଏସଇଏଫ ଏ.ମାଧବୀଲତା, ଏସଇଏଫ ଅଶୋକ ବେହେରା, ବ୍ରହ୍ମପୁର ରେଞ୍ଜର କାହ୍ନୁଚରଣ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭାଗ କର୍ମଚାରୀଙ୍କ ସମେତ ପୋଲିସର ମିଳିତରେ ଚଢ଼ାଉ ହୋଇଥିଲା। ୪ ଟ୍ରାକ୍ଟର ଶାଗୁଆନ ଏବଂ ଅନ୍ୟ ମୁଲ୍ୟବାନ କାଠ ଓ କରତ କଳକୁ ଜବତ କରାଯାଇଛି। ବେଆଇନ କରତକଳ ମାଫିଆଙ୍କୁ ଶୀଘ୍ର ଧରାଯିବ ବୋଲି କୁହାଯାଇଛି।

## ଗ୍ରାମପଞ୍ଚାୟତ ଅଧିକାରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଶେରଗଡ,୧୧।୯(ଡି.ଏନ.ଏ.)

ଅଲାରିଗଡ ସ୍ଥିତ ଘୋଡେଇଶୁଣୀ ପୀଠରେ ଶୁକ୍ରବାର ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବ୍ଲକର ଗ୍ରାମପଂଚାୟତ ଅଧିକାରୀ ବିନାୟକ ପଣ୍ଡାଙ୍କୁ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା । ଉତ୍ସବରେ ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁ ,ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାବୁଲା କୁମାର ଚୌଧୁରୀ, ହୃଷୀକେଶ ପାଢୀ, ଦୁର୍ଗାମାଧବ ବିଷୋୟୀ,ଉଦୟ ନାଥ ପ୍ରଧାନ, ମେଘନାଦ ଦାସ, ଗୋବିନ୍ଦପୁର ସରପଞ୍ଚ ସିମାଂଚଳ ପ୍ରଧାନ, ଅଲାରିଗଡ ସରପଂଚ ଅଶୋକ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

# କ୍ରୀଡ଼ା ଶିକ୍ଷୟିତ୍ରୀ ସସ୍ମିତାଙ୍କୁ ବସନ୍ତ ବିଶ୍ୱାଳ ସ୍ମାରକୀ ପୁରସ୍କାର

ଦିଗପହଣ୍ଡି,୧୧।୯(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ବମକୋଇ ଗ୍ରାମ ସ୍ଥିତ ଶିବାନନ୍ଦ ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ତଥା ଭାରତ ସ୍କାଉଟ ଗାଇଡ୍ କ୍ୟାପ୍‌ଟେନ ସୁଶ୍ରୀ ସସ୍ମିତା ପ୍ରଧାନଙ୍କୁ ସମ୍ମାନଜନକ ବସନ୍ତ କୁମାର ବିଶ୍ୱାଳ ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟ ତଥା ଗଞ୍ଜାମ ଜିଲା ସ୍ତରରେ ସ୍କାଉଟ ଓ ଗାଇଡକୁ ଆଗେଇ ନେବା ଦିଗରେ ଦୀର୍ଘ ୧୫ ବର୍ଷ ଧରି ବିଭିନ୍ନ ଦାୟିତ୍ୱ ନିର୍ବାହ କରି ଆସିବା ସହ ଉଲ୍ଲେଖନୀୟ ଏବଂ ଉତ୍ସର୍ଗୀକୃତ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ଦିଆଯାଇଛି। ଭାରତ ସ୍କାଉଟ ଓ ଗାଇଡ ଓଡିଶା ଶାଖା ପକ୍ଷରୁ ଆୟୋଜିତ ସତନ୍ତ୍ର



କ୍ରୀଡ଼ା ଶିକ୍ଷୟିତ୍ରୀ ସସ୍ମିତା

ଉତ୍ସବରେ ବିଭିନ୍ନ ଜିଲାର ୯ ଜଣଙ୍କୁ ଅନଲାଇନ ବ୍ୟବସ୍ଥା ଯୋଗେ ଏହି ପୁରସ୍କାର ଦିଆଯାଇଛି। ଉତ୍ସବରେ ଭାରତ ସ୍କାଉଟ ଓ ଗାଇଡ୍‌ର ଜାତୀୟ ଉପସଭାପତି ତଥା ରାଜ୍ୟ କମିଶନର ଡ.କାଳୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଏବଂ ସମ୍ପାଦକ ରାମମୂର୍ତ୍ତି ଦୋରା, ଯୁଗ୍ମ ସମ୍ପାଦକ ମିହିର ପଟ୍ଟନାୟକ,ସାଙ୍ଗଠନିକ କମିଶନର ଅନାମିକା ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସସ୍ମିତାଙ୍କୁ ଏହି ପୁରସ୍କାର ମିଳିବା ପରେ ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ,ଶାରୀରିକ ନିରୀକ୍ଷକ ଭାଗୀରଥି ସ୍ୱାଇଁ, ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ରାଜନୈତିକ ଶତ୍ରୁତା ନେଇ ବୋମାମାଡ଼

ଦିଗପହଣ୍ଡି,୧୧।୯(ଡି.ଏନ୍.ଏ.)

- ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ
- ବୋମକେଇ ଗାଁ ଅଶାନ୍ତ
- ପୋଲିସ ମୁତୟନ

ଦିଗପହଣ୍ଡି ବ୍ଲକ ବୋମକେଇ ଗାଁ ମୁଖ୍ୟ ରାସ୍ତାରେ ଶୁକ୍ରବାର ସନ୍ଧ୍ୟାର ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ପିଣ୍ଟୁ ଓରଫ କ୍ରିଷ୍ଣା ପ୍ରଧାନଙ୍କୁ ବୋମା ମାଡ଼ କରାଯିବା ସହ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଭାଜପା ସମର୍ଥକ ପିଣ୍ଟୁ ତାଙ୍କ ସାଙ୍ଗ ପପି ଓରଫ ବିଜୟ କୁମାର ସାହୁଙ୍କ ସହ ଯାଉଥିବା ବେଳେ ମୁଖ୍ୟରାସ୍ତାର ଶିବ ମନ୍ଦିର ନିକଟରେ ପୂର୍ବ ଯୋଜନା ପ୍ରକାରେ ଅନ୍ୟ ଏକ ଦଳର କିଛି ଯୁବକ ପିଣ୍ଟୁଙ୍କୁ ବୋମା ମାଡ଼ କରିଥିଲେ। ସେ ଦୋଡି ଦୋଡି ନିକଟସ୍ଥ ଦିନେଶ ପ୍ରଧାନଙ୍କ ଘର ଭିତରକୁ ପଶି ଯିବା ବେଳେ ତଳେ ପଡିଯିବାରୁ ସେମାନେ ତାଙ୍କୁ ଖଣ୍ଡାରେ ହାଣି ଥିଲେ। ନିକଟରେ ଥିବା ପିଣ୍ଟୁଙ୍କ ସାଙ୍ଗ ବିଜୟ ଛଡାଇବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଥିବା କେ. ନୂଆଗାଁ ଆଇଆଇସି ମାଧବାନନ୍ଦ ନାୟକ କହିଛନ୍ତି। ଆହାତ ଦ୍ୱୟଙ୍କୁ ବୋମକେଇ ଗ୍ରାମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପିଣ୍ଟୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ବିଜୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ଘଟଣା ପରେ ବୋମକେଇ ଗାଁ ଅଶାନ୍ତ ହୋଇପଡ଼ିଛି। ଚାପା ଉତ୍ତେଜନା ଲାଗି ରହିଥିଲେ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଗାଁ ରେ ୨ ସେକ୍ସନ ଫୋର୍ସ ମୁତୟନ କରାଯାଇଛି। ସୂଚନାଯୋଗ୍ୟ,ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ୨ ଗୋଷ୍ଠୀ ମଧ୍ୟରେ ଏକାଧିକଥର ସଂଘର୍ଷ ଘଟି ଅନେକ ଆହାତ ହୋଇଛନ୍ତି। ଏନେଇ କୋର୍ଟରେ ୫ ରୁ ଊର୍ଦ୍ଧ୍ୱ ମାମଲା ବିଚାରାଧୀନ ରହିଥିବା ଜଣାପଡିଛି।

ODISHA PUBLIC SERVICE COMMISSION
CUTTACK
NOTICE
No. 4636/PSC Dt.11.9.20
No. D-60: It is for information of all concerned that, the Commission have decided to conduct the **Assistant Law Officer written examination**, pursuant to Advt. No 07 of 2019-20, tentatively from 13.10.2020 to 16.10.2020, subject to the then existing instructions and guidelines of the Govt. due to Covid-19 pandemic. The details of the programme of the said examination shall be notified later.
The candidates are advised to visit the website of the Commission at **http://opsc.gov.in** for further information.
**Sd./- Secretary**
OIPR-12002/11/0032/2021

ODISHA PUBLIC SERVICE COMMISSION
19, Dr. P.K. Parija Road, Cuttack - 1
NOTICE
No. 4623/PSC Dt.11.9.20
No. D-59: It is for information of all concerned that, as per the provisions laid down at Para - 6 of the advertisement No. 18 of 2019-20, the Commission have shortlisted the eligible candidates for certificate/document verification for recruitment to the Post of Lecturer in the discipline of **Economics** in Group-A of Odisha Education Service (College Branch), Pursuant to Advt. No. 18 of 2019-20. Hence, the candidates are advised to visit the website of the Commission at **http://opsc.gov.in** for detail information.
**Sd./- Secretary**
OIPR-12002/11/0031/2021

CONDUCT ONLINE EXAMINATION BY OPSC
No. D-58: Due to prevailing Covid-19 pandemic situation & the Govt. guidelines on public gatherings, the Commission has decided to conduct selected Objective type (OMR Based Examinations) on Computer Based Format (CBT)/Online. The system of Online Examination will also be applicable to those examinations, for which Advertisements have already been published. All candidates are requested to familiarize themselves with the pattern of Online Examination through Mock Tests or practice at their own level.
OIPR-12002/11/0030/2021

SHRI JAGANNATH SANSKRIT VISHVAVIDALAYA,
SHRI VIHAR, PURI
No.Exam1807/2020, S.J.S.V., PURI NOTIFICATION Date: 11.9.20
REVISED PROGRAMME FOR
ANNUAL SHASTRI-II (REG/BACK/IMPROVEMENT) EXAMINATION, 2020

| Date | Day | Time | Subject | Paper |
|---|---|---|---|---|
| 23.09.2020 | Wednesday | 10.00 A.M. -1.00 P.M. | M.I.L (O/Sans/Hindi/ Alt.Eng) | Compulsory |
| 24.09.2020 | Thursday | 10.00 A.M. -1.00 P.M. | English | Compulsory |
| 25.09.2020 | Friday | 10.00 A.M. -1.00 P.M. | Samanya Sahitya | Compulsory |
| 26.09.2020 | Saturday | 10.00 A.M. -1.00 P.M. | S.P.P.V./P.P.B.V. | Compulsory |
| 28.09.2020 | Monday | 10.00 A.M. -1.00 P.M. | Shastriya Optional | 3rd(Pass)/4th (Hons) |
| 29.09.2020 | Tuesday | 10.00 A.M. -1.00 P.M. | Shastriya Optional | 4th (Pass)/5th (Hons) |
| 30.09.2020 | Wednesday | 10.00 A.M. -1.00 P.M. | Shastriya Optional | 6th (Hons) |

N.B.:-
1. Examination will be conducted on conventional mode following the Standard Operating Protocol (SOP) communicated by MHRD Office Memorandum dt.06.07.2020.
2. Any discrepancy in the programme detected afterwards may be brought to the notice of the Controller of Examinations.
3. Details of Centres as well as Colleges tagged to them will be displayed in the University website www.sjsv.nic.in w.e.f. 16.09.2020 and College authorities are requested to go through it meticulously and act accordingly. No further correspondence in this regard will be made either with examination centres or colleges tagged to them.

By order of Vice -Chancellor
**Sd./- D.D. Rana**
**Controller of Examinations**

ODISHA SUB-ORDINATE STAFF SELECTION COMMISSION
ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ
ବ୍ଲକ ନଂ.–3 ଏବଂ 5, ୟୁନିଟ୍–1, ଭୁବନେଶ୍ୱର – 751009
ଦୂରଭାଷ: 0674-2597149, 2597152 (ଅଫିସ୍), ଫାକ୍ସ: 0674-2597155,
ୱେବ୍‌ସାଇଟ୍: www.osssc.gov.in
NOTICE
ସଂଖ୍ୟା: IIE-34/2016/83(C)/OSSSC ତାରିଖ: 10.09.2020
**Written Test for the District Cadre Posts of Horticulture Extension Worker and Village Agricultural Worker**
No. T-45: In pursuance of the advertisement No. IIE-34/2016-448(C)/OSSSC Dt.16.11.2016 and in supersession of notification No. IIE-34/2016-15(C)/OSSSC Dt.26.02.2020 and IIE-34/2016-58(C)/OSSSC Dt.05.05.2020, the Written Test for the Post of Horticulture Extension Worker and Village Agricultural Worker will be held in the approved examination centres on **08.11.2020 (Sunday)** from **10.30 A.M. to 1.30 P.M.** (3 hours duration covering both Paper-I and Paper-II in one sitting).
The word "3 Papers" in Note (ii) of the Para - 10.1 of the advertisement No. IIE-34/2016-448(C)/OSSSC Dt.16.11.2016 may be read as "2 Papers".
The admission letters will be available online from 16.10.2020 onwards in the OSSSC website: **www.osssc.gov.in** which may be downloaded by the candidates using their User ID and Password to appear in the examination. **No hard-copy of Admission Letter will be sent to any candidate by Post.**
By order of the Commission
**Sd./- Secretary**
OIPR-09007/11/0003/2021

ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ- ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। -ଶ୍ରୀମା

# ମୋଦିଙ୍କ ପ୍ରେରଣା

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପରଖ ଅବଧି(ପ୍ରୋବେଶନ)ରେ ଥିବା ୨୮ ଜଣ ମହିଳାଙ୍କ ସମେତ ୧୩୧ ଜଣ ଆଇପିଏସ୍ ହାଇଦ୍ରାବାଦସ୍ଥିତ ପ୍ରତିଷ୍ଠିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାଶନାଲ ପୋଲିସ ଏକାଡେମୀ(ଏସ୍‌ଭିପି ଏନ୍‌ପିଏ)ରୁ ୪୨ ସପ୍ତାହର ବେସିକ୍ କୋର୍ସ ଫେଜ୍-୧ ଟ୍ରେନିଂ ଶେଷ କରିଛନ୍ତି। ଏମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭିଡ଼ିଓ କନ୍‌ଫରେନ୍ସରେ କଥା ହେବାର ଏକ ଅପୂର୍ବ ସୌଭାଗ୍ୟ ଲାଭ କରିଛନ୍ତି। ମୋଦି ବେଳେବେଳେ ଏମିତି କରିଥାନ୍ତି, କିନ୍ତୁ ଯେଉଁମାନେ ଏହି ସୁଯୋଗ ଲାଭ କରନ୍ତି ସେମାନେ ଏହାଦ୍ୱାରା ବେଶ୍ ଉତ୍ସାହିତ ହୋଇଥାନ୍ତି। ଏସ୍‌ଭିପି ଏନ୍‌ପିଏରେ ବେସିକ୍ କୋର୍ସ ଟ୍ରେନିଂ ସମୟରେ ପ୍ରୋବେଶନର୍ସ ବା ପ୍ରଶିକ୍ଷାର୍ଥୀଙ୍କୁ ଦୁଇ ଭାଗରେ ଅର୍ଥାତ୍ ଭିତର ଓ ବାହାର କାର୍ଯ୍ୟ ସମ୍ପର୍କରେ ଯଥା ଆଇନ, ତଦନ୍ତ, ଫରେନସିକ, ନେତୃତ୍ୱ ଓ ପରିଚାଳନା,ଆପରାଧିକ ବିଜ୍ଞାନ, ସାର୍ବଜନୀନ ବ୍ୟବସ୍ଥା ଓ ଆଭ୍ୟନ୍ତରୀଣ ସୁରକ୍ଷା, ନୈତିକତା ଓ ମାନବିକ ଅଧିକାର, ଆଧୁନିକ ଭାରତର ପୋଲିସ ବ୍ୟବସ୍ଥା, ଫିଲ୍ଡକ୍ରାଫ୍ଟ ଓ ରଣନୀତି, ଅସ୍ତ୍ରଶସ୍ତ୍ର ପ୍ରଶିକ୍ଷଣ ଏବଂ ଗୁଳିଚାଳନା ପ୍ରଶିକ୍ଷଣ ଦିଆଯାଇଥିଲା। ସେମାନଙ୍କ ସମ୍ବନ୍ଧିତ ରାଜ୍ୟ କ୍ୟାଡରରେ ଫିଲ୍ଡ ପୋଷ୍ଟିଂ ବା କ୍ଷେତ୍ର ନିଯୁକ୍ତି ହେବା ପୂର୍ବରୁ ଏହା ଥିଲା ଶେଷ ପ୍ରଶିକ୍ଷଣ। ୨୦୧୮ ବ୍ୟାଚ୍‌ର ଆଇପିଏସ୍ ପ୍ରୋବେଶନର୍ସଙ୍କୁ ସମ୍ବୋଧନ କଲାବେଳେ ପ୍ରଧାନମନ୍ତ୍ରୀ ସେମାନଙ୍କୁ କ୍ୟାରିୟରରେ ଉତ୍କୃଷ୍ଟତା ଲାଭ କରିବା ଲାଗି ପ୍ରେରିତ କରିଥିଲେ। ଏହି ଅବସରରେ ସିଭିଲ୍ ସର୍ଭ୍ୟାଣ୍ଟମାନଙ୍କ ଦକ୍ଷତା ବଢ଼ାଇବା ପାଇଁ ମୋଦି ସରକାରଙ୍କ ଏକ ନୂଆ ସ୍ଲୋଗାନ, ନୂଆ ଯୋଜନା 'ମିଶନ କର୍ମଯୋଗୀ'କୁ ଦୋହରାଇଛନ୍ତି। ୧୯୪୮ରେ ନ୍ୟାଶନାଲ ପୋଲିସ ଏକାଡେମୀ ସ୍ଥାପନ ହେବା ପରଠାରୁ ଏହା ଦକ୍ଷତାର ସହ ଏହି ଦାୟିତ୍ୱକୁ ନିର୍ବାହ କରିଆସୁଛି। କେବଳ ପୋଲିସମାନଙ୍କ ମଧ୍ୟରେ ନୁହେଁ ବରଂ ଏହି ସ୍ଲୋଗାନ୍ ଖୁବଶୀଘ୍ର ଦେଶରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଏକାଡେମୀ ନିର୍ଦ୍ଦେଶକ ତଥା ଗୁଜରାଟ କ୍ୟାଡର ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ଅତୁଲ କରୱାଲ ଦୀକ୍ଷାନ୍ତ ପରେଡରେ ସଭାପତିତ୍ୱ କରିଥିଲେ ଓ ପ୍ରୋବେଶନର୍ସଙ୍କୁ ସମ୍ବୋଧନ ମଧ୍ୟ କରିଥିଲେ।

### କଠୋର ସନ୍ଦେଶ

ସରକାରୀ କର୍ମଚାରୀମାନଙ୍କ ରାଷ୍ଟ୍ରବିରୋଧୀ ବୟାନ କିମ୍ବା କାର୍ଯ୍ୟ କୌଣସି ପରିସ୍ଥିତିରେ ସହ୍ୟ କରାଯାଇପାରିବ ନାହିଁ ବୋଲି ମୋଦି ସରକାର ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି। ଜମ୍ମୁ-କଶ୍ମୀରରେ ୩୭୦ ଧାରା ଓ ୩୫-ଏ ଉଚ୍ଛେଦ ହେବା ପରେ ଜମ୍ମୁ-କଶ୍ମୀର ପ୍ରଶାସନ ରାଜ୍ୟ ମୁଖ୍ୟ ଶାସନ ସଚିବ ବି.ଭି.ଆର୍ ସୁବ୍ରମଣ୍ୟମଙ୍କ ଅଧ୍ୟକ୍ଷତାରେ ଏକ ୬ ଜଣିଆ କମିଟି ଗଠନ କରିଛି। ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ଲିପ୍ତ ଅଭିଯୁକ୍ତ ସରକାରୀ ଅଧିକାରୀମାନଙ୍କ ଉପରେ ତଦନ୍ତ କରିବା ଲାଗି ଏହି କମିଟି ଗଠନ କରାଯାଇଛି। ଏହି ଉଚ୍ଚ କ୍ଷମତା ସମ୍ପନ୍ନ କମିଟିକୁ ମାମଲାଗୁଡ଼ିକର ଯାଞ୍ଚ କରିବା ଏବଂ ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ଲିପ୍ତ ସରକାରୀ ଅଧିକାରୀମାନଙ୍କ ବିରୋଧରେ ଧାରା ୩୧୧(୨)-ସି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ଜମ୍ମୁ-କଶ୍ମୀର ମୁଖ୍ୟ ସଚିବଙ୍କ ବ୍ୟତୀତ ଏହି ଉଚ୍ଚ କ୍ଷମତା ସମ୍ପନ୍ନ କମିଟିରେ ଗୃହ ବିଭାଗର ପ୍ରଶାସନିକ ସଚିବ, ଜମ୍ମୁ-କଶ୍ମୀର ଡିଜିପି ବା ପୋଲିସ ମହାନିର୍ଦ୍ଦେଶକ, ସାଧାରଣ ପ୍ରଶାସନ ବିଭାଗର ପ୍ରଶାସନିକ ସଚିବ, ଅତିରିକ୍ତ ଡିଜିପି, ସିଆଇଡି ଏବଂ ଆଇନ ଓ ନ୍ୟାୟ ବିଭାଗର ପ୍ରଶାସନିକ ସଚିବ ରହିଛନ୍ତି। ବିଶେଷଜ୍ଞଙ୍କ ମତରେ, ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ଲିପ୍ତ ରହିବାରେ ଆଇଏଏସ୍ ଏବଂ ଆଇପିଏସ୍ ଅଫିସରଙ୍କ ସମେତ ଯେ କୌଣସି ସରକାରୀ ଅଧିକାରୀ ଯଦି କମିଟି ଦ୍ୱାରା ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ବିନା ତଦନ୍ତରେ ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯିବ। ଜମ୍ମୁ-କଶ୍ମୀରରେ ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ଲିପ୍ତଥିବା ଅନେକ ସରକାରୀ ଅଧିକାରୀଙ୍କ ଉପରେ ସତର୍କ ନଜର ରଖାଯାଇଛି ବୋଲି ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି।

### ମିଡିଆ ଓ ମୁମ୍ବାଇ ପୋଲିସ

ସୁଶାନ୍ତ ରାଜପୁତ ମାମଲାରେ ୭ ଜଣ ପୂର୍ବତନ ଡିଜିପି ଏବଂ ଜଣେ ପୋଲିସ କମିଶନର କେଉଁଥିପାଇଁ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି? ସୁଶାନ୍ତ ରାଜପୁତ ମୃତ୍ୟୁ ମାମଲାକୁ ମିଡିଆ ଅତ୍ୟଧିକ ଗୁରୁତ୍ୱ ଦେଇ ପ୍ରଚାର କରି କରୋନା ମହାମାରୀ ପ୍ରକୋପ, ଭୁଶୁଡ଼ି ପଡୁଥିବା ଆମ ଅର୍ଥବ୍ୟବସ୍ଥା ଏବଂ ସୀମାରେ ଚାଇନାର ଧମକ ଆଦି ଘଟଣାଗୁଡ଼ିକୁ ପୂରା ଅବହେଳା କରିଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ବିଭିନ୍ନ ସଂସ୍ଥା ଏହି ଘଟଣାରେ ତଦନ୍ତ କରିବା ପରେ ମୁମ୍ବାଇ ପୋଲିସ କୋଣଠେସା ହୋଇଯାଇଛି। ତଦନ୍ତରେ ଢିଲା କରୁଥିବା ଏବଂ ରାଜନୈତିକ ଚାପରେ କାମ କରୁଥିବାର ଅଭିଯୋଗ ମୁମ୍ବାଇ ପୋଲିସ ଉପରେ ମଧ୍ୟ ହୋଇଆସୁଛି। ଏହି ଘଟଣା ଏତେ ଗୋଳମାଳିଆ ହୋଇଯାଇଛି ଯେ ଏଥିରେ କିଏ ସ୍ୱଚ୍ଛ ତାହା କହିବା କଠିନ। ଏବେ ପୂର୍ବତନ ଆଇପିଏସ୍ ଅଧିକାରୀମାନେ ଏହି କେସ୍‌ରେ ମୁମ୍ବାଇ ପୋଲିସଙ୍କ ବିରୋଧରେ 'ମିଡିଆ ଟ୍ରାଏଲ' ଏବଂ 'ଅନୁଚିତ, ଦୋଷପୂର୍ଣ୍ଣ ଏବଂ ମିଥ୍ୟା ମିଡିଆ ଅଭିଯାନ'କୁ ଶେଷ କରିବା ଲାଗି କୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। କୋର୍ଟରେ ପିଟିଶନ ଦାଏର କରିଥିବା ଅଧିକାରୀମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ମହାରାଷ୍ଟ୍ର ଡିଜିପି ଏମ୍.ଏନ. ସିଂ, ପି. ଏସ୍ .ପସ୍ରିଚ୍ଛା, ଡି. କେ. ଶିବାନନ୍ଦନ, ସଞ୍ଜୀବ ଦୟାଲ, ସତୀଶ ମାଥୁର, କେ. ସୁବ୍ରମଣ୍ୟନ, ପୂର୍ବତନ ଅତିରିକ୍ତ ଡିଜିପି କେ. ପି. ରଘୁବଂଶୀ ଏବଂ ପୂର୍ବତନ ମୁମ୍ବାଇ ପୋଲିସ କମିଶନର ଡି. ଏନ୍. ଯାଦବ। ମୁମ୍ବାଇ ପୋଲିସର ନିର୍ମଳ ଭାବମୂର୍ତ୍ତିକୁ କଳଙ୍କିତ କରିବାକୁ ମନ୍ଦ ଉଦ୍ଦେଶ୍ୟ ରଖି ମିଡିଆ ନକାରାତ୍ମକ ବା ପ୍ରତିକୂଳ ଅଭିଯାନ ଚଳାଇଥିବା ପ୍ରତୀୟମାନ ହେଉଛି ବୋଲି ପିଟିଶନ୍‌ରେ ଦର୍ଶାଯାଇଛି। ଉଲ୍ଲେଖନୀୟ ଯେ,କୌଣସି ବିଚାରାଧୀନ ତଦନ୍ତ ପ୍ରକ୍ରିୟା ଉପରେ ମିଡିଆ କଭର୍ କରିବା ପାଇଁ ନୂଆ ନିୟମ ଏବଂ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ଲାଗି ପିଟିଶନ୍‌ରେ ଅନୁରୋଧ କରାଯାଇଛି।

Email: dilipcherian@gmail.com

# ବିୟୋଗାତ୍ମକ ଜିଡିପିରେ ଆତ୍ମନିର୍ଭର ଭାରତର ସ୍ୱପ୍ନ

ଡ. ଷ୍ଟାଲିନ ମିଶ୍ର

ଆଜି ଭାରତର ଜିଡିପି ସ୍ୱାଧୀନତା ପରଠୁ ସର୍ବନିମ୍ନ ସ୍ତରରେ। କରୋନାର କରାଳ ଛାୟାରେ ଦେଶର ଅର୍ଥନୀତି ଆଜି ଧ୍ୱସ୍ତ। ମହାମାରୀକୁ ରୋକିବା ପାଇଁ ଓ ଅର୍ଥନୀତିକୁ ସୁରକ୍ଷିତ ରଖିବା ଲାଗି ସରକାରଙ୍କ ସମସ୍ତ ପ୍ରୟାସ ଆଜି ନିରର୍ଥକ ସିଦ୍ଧ ହୋଇଛି। କରୋନା ବହୁ ବିଳମ୍ବରେ ଭାରତକୁ ପ୍ରବେଶ କରିଥିଲେ ମଧ୍ୟ ସଂକ୍ରମଣରେ ଏହା ବିଶ୍ୱର ଅନ୍ୟ ସମସ୍ତ ଦେଶକୁ ପଛରେ ପକାଇ ସାରିଲାଣି। କିଛି ଦେଶ ଏହି ମହାମାରୀକୁ ରୋକିବାରେ ସଫଳ ମଧ୍ୟ ହେଲେଣି। କିନ୍ତୁ ଆମ ଦେଶରେ ଏହା ବର୍ତ୍ତମାନ ଶିଖରରେ ଉପନୀତ। ଜଣାନାହିଁ ଆଉ କେତେଦିନ ଲାଗିବ ଏହି ମହାମାରୀକୁ ନିୟନ୍ତ୍ରଣ କରିବାକୁ। ସେପଟେ ଚାଇନା ସହିତ ସୀମାବିବାଦ ମଧ୍ୟ ଅର୍ଥନୈତିକ ପରିସ୍ଥିତିକୁ ଅଧିକ ନକାରାତ୍ମକ ସିଦ୍ଧ କରିବାରେ ସାହାଯ୍ୟ ହୋଇଛି। କ୍ରମାଗତ ଭାବେ ତାଲାବନ୍ଦ ଯୋଗୁ ବିମାନସେବା, ଅନ୍ୟ ପରିବହନ ସେବା, ଶିକ୍ଷାନୁଷ୍ଠାନ, ମନୋରଞ୍ଜନ ଶିଳ୍ପ, ପର୍ଯ୍ୟଟନ ଶିଳ୍ପ ଏବଂ ରେଷ୍ଟୁରାଣ୍ଟ ଇତ୍ୟାଦି ଉପରେ ଲଗାତର ପ୍ରତିବନ୍ଧକ ଉତ୍ପାଦନ କ୍ଷେତ୍ର, ସେବା ଏବଂ ଖୁଚୁରା ବିକ୍ରୟ ଉପରେ କୁପ୍ରଭାବ ପକାଇ ଥିବାବେଳେ ଲକ୍ଷ ଲକ୍ଷ ଲୋକ ନିଜ ନିଜ ଜୀବିକା ହରାଇବାକୁ ବାଧ୍ୟ ହୋଇଛନ୍ତି। ଏହା ସତ୍ୟ ଯେ ମହାମାରୀ ସମ୍ବନ୍ଧୀୟ ତାଲାବନ୍ଦ ଯୋଗୁଁ ହୋଇଥିବା ଆର୍ଥିକକ୍ଷତି ଏସିଆର ଅନ୍ୟ ଦେଶ ତୁଳନାରେ ଭାରତରେ ବହୁତ ଅଧିକ।

ଗତ ମେ ମାସରେ ପ୍ରଧାନମନ୍ତ୍ରୀ ମୋଦି ଦେଶ ପାଇଁ ୨୬୬ବିଲିୟନ ଡଲାରର ସହାୟକ ପ୍ୟାକେଜ ଘୋଷଣା କରିଥିଲେ, ଯେଉଁଥିରେ ବ୍ୟାଙ୍କ ଋଣ ପରିଶୋଧ ଉପରେ ରହିତାଦେଶ, ଗରିବଙ୍କ ପାଇଁ ମାଗଣା ଖାଦ୍ୟଶସ୍ୟ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ଗତ ଫେବୃୟାରୀଠାରୁ ଦେଶର ସର୍ବୋଚ୍ଚ ବ୍ୟାଙ୍କ ଆରବିଆଇ ବେଞ୍ଚମାର୍କରେ ରେପୋରେଟକୁ ମୋଟ ୧୧୫ ଆଧାର ପଏଣ୍ଟ ହ୍ରାସ କରିଥିବା ସତ୍ତ୍ୱେ ମୁଦ୍ରାସ୍ଫୀତି ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ମାସ ମଧ୍ୟରେ ରେପୋରେଟକୁ ସ୍ଥଗିତ ରଖିଛି। ସରକାରଙ୍କ ଏସବୁ ପଦକ୍ଷେପ କିଛି ଲୋକଙ୍କୁ ସହାୟକ ହୋଇଥିଲାବେଳେ ଅଧିକାଂଶ ଲୋକଙ୍କ ପାଇଁ ନିରର୍ଥକ ତଥା ଦେଶର ଅର୍ଥନୀତିକୁ ଅଧିକ କିଛି ସାହାଯ୍ୟ କରିପାରିନାହିଁ। ମୋଟାମୋଟି କହିବାକୁ ଗଲେ ଦେଶ ବର୍ତ୍ତମାନ ଅତ୍ୟନ୍ତ ପ୍ରତିକୂଳ ପରିବେଶ ଦେଇ ଗତିକରୁଛି। ଏପରି ପରିସ୍ଥିତିରେ ଜନତା କେବଳ ସରକାରଙ୍କୁ ଦାୟୀ କରି ଚୁପ ରହିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିବ ନାହିଁ ବରଂ ଆଗକୁ ପରିସ୍ଥିତି ଅଧିକ ଜଟିଳ ହେବ ବୋଲି ମୋର ଅନୁମାନ ହେଉଛି।

ଅର୍ଥଶାସ୍ତ୍ରୀଙ୍କ ଅନୁସାରେ ଗ୍ରାମୀଣ ବଜାରର ଚାହିଦା ବୃଦ୍ଧି ହେଲେ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହେବ। କଥାଟି ବି କିଛି ମାତ୍ରାରେ ଠିକ୍। ଜନତାଙ୍କ ବଜାର ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଲେ କିଣାବିକା ଅଧିକ ହେବ, ସରକାରଙ୍କ ରାଜସ୍ୱ ମଧ୍ୟ ବୃଦ୍ଧିପାଇବ, ଫଳ ସ୍ୱରୂପ ଜିଡିପିରେ ଉତ୍ଥାନ ଘଟିବ। କିନ୍ତୁ ଏହା କ'ଣ ପ୍ରକୃତ ଅର୍ଥନୀତିର ବିକାଶ? ପ୍ରଥମ କଥା ହେଲା ଜିଡିପି ମୋ ପାଇଁ ଏକ ସଂଖ୍ୟା ମାତ୍ର, ଦେଶର ଅର୍ଥନୀତି ବିକାଶକୁ ଜିଡିପି ସହିତ ତୁଳନା କରିବା କେବଳ କାଗଜକଲମରେ ସଂଖ୍ୟା ଲେଖି ଖୁସିହେବା ସହିତ ସମାନ। ବାସ୍ତବରେ ଦେଶ ଯଦି ସ୍ୱାବଲମ୍ବୀ ହୋଇପାରିବ, ବଜାର ଉପରେ ଜନତାଙ୍କ ନିର୍ଭରଶୀଳତା କମ୍ ହୋଇପାରିବ, ଚାହିଦାଠାରୁ ଉତ୍ପାଦନ ଅଧିକ ହୋଇପାରିବ ତେବେ ଯାଇ ଅର୍ଥନୀତି ସୁଦୃଢ଼ ବୋଲି ଆମେ କହିପାରିବା।

ମୁଁ ଅର୍ଥଶାସ୍ତ୍ରୀ ନୁହେଁ ମୁଁ ଜଣେ ସୂଚନା ପ୍ରଯୁକ୍ତିବିତ୍, କିନ୍ତୁ ଅର୍ଥଶାସ୍ତ୍ରରେ ମୋର ସୀମିତ ଜ୍ଞାନର ପରିଭାଷାରେ ଏତିକି କହିପାରିବି ଦେଶ ଆତ୍ମନିର୍ଭରଶୀଳ ହେଲେ ଅର୍ଥନୀତି ଆପେ ଆପେ ସୁଧୁରିଯିବ। ବର୍ତ୍ତମାନ ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ 'ଆତ୍ମନିର୍ଭର ଭାରତ' ସ୍ଲୋଗାନ ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ। ଆମ ଦେଶ ଭାରତ ଯୁଗେ ଯୁଗେ ଆତ୍ମନିର୍ଭର ଥିଲା, ସମୃଦ୍ଧ ଥିଲା, ଶିକ୍ଷିତ ଥିଲା। ଇତିହାସକୁ ଲକ୍ଷ୍ୟକଲେ ଜାଣିପାରିବା ଯେ ଭାରତ ପ୍ରାଚୀନ କାଳରୁ ନିଜର ଆବଶ୍ୟକତା ନିଜେ ପୂରଣ କରି ଆସିଛି, ଅନ୍ୟ ଦେଶମାନଙ୍କୁ ନାନାଦି ଦ୍ରବ୍ୟ ରପ୍ତାନି କରି ଭାରତୀୟମାନେ ଧନରତ୍ନରେ ଭରପୂର କରି ସୁନାର ଭାରତ ଗଢ଼ିବାରେ ସଫଳ ହୋଇଛି, କିନ୍ତୁ ଗତ କିଛି ଶତାବ୍ଦୀ ବାହ୍ୟ ଆକ୍ରମଣକାରୀ ଶାସକମାନଙ୍କ ଦ୍ୱାରା ଶାସିତ ହୋଇ ନିଜର ଅତୀତ ଗୌରବ, କାର୍ଯ୍ୟଦକ୍ଷତା, ଆତ୍ମବିଶ୍ୱାସ ଏତେ ମାତ୍ରାରେ ହରାଇ ବସିଛି ଯେ ସାମାନ୍ୟ ଆବଶ୍ୟକତା ପାଇଁ ଅନ୍ୟ ଦେଶମାନଙ୍କ ଉପରେ ନିର୍ଭରଶୀଳ ହୋଇପଡ଼ିଛି। ଏବେ ବିଦେଶ ତଥା ଜନତା ନିଜେ ନିଜର ଆବଶ୍ୟକତା ପୂରଣ କରିବା ଦିଗରେ ବହୁପଛରେ। ବିଦେଶୀ ସଂସ୍କୃତି, ବିଦେଶୀ ଦ୍ରବ୍ୟ, ବିଦେଶୀ ରୀତିନୀତି ଏବଂ ବିଦେଶୀ ଜୀବନଚର୍ଯ୍ୟା ଆମକୁ ଏତେମାତ୍ରାରେ ପ୍ରଭାବିତ କରିଦେଇଛି ଯେ ଆମେ ଆଉ ଥରେ ଆମ ଆତ୍ମବିଶ୍ୱାସ ଫେରିପାଇବାକୁ ଅସମ୍ଭବ ମନେକରୁଛନ୍ତି। ସରକାର ମଧ୍ୟ କୁଟୀରଶିଳ୍ପଠାରୁ ଆରମ୍ଭ କରି ବଡ଼ବଡ଼ ଉଦ୍ୟୋଗ ପର୍ଯ୍ୟନ୍ତ ବିଦେଶୀ ପୁଞ୍ଜିନିବେଶକୁ ପ୍ରାଥମିକତା ଦେବା ଦୁର୍ଭାଗ୍ୟର ବିଷୟ। ଯେଉଁଠି ଶତପ୍ରତିଶତ ବିଦେଶୀ ପୁଞ୍ଜିନିବେଶକୁ ପ୍ରାଥମିକତା ଦିଆଯାଉଛି ସେଠି ଆତ୍ମନିର୍ଭର ଭାରତର ପରିକଳ୍ପନା କିପରି ସମ୍ଭବ? କୁଟୀରଶିଳ୍ପ, କ୍ଷୁଦ୍ର ତଥା ମଧ୍ୟମ ଶିଳ୍ପାୟନ ଦେଶର ଅର୍ଥନୀତିର ମେରୁଦଣ୍ଡ କହିଲେ ଅତ୍ୟୁକ୍ତି ହେବନାହିଁ, କିନ୍ତୁ ଆଜି ସେହି ଶିଳ୍ପଗୁଡ଼ିକ କ୍ଷେତ୍ରରେ ମଧ୍ୟ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ବହୁଳ ପ୍ରବେଶ ଓ ନିୟନ୍ତ୍ରଣ ଜନତାଙ୍କୁ ସାମାନ୍ୟ ଜିନିଷ ପାଇଁ ବଜାର ଉପରେ ନିର୍ଭରଶୀଳ କରିଦେଇଛି। ସରକାର ପରିଚାଳନାଗତ ତ୍ରୁଟିକୁ ସୁଧାରିବା ବାହାନାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ଗୋଟେ ପରେ ଗୋଟେ ଘରୋଇ ଲାଭଖୋର ସଂସ୍ଥାମାନଙ୍କ ହାତକୁ ଟେକିଦେବାକୁ ଶ୍ରେୟସ୍କର ମନେକରୁଛନ୍ତି।

ଆଉ ଗୋଟେ କଥା ଲକ୍ଷ୍ୟକଲେ ଜାଣିପାରିବେ ଯେତେବେଳେ ଦେଶର ଅର୍ଥନୀତି ନିମ୍ନଗାମୀ ହେଉଛି କିଛି ନିର୍ଦ୍ଦିଷ୍ଟ ବ୍ୟବସାୟୀ ଅଥବା ଉଦ୍ୟୋଗପତିଙ୍କ ଧନବୃଦ୍ଧି ଶିଖରରେ ପହଞ୍ଚିଯାଉଛି। ଏହା କିପରି ସମ୍ଭବ ହେଉଛି? ଏଥିପାଇଁ କ'ଣ ଆମ ସରକାରଙ୍କ ନୀତି ଦାୟୀ ନୁହେଁ? ଯଦି ସରକାର ଦେଶର ସମସ୍ତ କାରବାରର ଠିକା ହାତଗଣତି କିଛି ନିର୍ଦ୍ଦିଷ୍ଟ ଉଦ୍ୟୋଗପତିଙ୍କୁ ନ ଦେଇ ଉଦ୍ୟୋଗକ୍ଷେତ୍ର ଅନୁଯାୟୀ ବର୍ଗୀକରଣ କରି ଅଧିକରୁ ଅଧିକ ନୂତନ ଉଦ୍ୟୋଗପତି ସୃଷ୍ଟି କରିବା ପାଇଁ ନୀତି ନିର୍ଦ୍ଧାରଣ କରନ୍ତେ ତା'ହେଲେ ଦେଶରେ ଅର୍ଥନୀତି କ୍ଷେତ୍ରରେ ବି ସାମ୍ୟବାଦ ପ୍ରତିଷ୍ଠା ସମ୍ଭବ ହୋଇପାରନ୍ତା। ଲୁଣରୁ ଉଡ଼ାଜାହାଜ ତିଆରି କରିବା ଯାଏ, ପରିବା ବିକିବାଠାରୁ ସୁନା-ହୀରା ଅଳଙ୍କାର ବିକିବା ପର୍ଯ୍ୟନ୍ତ, ସୂଚନା ପ୍ରଯୁକ୍ତି ସେବାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ କିଛି ନିର୍ଦ୍ଦିଷ୍ଟ ବ୍ୟବସାୟିକ ସଂସ୍ଥା ଉପରେ ନିର୍ଭର କରିବା ବା ତାଙ୍କୁ ପ୍ରୋତ୍ସାହନ ଦେବା କ'ଣ ନିହାତି ଜରୁରୀ? ଯେପରି ଗୋଟେ ନୂଆ କମ୍ପାନୀ ଖୋଲିଲା ବେଳେ ଆମକୁ ୨-୩ଟି ମୁଖ୍ୟ ବ୍ୟବସାୟିକ କ୍ଷେତ୍ର ବାଛିବାକୁ କୁହାହେଉଛି ଠିକ୍ ସେପରି ଗୋଟେ ନିର୍ଦ୍ଦିଷ୍ଟ ବ୍ୟବସାୟିକ ସଂସ୍ଥା କେବଳ ୨-୩ ମୁଖ୍ୟ ବ୍ୟବସାୟ କ୍ଷେତ୍ରରେ ବ୍ୟବସାୟ କରିପାରିବାର କଠୋର ନିୟମ ହେଉ। ଏହାଦ୍ୱାରା କେବଳ ହାତଗଣତି ସଂସ୍ଥାମାନେ ଲାଭାନ୍ୱିତ ନ ହୋଇ ଅନ୍ୟମାନଙ୍କୁ ବି ସୁଯୋଗ ମିଳିପାରିବ। ବ୍ୟବସାୟ କରିବାର ସହଜ ତା'ର କ୍ରମାଙ୍କରେ ଭାରତ ନିଶ୍ଚୟ ବିଗତ ଦିନମାନଙ୍କରେ ଉଲ୍ଲେଖନୀୟ ଉନ୍ନତି କରିଛି କିନ୍ତୁ ଆଜି ବିଦେଶରେ ଗୋଟେ ସଂସ୍ଥାକୁ ପଞ୍ଜୀକରଣ କରିବା ଅପେକ୍ଷା ତାକୁ ବନ୍ଦକରିବାର ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ଅଛି, ଯାହାଦ୍ୱାରା ଦେଶୀୟ ଷ୍ଟାର୍ଟଅପ ସଂସ୍ଥାଗୁଡ଼ିକ ଅନ୍ୟଦେଶ ତୁଳନାରେ ସଫଳ ହୋଇପାରୁନି। ଆମକୁ ଏସବୁ ପ୍ରକ୍ରିୟାର ଅଧିକରୁ ଅଧିକ ସରଳୀକରଣ କରିବାର ଆବଶ୍ୟକତା ଅଛି। ତେଣୁ ଆଉ ଥରେ କହି ରଖୁଛି, ଜିଡିପି ସଂଖ୍ୟାର ଉତ୍ଥାନପତନକୁ ଅଧିକ ଧ୍ୟାନ ନ ଦେଇ ନିଜର ମୌଳିକ ଆବଶ୍ୟକତାଗୁଡ଼ିକର ଘରୋଇ ଉତ୍ପାଦନ ଉପରେ ଧ୍ୟାନ ଦେଲେ, ଅନ୍ୟଠୁ କିଣିବା ବଦଳରେ ଅନ୍ୟକୁ ବିକିବାର ପରମ୍ପରା ସୃଷ୍ଟି କଲେ ଦେଶ ଧୀରେ ଧୀରେ ସ୍ୱାବଲମ୍ବୀ ହୋଇପାରିବ। ବିଦେଶ ତଥା ବଜାର ଉପରେ ନିର୍ଭରଶୀଳତା ହ୍ରାସପାଇବ। ପ୍ରଧାନମନ୍ତ୍ରୀ ମୋଦିଙ୍କ 'ଆତ୍ମନିର୍ଭର ଭାରତ' କେବଳ ସ୍ଲୋଗାନରେ ସୀମିତ ନ ହୋଇ ବାସ୍ତବ ହୋଇପାରିବ। ହଁ ଏଥିପାଇଁ କିଛି ସମୟ ଲାଗିବ ନିଶ୍ଚୟ କିନ୍ତୁ ଦୃଢ଼ ଇଚ୍ଛାଶକ୍ତି ଓ ସରକାରଙ୍କ ପ୍ରୋତ୍ସାହନ ଦ୍ୱାରା ଅସମ୍ଭବ ବି ସମ୍ଭବ ହୋଇପାରିବ।

ସୂଚନା ପ୍ରଯୁକ୍ତିବିତ୍, ସିଙ୍ଗାପୁର

# ମହାରତ୍ନର ମହାଦଶା

ରବିନାରାୟଣ ସାମଲ

ଦିନ ଥିଲା, ଦେଶର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ୟାଙ୍କ୍, ବୀମା ସମେତ କେତେକ କମ୍ପାନୀକୁ ସରକାର ଜାତୀୟକରଣ କରିଥିଲେ। ଦିନ ଆସିଛି, ଦେଶର ସ୍ୱାର୍ଥକୁ ଆଖିବୁଜି ଦେଇ ସରକାର ଜାତୀୟକରଣ ଉଦ୍ୟୋଗଗୁଡ଼ିକୁ ଘରୋଇ ମାଲିକାନା ହାତରେ ଟେକି ଦେଉଛନ୍ତି। ଏହା ଦ୍ୱାରା କାହାର ସ୍ୱାର୍ଥ ସିଦ୍ଧି ହେବ, ତାହା ଆମର ବିଚାର୍ଯ୍ୟ। ଭେଲ୍, ଗେଲ୍, ସେଲ୍ ପରି ଭାରତୀୟ କୋଇଲା କମ୍ପାନୀ (ସିଆଇଏଲ୍) ଦେଶର ମହାରତ୍ନ ରୂପେ ପରିଗଣିତ। କାରଣ ଦେଶର ରାଜକୋଷକୁ ଏଗୁଡ଼ିକ ପ୍ରଚୁର ପରିମାଣରେ ରାଜସ୍ୱ ଦେବା ସହିତ ରେଳ, ତାପଜ ବିଦ୍ୟୁତ୍ ଓ କଳକାରଖାନା ଆଦି କ୍ଷେତ୍ରକୁ ଏହା ସଚଳ କରିଆସିଛି। ଦେଶର ଆଠଟି ରାଜ୍ୟରେ ଥିବା ୩୫୨ଟି କୋଇଲା ଖଣିରୁ ବାର୍ଷିକ ୭୨୯ ମିଲିଅନ୍ ଟନ୍ କୋଇଲା ଉତ୍ତୋଳନ ହୋଇ ଶିଳ୍ପ ଜଗତର ଚାହିଦା ମେଣ୍ଟାଇ ଆସୁଛି। ଝାଡ଼ଖଣ୍ଡ ତଳକୁ ଓଡ଼ିଶା କୋଇଲା ଉତ୍ତୋଳନ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ଅଛି।

ଇତି ମଧ୍ୟରେ କେନ୍ଦ୍ର ସରକାର ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଓଡ଼ିଶାର ୪୧ଟି ଖଣି ଅଞ୍ଚଳକୁ ଘରୋଇ କମ୍ପାନୀଙ୍କ ହାତକୁ ଟେକି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ କୌଣସି ରାଜ୍ୟ ସହ କେନ୍ଦ୍ର ସରକାର ଆଲୋଚନା କରି ନାହାନ୍ତି କିମ୍ବା କୋଲ୍ ଇଣ୍ଡିଆର ମତାମତ ମଧ୍ୟ ନେଇ ନାହାନ୍ତି। ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖନନ ହେବାକୁ ଥିବା କୌଣସି ଖଣି ଅଞ୍ଚଳରେ ଗ୍ରାମସଭା ଡକାଯାଇ ନାହିଁ କିମ୍ବା ଖଣି ଖନନ ପାଇଁ ପରିବେଶଗତ ମଞ୍ଜୁରୀ ମଧ୍ୟ ମିଳି ନାହିଁ। ନୀତି ନିୟମ ପ୍ରଣୟନ କରିଥିବା ସରକାର ନିଜ ନୀତିନିୟମକୁ ନିଜେ ଏଠି ଅବଜ୍ଞା କରିଛନ୍ତି।

ବିକ୍ରି ହେବାକୁ ଥିବା ୪୧ଟି କୋଇଲା ଖଣି ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ। ଛତିଶଗଡ଼ର ୫ଟି କୋଇଲା ଖଣି ହସ୍ତୀ ଅଭୟାରଣ୍ୟ ଓ ନଦୀ ଅବବାହିକା ଅଞ୍ଚଳ ଅନ୍ତର୍ଗତ। ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ସମାନ ଧରଣର ଭୌଗୋଳିକ ସ୍ଥିତି। ସେଗୁଡ଼ିକ ଜୈବ ବିବିଧତାର ପରିପୂର୍ଣ୍ଣ। ସେଥି ମଧ୍ୟରୁ କୌଣସି ଗୋଟିଏ ଖଣି ଖନନ ହେଲେ ହଜାର ହଜାର ଆଦିବାସୀ ବାସଚ୍ୟୁତ ହେବେ, ଅନେକ ଜଳପ୍ରପାତ ଲୋପ ପାଇଯିବ, ନଦୀ ଶୁଖିଲା ପଡ଼ିବ, ମୂଲ୍ୟବାନ ଉଦ୍ଭିଦ ତଥା ଅସଂଖ୍ୟ ଜୀବଜନ୍ତୁ ସେମାନଙ୍କ ପରିସ୍ଥାନ ହରାଇବେ, ହାତୀମାନେ ବାସଶୂନ୍ୟ ଓ ଖଦ୍ୟାଭାବ ଯୋଗୁ ଜନବସତି ମୁହାଁ ହେବେ। ସର୍ବୋପରି ଦେଶର ମୂଲ୍ୟବାନ ଖଣିଜ ପଦାର୍ଥ ଘରୋଇ ମାଲିକାନା ଅଧୀନକୁ ଚାଲିଯିବ। ଦେଶର କ୍ଷତି ହେବ ସିନା ଲାଭର ପ୍ରଶ୍ନ ନାହିଁ।

କୋଭିଡ୍‌ର ଆତଙ୍କ ଚାଲିଥିବା ବେଳେ କେନ୍ଦ୍ର ସରକାର ତ ଅନେକ ଜନସ୍ୱାର୍ଥ ପରିପନ୍ଥୀ ନିଷ୍ପତ୍ତିମାନ ନେଇ ଚାଲିଛନ୍ତି। ସେଥି ମଧ୍ୟରୁ ୪୧ଟି କୋଇଲା ଖଣି ଅଞ୍ଚଳକୁ ଘରୋଇ ମାଲିକଙ୍କୁ ବିକ୍ରି କରିଦେବା ନିଷ୍ପତ୍ତି ଅନ୍ୟତମ। ଘରୋଇ କମ୍ପାନୀଙ୍କୁ କୋଇଲା ଉତ୍ତୋଳନ ପାଇଁ ସରକାର ଅନୁମତି ପ୍ରଦାନ କରିବା ଆମ ଦେଶରେ ପ୍ରଥମ। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଆରମ୍ଭ କରିଥିବା 'ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମର ଏହା ଏକ ଅଂଶ। ସରକାରଙ୍କ ଯୁକ୍ତି ହେଉଛି, ଅଧିକ କୋଇଲା ଉତ୍ତୋଳନ ହେଲେ ଦେଶ ଆଉ ବାହାରୁ କୋଇଲା ଆମଦାନୀ କରିବ ନାହିଁ। ନିଜ ଚାହିଦାକୁ ନିଜେ ମେଣ୍ଟାଇବ। ମାତ୍ର ଏହାକୁ କ'ଣ 'ଆତ୍ମନିର୍ଭର' କୁହାଯାଇ ପାରିବ? ନିଜର ଘରଡିହ ବିକି କିଏ କେଉଁଠି ବଡ଼ଲୋକ ହେଲାଣି ନା ହେବ? ଏବେ ଖଣିରୁ କୋଇଲା ଉତ୍ତୋଳନ କରି କୋଲ୍ ଇଣ୍ଡିଆ ବିଭିନ୍ନ କମ୍ପାନୀଙ୍କୁ ବିକ୍ରି କରୁଛି। ଘରୋଇକରଣ ପରେ ଘରୋଇ କମ୍ପାନୀଗୁଡ଼ିକ କୋଇଲା ଉତ୍ତୋଳନ କରିବେ ଏବଂ ଆମ ସରକାର ତାହାକୁ ଚଢ଼ା ଦରରେ କିଣିବେ। ସୁତରାଂ ସରକାର ଘରୋଇ ହାତକୁ ଖଣି ଦେଇ କିପରି ଲାଭବାନ ହେବେ ବୋଲି ବିଚାର କରୁଛନ୍ତି?

କୋଇଲା ଖଣି ଘରୋଇକରଣର ପ୍ରତିବାଦ କରି ଇତି ମଧ୍ୟରେ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଶ୍ରମିକମାନେ ଜୁନ୍ ମାସରେ ଦିନିକିଆ ଧର୍ମଘଟ କରିସାରିଛନ୍ତି। ଦେଶର ଅନ୍ୟାନ୍ୟ ଶ୍ରମିକ ସଂଗଠନ ସହିତ ମିଶି ଖୋଦ୍ ଭାରତୀୟ ଜନତା ପାର୍ଟିର ଶ୍ରମିକ ସଂଗଠନ ସରକାରଙ୍କ ଏହି ନିଷ୍ପତ୍ତିର ବିରୋଧ କରିଛନ୍ତି। ସେପ୍ଟେମ୍ବର ମାସରେ ସେମାନେ ଧର୍ମଘଟ ମଧ୍ୟ କରିବାକୁ ଯାଉଛନ୍ତି। ଝାଡ଼ଖଣ୍ଡ ସରକାର ମଧ୍ୟ ବିରୋଧ କରି ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଜୈବ ବିବିଧତା ଧ୍ୱଂସ ପାଇବା ଆଶଙ୍କା କରି ଦେଶର ବିଭିନ୍ନ ପ୍ରାନ୍ତରୁ ପରିବେଶବିତ୍‌ମାନେ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ 'ଛତିଶଗଡ଼ ବଞ୍ଚାଅ ଆନ୍ଦୋଳନ' ତୀବ୍ର ରୂପ ଧାରଣ କରିବାକୁ ଯାଉଛି। ବିସ୍ଥାପିତ ହେବାକୁ ଥିବା ପାଞ୍ଚଟି ରାଜ୍ୟର ଆଦିବାସୀମାନେ ଭିଟାମାଟି ନ ଛାଡ଼ିବାକୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି। କୌଣସି ସ୍ତରରୁ ସରକାରଙ୍କୁ ଏଥି ସକାଶେ ନୈତିକ ସମର୍ଥନ ମିଳି ନାହିଁ। ତଥାପି ସରକାର ନଛୋଡ଼ବନ୍ଦା।

ଗୋଟିଏ ପଟେ କୋଭିଡ୍ ଆତଙ୍କରେ ନିଷ୍ପ୍ରଭ ହୋଇ ଯାଇଥିବା ସାଧାରଣ ଜନତାର ଜୀବନଜୀବିକା ଓ ପ୍ରତିବାଦର ସ୍ୱର, ଅନ୍ୟ ପଟେ ଆତଙ୍କ ଆଢୁଆଳରେ ସରକାରଙ୍କ ଜନସ୍ୱାର୍ଥ ବିରୋଧୀ ଯୋଜନା ଓ କାର୍ଯ୍ୟକ୍ରମ, ଦେଶ ନିଶ୍ଚୟ ଏକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ଯାଉଛି। ଏୟାର ଇଣ୍ଡିଆ, ଭାରତ ପେଟ୍ରୋଲିୟମ୍, ପ୍ରତିରକ୍ଷା ସାମଗ୍ରୀ, ବ୍ୟାଙ୍କ୍‌ବୀମା ଓ ରେଳବାଇ ପରି ୩୦ଟି ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଙ୍ଗ୍‌ସକୁ ସରକାର ଘରୋଇକରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦେଶର ମହାରତ୍ନ, ନବରତ୍ନ ଓ ମିନିରତ୍ନର ମାନ୍ୟତା ପାଇଥିବା କୌଣସି ଗୋଟିଏ କମ୍ପାନୀ ଏହି ଘରୋଇକରଣରୁ ବାଦ୍ ପଡ଼ିବାର ସମ୍ଭାବନା ନାହିଁ। ଦେଶର ଲାଭଦାୟକ ଉଦ୍ୟୋଗଗୁଡ଼ିକୁ ସରକାରୀକରଣ ପରିବର୍ତ୍ତେ ଯଦି ଘରୋଇକରଣ କରାଯିବ, ତେବେ ଦେଶରେ ସରକାର ଥାଇ କରିବେ କ'ଣ? ଏ ପ୍ରଶ୍ନ ଆମ ଭଳି ମଧ୍ୟ ଅନ୍ୟମାନଙ୍କୁ ଆନ୍ଦୋଳିତ କରୁଥିବ।

ଦେଶ ଆଜି ବିରାଟ ସମସ୍ୟାର ସମ୍ମୁଖୀନ। ଦେଶ ଆଗରେ ଅସଂଖ୍ୟ ଆହ୍ୱାନ ଦଣ୍ଡାୟମାନ। ମହାମାରୀ, ଅନାହାର, ଅର୍ଦ୍ଧାହାର, ଛଟେଇ, ତାଲାବନ୍ଦ, ବେରୋଜଗାରୀ, ଶିକ୍ଷା, ସ୍ୱାସ୍ଥ୍ୟ ସାଙ୍ଗକୁ ଏ ଯେଉଁ ଘରୋଇକରଣର ଢେଉ ମାଡ଼ି ଆସୁଛି, ନିଜେ ସରକାର ତାହାର ରକ୍ଷକ ସାଜିଛନ୍ତି। ତେଣୁ ସରକାରଙ୍କୁ ଠିକଣା ଗୁଳାରେ ଚଳାଇବାକୁ ହେଲେ ଦରକାର କେବଳ ଜନତାର ସମ୍ମିଳିତ ଦୃଢ଼ ପ୍ରତିବାଦର ସ୍ୱର। ଅନ୍ୟ ବିକଳ୍ପ କିଛି ନାହିଁ।

ମୋ-୭୯୭୫୦୪୬୪୮୬

## ଏଇ ଭାରତରେ

ଝାଡ଼ଖଣ୍ଡର ଜଣେ ଆଇଏଏସ୍ ଅଫିସରଙ୍କ ଉଦ୍ୟମରେ ଖୁଣ୍ଟି ଜିଲାରେ ୱାଟର ହାର୍ଭେଷ୍ଟିଂ ମଡେଲ ଦ୍ୱାରା ୮,୦୦୦ ଚାଷୀ ଉପକୃତ ହୋଇପାରିଛନ୍ତି। ଏହି ଜିଲାରେ ପ୍ରବାହିତ ଛୋଟ ବଡ ୧୦ଟି ନଦୀ ପାଣିକୁ ଘେରି ବନ୍ଧ ମାଧ୍ୟମରେ ଅଟକାଇବାକୁ ସକ୍ଷମ ହୋଇଛନ୍ତି ସେଠାକାର ପୂର୍ବତନ ଡେପୁଟି କମିଶନର ସୁରଜ କୁମାର। ତାଙ୍କ ଟିମ୍ ସେୱା ୱେଲଫେୟାର ସୋସାଇଟି ନାମକ ଏକ ଏନ୍‌ଜିଓ ସାହାଯ୍ୟରେ ୨୦୧୯ରେ ଘେରି ବନ୍ଧ ନିର୍ମାଣ କରିବା ଆରମ୍ଭ କରିଥିଲେ। ସେ ସିମେଣ୍ଟ ବସ୍ତାରେ ବାଲି ଓ କାଦୁଅ ଭର୍ତ୍ତି କରି ୨୫୦ଟି ଘେରି ବନ୍ଧ ନିର୍ମାଣ କରିସାରିଛନ୍ତି। ଗୋଟିଏ ଛୋଟ ଘେରି ବନ୍ଧରେ ୨୦ ଜଣ କୃଷକ ଓ ଗୋଟିଏ ବଡ଼ ଘେରି ବନ୍ଧରେ ୪୦ରୁ ୫୦ ଜଣ କୃଷକ ଉପକୃତ ହେଉଛନ୍ତି। ସେ ମଧ୍ୟ ଘେରି ବନ୍ଧରେ ସୋଲାର ପମ୍ପର ବ୍ୟବସ୍ଥା କରିଛନ୍ତି ଯାହାଦ୍ୱାରା ୨.୫କି.ମି .ଯାଏ ପାଣି ମଡ଼ାଯାଇପାରୁଛି। ଗୋଟିଏ ବନ୍ଧ ନିର୍ମାଣ କରିବାରେ ମାତ୍ର ୨,୦୦୦ ଟଙ୍କା ଖର୍ଚ୍ଚ ହେଉଛି। ଚଳିତ ବର୍ଷ ସୁଦ୍ଧା ଜିଲାର ଆଉ ୩୦ରୁ ୩୫ଟି ପଞ୍ଚାୟତରେ ଏଭଳି ବନ୍ଧ ନିର୍ମାଣ କରାଯିବାର ଯୋଜନା କରାଯାଇଛି। ତେବେ ସୁରଜଙ୍କ ବଦଳି ହେବା ପରେ ତାଙ୍କ କାର୍ଯ୍ୟକୁ ଏବକାର ଡେପୁଟି କମିଶନର ଶଶୀ ରଞ୍ଜନ ଆଗେଇ ନେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ସେପ୍ଟେମ୍ବର ୧୯୯୫

- ପୁଞ୍ଜିବିନିମୟ ଏବଂ ପଣ୍ୟ କାରବାର ଭିତ୍ତିରେ ତ୍ରିପାକ୍ଷିକ ବାଣିଜ୍ୟ ସମ୍ପର୍କକୁ ଆଗେଇ ନେବା ପାଇଁ ଇରାନ, ତୁର୍କମେନିସ୍ତାନ ଓ ୟୁକ୍ରେନ୍ ମଧ୍ୟରେ ଏକ ତ୍ରିରାଷ୍ଟ୍ରୀୟ ରାଜିନାମା ସ୍ୱାକ୍ଷରିତ।
- ବିହାରର ଭାଗଲପୁର ଜିଲା ଅନ୍ତର୍ଗତ ଗଙ୍ଗାନଦୀର ବରାଡ଼ି ଘାଟଠାରେ ଏକ ଲଞ୍ଚ ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯିବା ଫଳରେ ୬୦ ଯାତ୍ରୀଙ୍କ ମୃତ୍ୟୁ।
- ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଗୋପାଳବଲ୍ଲଭ ପଟ୍ଟନାୟକ ଓ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବି.ଏନ୍. କିରପାଲ ସୁପ୍ରିମ କୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | | | | 3 | 7 | | | | | B | | A | |
| | 2 | 8 | | 6 | | E | | | | 0 | D | | 4 | |
| | | | 5 | 2 | 4 | 1 | | | A | 8 | C | 7 | | |
| | | | | | 8 | | 0 | | | | | | | |
| 5 | 0 | | | C | A | | | 8 | | | | | 3 | |
| | 3 | | D | | 5 | | | | B | C | 4 | | | |
| 2 | | 1 | 6 | | | 3 | | 5 | | | | B | | |
| 7 | | | | A | | 9 | | | | | 2 | | D | |
| | 8 | 0 | B | | 1 | | | | E | | | | | |
| | | | | 8 | | D | | C | | A | | | | |
| 9 | B | | 2 | | | 4 | | | | | 1 | | | |
| | | 7 | | | | | 8 | | | | | 3 | | |
| | | E | | 0 | D | 5 | | 7 | | 6 | | 1 | | |
| | | | 3 | | | | | E | | | A | D | | 5 |
| A | | 4 | C | 5 | | | 3 | | 7 | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 3 | D | 7 | 5 | B | 0 | E | 2 | 1 | 6 | A | 9 | C | 4 |
| E | B | C | 4 | 9 | 6 | 8 | 1 | 5 | 2 | 3 | 0 | A | D | 7 |
| 5 | 9 | 7 | 1 | D | 3 | B | C | A | 4 | E | 8 | 0 | 2 | 6 |
| 6 | 0 | A | E | C | 2 | D | 9 | 4 | 5 | B | 7 | 8 | 1 | 3 |
| 4 | 2 | 1 | 0 | A | 8 | 3 | 7 | 6 | C | D | 9 | 5 | B | E |
| B | 6 | 2 | A | 4 | 0 | C | 3 | 7 | E | 8 | 1 | D | 9 | 5 |
| 9 | 1 | E | 3 | 7 | 5 | 4 | 2 | 0 | 6 | A | D | C | 8 | B |
| C | D | 8 | 6 | 1 | E | 5 | A | B | 3 | 9 | 2 | 4 | 7 | 0 |
| 3 | 7 | 5 | C | 8 | D | 1 | 6 | 9 | B | 0 | 4 | 2 | E | A |
| 0 | A | 4 | B | 2 | 9 | E | D | 8 | 7 | C | 5 | 6 | 3 | 1 |
| A | E | 0 | 8 | 6 | 4 | 7 | B | 1 | 9 | 2 | C | 3 | 5 | D |
| D | 8 | 9 | 2 | B | 7 | 6 | 4 | 3 | A | 5 | E | 1 | 0 | C |
| 7 | 5 | 3 | 9 | E | C | A | 8 | D | 0 | 1 | 6 | B | 4 | 2 |
| 2 | 4 | 6 | 5 | 3 | 1 | 9 | 0 | C | D | 7 | B | E | A | 8 |
| 1 | C | B | D | 0 | A | 2 | 5 | E | 8 | 4 | 3 | 7 | 6 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରୋଜଗାର ଉପରେ ଧ୍ୟାନ ଦିଆଯାଉ

ମହାଶୟ,

ବର୍ତ୍ତମାନ ସମୟରେ କୋଭିଡ୍-୧୯ ମହାମାରୀ ଯୋଗୁ ବେରୋଜଗାରୀ ଧୀରେ ଧୀରେ ବଢ଼ିବାରେ ଲାଗିଛି। ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ଏହା ଜଟିଳ ପରିସ୍ଥିତି ଧାରଣ କଲାଣି। ମହାମାରୀ ଭୟରେ ପଡ଼ୋଶୀ ରାଜ୍ୟଗୁଡ଼ିକରୁ ଫେରିଥିବା ପ୍ରବାସୀ ଓଡ଼ିଆମାନେ କାମଧନ୍ଦା ନ ପାଇ ଗୁଜୁରାଣ ମେଣ୍ଟାଇବା ପାଇଁ ପୂର୍ବ ସ୍ଥାନକୁ ଫେରିବାକୁ ବସିଲେଣି। ଚାକିରି ହରାଇ ସେମାନେ ଦୁଃଖରେ କାଳାତିପାତ କରୁଛନ୍ତି। ବଡ଼ବଡ଼ କମ୍ପାନୀଗୁଡ଼ିକ ମାନ୍ଦା ଅବସ୍ଥାରେ ଚାଲିଥିବାରୁ ସେମାନେ ମଧ୍ୟ କର୍ମଚାରୀମାନଙ୍କୁ ଛଟେଇ କରୁଛନ୍ତି। ଯେଉଁ କମ୍ପାନୀଗୁଡ଼ିକ ଚାଲୁଛି ସେଗୁଡ଼ିକ ତାଙ୍କ କର୍ମଚାରୀମାନଙ୍କର ଦରମାରୁ ୩୦%ରୁ ୪୦% କାଟି ଦେଉଛନ୍ତି। ଅର୍ଥନୈତିକ ସ୍ଥିତି ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛି। ଏହା ଯଦି ଜାରି ରହେ, ଆଗକୁ ଦୁର୍ବଳ ଶ୍ରେଣୀର ବ୍ୟକ୍ତିବିଶେଷ ଅନଟନର ସମ୍ମୁଖୀନ ହେବେ। ଏହି ପରିପ୍ରେକ୍ଷୀରେ ମଧ୍ୟବିତ୍ତ ଓ ଗରିବ ଦୁର୍ବଳ ଶ୍ରେଣୀର ଲୋକଙ୍କ ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଧ୍ୟାନ ଦିଆଯାଉ, ଯାହାଦ୍ୱାରା ସେମାନେ ପଡ଼ୋଶୀ ରାଜ୍ୟକୁ ନ ଯାଇ ନିଜ ରାଜ୍ୟରେ ଜୀବିକା ନିର୍ବାହ କରିପାରିବେ।

ପ୍ରଭାତ କୁମାର ମିଶ୍ର, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

## ଚିରନ୍ତନୀ

ବଞ୍ଚାନା ଶତ ଶତ
ସବୁ ଅପମାନ
ଏ ଜୀବନେ ବରିନେଲି
ମଣି ମହାଦାନ।
(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଓଡ଼ିଶା ଫେରିବେ ଆଇପିଏସ୍ ଅଫିସର ସତ୍ୟଜିତ୍, ହିମାଂଶୁ

**ଭୁବନେଶ୍ୱର,୧୧।୯ (ବ୍ୟୁରୋ):** କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିବା ଦୁଇ ଆଇପିଏସ୍ ଅଫିସର ଓଡିଶା ଫେରି ଆସିବେ। ସେମାନେ ଏନ୍ଆଇଏରେ ଏସ୍ପି ଥିବା ୨୦୦୮ ବ୍ୟାଚ୍ର ଆଇପିଏସ୍ ଅଫିସର ସତ୍ୟଜିତ ନାୟକ ଓ ହିମାଂଶୁ ଲାଲ। ଉତ୍ତରାଞ୍ଚଳ ଡିଆଇଜି (ସମ୍ବଲପୁର) ଥିବା ହିମାଂଶୁ ୨୦୨୦ ଜୁନ୍ରେ ୪ବର୍ଷ ପାଇଁ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିଲେ। ଚଳିତ ବର୍ଷ ଜୁନ୍ରେ ସେ କ୍ୟାବିନେଟ ସଚିବାଳୟରେ 'ର' ଦାୟିତ୍ୱ ତୁଲାଇବାର ଥିଲା। ହେଲେ ସେ ବ୍ୟକ୍ତିଗତ କାରଣ ପାଇଁ ଯୋଗ ଦେଇ ନ ଥିଲେ। ଫଳରେ କେନ୍ଦ୍ର ସରକାର ତାଙ୍କର ଏହି ନିଯୁକ୍ତିକୁ ବାତିଲ କରିଦେଇଛନ୍ତି। ସେହିପରି ଏନ୍ଆଇଏ ଏସ୍ପି ଭାବେ ଦାୟିତ୍ୱ ତୁଲାଉଥିବା ସତ୍ୟଜିତ ନାୟକଙ୍କୁ ମଧ କେନ୍ଦ୍ର ସରକାର ଫେରାଇ ଦେଇଛନ୍ତି। ସେ ୨୦୧୯ ଜାନୁୟାରୀରେ କେନ୍ଦ୍ରୀୟ ଡେପୁଟେଶନରେ ଯିବା ପୂର୍ବରୁ ଏଠାରେ ଏସ୍ଟିଏଫ ଏସ୍ପି ଭାବେ କାର୍ଯ୍ୟ କରୁଥିଲେ। ସେ ମଧ ଦିଲ୍ଲୀରେ ୪ ବର୍ଷ ରହି ଓଡ଼ିଶା ଫେରିଥାନ୍ତେ। ହେଲେ ନିର୍ଦ୍ଧାରିତ ସମୟ ପୂର୍ବରୁ ଗୃହମନ୍ତ୍ରାଳୟ ତାଙ୍କୁ ଓଡ଼ିଶା ପଠାଇ ଦେଇଥିବା ସୂଚନା ମିଳିଛି।

### ୫ ଜିଲାରେ ବର୍ଷା ସମ୍ଭାବନା



**ଭୁବନେଶ୍ୱର,୧୧।୯(ବ୍ୟୁରୋ):** ଆସନ୍ତା ୨୪ ଘଣ୍ଟା ମଧରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟରେ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ଗଜପତି, ରାୟଗଡା, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ଝାସୁଗୁଡା, ସୁନ୍ଦରଗଡ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହି ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ମୌସୁମୀ ଦୁର୍ବଳ ରହିଥିବାରୁ ଗତ ୪୮ ଘଣ୍ଟା ମଧରେ ରାଜ୍ୟରେ କାଁ ଭାଁ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରିରେ ୫୭.୪ ପ୍ରତିଶତ ବର୍ଷା ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୧୬, ହୀରାକୁଦ ୧୧.୪, ବାଲେଶ୍ୱର ୧୯.୬, ପାରାଦୀପ ୮ ଏବଂ କେନ୍ଦୁଝର ଜିଲାରେ ୧୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଲିଡର୍ସ ରାଜ୍ୟ ବର୍ଗରେ ଓଡ଼ିଶା

## ଷ୍ଟାର୍ଟ ଅପ୍ ର୍ୟାଙ୍କିଙ୍ଗ୍-୨୦୧୯

### ଇନ୍ଷ୍ଟିଚ୍ୟୁଶନାଲ ଲିଡର୍ସ ଓ ନିୟାମକ ବର୍ଗରେ ଶୀର୍ଷ ରାଜ୍ୟ ମଧରେ ସ୍ଥାନିତ

ନୂଆଦିଲ୍ଲୀ,୧୧।୯

ଷ୍ଟାର୍ଟ ଅପ୍ ର୍ୟାଙ୍କିଙ୍ଗ୍-୨୦୧୯ର ଦ୍ୱିତୀୟ ସଂସ୍କରଣକୁ କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ଶୁକ୍ରବାର ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ଉନ୍ମୋଚନ କରିଛନ୍ତି। ସାରା ଦେଶରେ ଷ୍ଟାର୍ଟ ଅପ୍ଗୁଡ଼ିକୁ ପ୍ରୋତ୍ସାହନ ଏବଂ ଏଥିଲାଗି ଭିତ୍ତିଭୂମି ଯୋଗାଣକୁ ନେଇ ରାଜ୍ୟଗୁଡ଼ିକର ର୍ୟାଙ୍କିଙ୍ଗ୍ରେ ଓଡ଼ିଶା ଲିଡର ରାଜ୍ୟ ମଧରେ ରହିଛି। ବିହାର, ମହାରାଷ୍ଟ୍ର ପରେ ଓଡ଼ିଶା ଏହି ବର୍ଗରେ ସ୍ଥାନିତ ହୋଇଛି। ରାଜସ୍ଥାନ ମଧ ଏହି ବର୍ଗରେ ରହିଛି। ସଂସ୍କାର କାର୍ଯ୍ୟକ୍ରମ ଇନ୍ଷ୍ଟିଚ୍ୟୁଶନାଲ ଲିଡର୍ସର ପ୍ରମୁଖ ୩ ରାଜ୍ୟ ଏବଂ ରେଗୁଲେଟୋରି ଚେଞ୍ଜ୍ ଚାମ୍ପିୟନ୍ସ ବର୍ଗରେ ଓଡ଼ିଶା ଶୀର୍ଷ ୩ ମଧରେ ରହିଥିବା ଜଣାପଡିଛି।

ର୍ୟାଙ୍କିଙ୍ଗ୍ର ଏକ୍ସ ବର୍ଗ ରାଜ୍ୟ ମଧରେ ଗୁଜରାଟ ବେଷ୍ଟ ପରଫର୍ମର ହୋଇଥିବା ବେଳେ କର୍ନାଟକ ଏବଂ କେରଳ ଟପ୍ ପରଫର୍ମର ର୍ୟାଙ୍କ୍ ପାଇଛି। ଆସ୍ପାୟାରିଂ ଲିଡର ରାଜ୍ୟ ବର୍ଗରେ ହରିୟାଣା, ଝାଡ଼ଖଣ୍ଡ, ପଞ୍ଜାବ, ତେଲଙ୍ଗାନା ଏବଂ ଉତ୍ତରାଖଣ୍ଡ ରହିଛି। ଏହାବାଦ ଏମର୍ଜିଂ ଷ୍ଟାର୍ଟ ଅପ୍ ଇକୋସିଷ୍ଟମ କ୍ଷେତ୍ରରେ ଆନ୍ଧ୍ର ପ୍ରଦେଶ, ଆସାମ, ଛତିଶଗଡ଼, ଦିଲ୍ଲୀ, ହିମାଞ୍ଚଳ ପ୍ରଦେଶ, ମଧ୍ୟପ୍ରଦେଶ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶ ରହିଛି। ଅପରପକ୍ଷରେ ୱାଇ ବର୍ଗ ମଧରେ



ଆଣ୍ଡାମାନ ନିକୋବର ବେଷ୍ଟ ପରଫର୍ମର, ଛତିଶଗଡ଼ ଲିଡର, ନାଗାଲାଣ୍ଡ ଆସ୍ପାୟାରିଂ ଲିଡର ଏବଂ ମିଜୋରାମ ଓ ସିକିମ ଏମର୍ଜିଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ ବର୍ଗରେ ରହିଛନ୍ତି।

ଷ୍ଟାର୍ଟ ଅପ୍ ବିକାଶରେ ଦେଶର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ପ୍ରସ୍ତୁତି ନେଇ କେନ୍ଦ୍ର ଶିଳ୍ପ ପ୍ରୋତ୍ସାହନ ଏବଂ ଆନ୍ତଃବାଣିଜ୍ୟ ବିଭାଗ(ଡିପିଆଇଆଇଟି) ପକ୍ଷରୁ ଏଭଳି ର୍ୟାଙ୍କିଙ୍ଗ୍ ପ୍ରକାଶ କରାଯାଉଛି। ଚଳିତ ବର୍ଷ ୭ଟି ପ୍ରମୁଖ ସଂସ୍କାର ଉପରେ ଧ୍ୟାନ ରଖାଯାଇଛି। ଏହା ମଧରେ ୩୦ ଆକ୍ସନ ପଏଣ୍ଟ ସ୍ଥାନିତ ରହିଛି। ସାଙ୍ଗଠନିକ ସହାୟତା, ଅନୁପାଳନ ସହଜ କରିବା, ପବ୍ଲିକ ପ୍ରୋକ୍ୟୋରମେଣ୍ଟ ନିୟମ କୋହଳ, ସିଡ୍ ଫଣ୍ଡିଂ ସପୋର୍ଟ, ଭେଞ୍ଚର ଫଣ୍ଡିଂ ସହାୟତା, ସଚେତନତା, ଆଉଟରିଚ୍ ଭଳି ପ୍ରସଙ୍ଗକୁ ବିଚାର କରାଯାଇଛି। ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ୨ଟି ଗ୍ରୁପ୍ରେ ସାମିଲ କରାଯାଇଛି। ଏଥିରେ ୨୨ଟି ରାଜ୍ୟ ଏବଂ ୩ କେନ୍ଦ୍ର ଶାସିତ ଅଞ୍ଚଳକୁ ନିଆଯାଇଛି। ମୋଟ୍ ୫ଟି ବର୍ଗରେ ର୍ୟାଙ୍କ ପ୍ରଦାନ କରାଯାଇଛି। ବେଷ୍ଟ ପରଫର୍ମର, ଟପ୍ ପରଫର୍ମର, ଲିଡର୍ସ, ଆସ୍ପାୟାରିଂ ଲିଡର୍ସ, ଏମର୍ଜିଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଭଳି ବର୍ଗ ଏଥିରେ ରହିଛି।

ଏହି ଅବସରରେ ଗୋୟଲ କହିଛନ୍ତି ଯେ, ଷ୍ଟାର୍ଟ ଅପ୍ଗୁଡ଼ିକ ଚିରାଚରିତ ଧାରାଠାରୁ ବାହାରକୁ ଆସି ସଲ୍ୟୁଶନ ଯୋଗାଣ ଏବଂ ନୂଆ ଚିନ୍ତାଧାରା ଉପରେ କାମ କରିବାର ସମୟ ଆସିଛି। କେନ୍ଦ୍ର ସରକାର ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମକୁ ଉତ୍ସାହିତ କରୁଛନ୍ତି। ଉଦ୍ୟୋଗୀମାନେ ନିଯୁକ୍ତି ସୃଷ୍ଟି, ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ଏବଂ ଲୋକଙ୍କ ଉନ୍ନତି ପାଇଁ କାର୍ଯ୍ୟକରୁଥିବା ଗୋୟଲ ମତପ୍ରକାଶ କରିଛନ୍ତି। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ଦେଶକୁ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାରେ ରୂପାନ୍ତରିତ କରିବା ଲାଗି ଏକ ଦୃଢ ଷ୍ଟାର୍ଟ ଅପ୍ ଇକୋସିଷ୍ଟମର ଆବଶ୍ୟକତା ରହିଛି। ବର୍ତ୍ତମାନ ଲୋକମାନେ ନିଯୁକ୍ତି ସୃଷ୍ଟି ଦିଗରେ ଯୋଗଦାନ ରଖୁ ଥିବାରୁ ଏହାକୁ ସେ ପ୍ରଶଂସା କରିଛନ୍ତି। କେନ୍ଦ୍ର ବାଣିଜ୍ୟ ଏବଂ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଓମ ପ୍ରକାଶ କହଛନ୍ତି, ଏଭଳି ର୍ୟାଙ୍କିଙ୍ଗ୍ ଦ୍ୱାରା ଯୁବ ଉଦ୍ୟୋଗୀଙ୍କୁ ଉତ୍ସାହ ମିଳିବ। ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ୍ ଷ୍ଟାର୍ଟ ଅପ୍ ହବ୍ ହୋଇପାରିଛି। ଡିପିଆଇଆଇଟି ସଚିବ ଡ. ଗୁରୁପ୍ରସାଦ ମହାପାତ୍ର କହିଛନ୍ତି ଯେ, ଷ୍ଟାର୍ଟଅପ୍ ଇକୋସିଷ୍ଟମ ଦେଶ ମଧରେ ୪ ଲକ୍ଷ ନିଯୁକ୍ତି ସୃଷ୍ଟି କରିବାକୁ ସକ୍ଷମ ହୋଇଛି।

# ନୂତନ ଶିକ୍ଷାନୀତି ୱେବ୍ସାଇଟ୍ ଉନ୍ମୋଚନ କଲେ ରାଜ୍ୟପାଳ

### ୨୪ ପର୍ଯ୍ୟନ୍ତ ଚାଲିବ ପଞ୍ଜୀକରଣ

ଭୁବନେଶ୍ୱର, ୧୧।୯ (ବ୍ୟୁରୋ)

ରାଜ୍ୟ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ନୂତନ ଶିକ୍ଷାନୀତି ଜାଗରଣ ଅଭିଯାନ 'My NEP' ପ୍ରତିଯୋଗିତାର ୱେବ୍ସାଇଟ୍ 'www.mynep.in'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉନ୍ମୋଚନ କରିଛନ୍ତି। ଶୁକ୍ରବାର ରାଜଭବନ ପରିସରରେ ଏନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଲାଲ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମରେ ବିକଶିତ ହୋଇଥିବା ଜାତୀୟ ଶିକ୍ଷା ନୀତିକୁ ଗୁରୁତ୍ୱାରୋପ କରିବା ସହ ଶିକ୍ଷା କ୍ଷେତ୍ରରେ ପ୍ରାଚ୍ୟ ଦେଶରେ ହେଉଥିବା ଏହି ସୂର୍ଯ୍ୟୋଦୟ ସାରା ବିଶ୍ୱକୁ ଆଲୋକିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ଜାତୀୟ ଶିକ୍ଷାନୀତି - ୨୦୨୦ ନିମନ୍ତେ ଆରମ୍ଭ ହୋଇଥିବା ଏହି ଜନଜାଗରଣ ପାଇଁ ବିଦ୍ୟା ଭାରତୀ ଓ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ଉଦ୍ୟମକୁ ସେ ପ୍ରଶଂସା କରିଥିଲେ।

ପ୍ରତିଯୋଗିତା ପାଇଁ 'www.mynep.in'ରେ ଅନଲାଇନ୍ ପଞ୍ଜୀକରଣ ଆରମ୍ଭ ହୋଇଥିବାବେଳେ ଏହା ୨୪ ତାରିଖରେ ଶେଷ ହେବ। ୨୫ ତାରିଖ ଅର୍ଥାତ୍ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀଠାରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଅନ୍ଲାଇନ ମାଧ୍ୟମରେ ସୋସିଆଲ ମିଡ଼ିଆ, ୱେବ୍ସାଇଟ୍ www.mynep.in ଓ My NEPରେ ଲୋକପ୍ରିୟ ଆକର୍ଷକ ପ୍ରତିଯୋଗିତାମାନ ଆୟୋଜନ ହେବ। ୧୩ଟି ଭାଷା ଓ ୪ଟି ଉପବିଷୟରେ ଏହି ପ୍ରତିଯୋଗିତା ହେବ। ଏହାକୁ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଥିବାବେଳେ ଅକ୍ଟୋବର ୫ରେ ବିଜେତାଙ୍କ ନାମ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି।

# କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ, ସୁପରିଚାଳନା ପାଇଁ ବୁଝାମଣା ପତ୍ର

ଭୁବନେଶ୍ୱର ୧୧।୯(ବ୍ୟୁରୋ)

ରାଜ୍ୟରେ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ 'କୃଷକ ଉତ୍ପାଦକ ଗୋଷ୍ଠୀ' ଗଠନ ଏବଂ ଏହାର ସୁପରିଚାଳନା ପାଇଁ ରାଷ୍ଟ୍ରୀୟ ସହକାରୀ ବିକାଶ ନିଗମ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। କୃଷି ଭବନଠାରେ କୃଷି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ସମ୍ପାଦନ ହୋଇଛି। ରାଜ୍ୟ ସରକାରଙ୍କ କୃଷି ବିଭାଗ ତରଫରୁ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଏବଂ ରାଷ୍ଟ୍ରୀୟ ସହକାରୀ ବିକାଶ ନିଗମ ପକ୍ଷରୁ ଆଞ୍ଚଳିକ ନିର୍ଦ୍ଦେଶକ ଶାର୍ଦ୍ଦୁଳ ଯାଦବଙ୍କ ମଧ୍ୟରେ ଏହା ସ୍ୱାକ୍ଷରିତ ହୋଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ 'କୃଷକ ଉତ୍ପାଦକ ଗୋଷ୍ଠୀ'ଙ୍କୁ ରାଜ୍ୟରେ ଗଠନ କରିବା ସହିତ ଓଡ଼ିଶାର କ୍ଷୁଦ୍ର ଓ ନାମମାତ୍ର କୃଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ କ୍ଷେତ୍ରର ସମସ୍ୟା ଯଥା ଉତ୍ପାଦନ, ବୈଷୟିକ ଜ୍ଞାନକୌଶଳ, ଉତ୍ପାଦିତ ଦ୍ରବ୍ୟର ଗୁଣାତ୍ମକମାନ, କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରଦାନ, ଋଣ ଗ୍ରହଣ, ବିହନ ଉତ୍ପାଦନ, ପ୍ରକ୍ରିୟାକରଣ, ବିନିଯୋଗ ଓ ସର୍ବୋପରି ବଜାର ସୃଷ୍ଟି ଉପରେ ପ୍ରଶିକ୍ଷଣ ସହ ରାଷ୍ଟ୍ରୀୟ ସହକାରୀ ବିକାଶ ନିଗମ ପକ୍ଷରୁ ଉପଯୁକ୍ତ ପରାମର୍ଶ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଏଭଳି ଏକ କେନ୍ଦ୍ରୀୟ ଯୋଜନା ରାଜ୍ୟର କୃଷକମାନଙ୍କ ହିତରେ ବିନିଯୋଗ ହେବାକୁ ଯାଉଛି ଏବଂ କୃଷକ ଉତ୍ପାଦକ ଗୋଷ୍ଠୀଗୁଡ଼ିକ ସମବାୟ ଆଇନ ଦ୍ୱାରା ପରିଚାଳିତ ହେବାର ବ୍ୟବସ୍ଥା ରହିଛି। ରାଷ୍ଟ୍ରୀୟ ସହକାରୀ ବିକାଶ ନିଗମ, ନୂଆଦିଲ୍ଲୀର ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ କୁମାର ନାୟକ ଏବଂ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗଙ୍କ ଉଦ୍ୟମକ୍ରମେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।

# ଏସ୍ଆର୍ସିଙ୍କ ପୂଜା ଗାଇଡ୍ଲାଇନକୁ ଚ୍ୟାଲେଞ୍ଜ

## ହାଇକୋର୍ଟରେ ଦୁର୍ଗାପୂଜା ମାମଲା

କଟକ ଅଫିସ,୧୧।୯

ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆର୍ସି)ଙ୍କ ପୂଜା ଗାଇଡ୍ଲାଇନକୁ ଚ୍ୟାଲେଞ୍ଜ କରି ଶୁକ୍ରବାର ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ବାଲୁବଜାର ପୂଜା କମିଟି ପକ୍ଷରୁ ଏହି ମାମଲା ରୁଜୁ ହୋଇଥିବାବେଳେ ଏଥିରେ ସହରର ଅନ୍ୟ ୨୪ଟି ପୂଜା କମିଟି ଓ ଭୁବନେଶ୍ୱରର ବିଭିନ୍ନ ପୂଜା କମିଟି ପକ୍ଷଭୁକ୍ତ ହୋଇଛନ୍ତି। ଗାଇଡ୍ଲାଇନରେ ଉଲ୍ଲେଖ ଥିବା କିଛି ନିର୍ଦ୍ଦିଷ୍ଟ ନିୟମକୁ ଏଥିରେ ପ୍ରତିବାଦ କରାଯାଇଛି।

ମା' ଦୁର୍ଗାଙ୍କ ପୂଜା ତନ୍ତ୍ର ଓ ମନ୍ତ୍ରରେ ଆଧାରିତ। ପାଣିକଖାରୁ ବଳି ନ ଦିଆଗଲେ ପୂଜା ସମ୍ପୂର୍ଣ୍ଣ ନୁହେଁ। ଏଭଳି ସ୍ଥଳେ ତିନି ପାର୍ଶ୍ୱକୁ ଆବଦ୍ଧ କରି ପୂଜା କରିବା ସମ୍ଭବ ନୁହେଁ ବୋଲି ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ପୂଜା ପେଣ୍ଡାଲ ୩ ପାର୍ଶ୍ୱରୁ ଆବଦ୍ଧ କରିବାକୁ ଏସ୍ଆରସିଙ୍କ ପକ୍ଷରୁ ପ୍ରଦତ୍ତ ଗାଇଡ୍ଲାଇନରେ ଉଲ୍ଲେଖ କରାଯାଇଛି। ୪ଫୁଟ୍ର ମୂର୍ତ୍ତି ନିର୍ମାଣକୁ ନେଇ ଅନ୍ୟଏକ ପ୍ରତିବାଦ ହୋଇଛି। ବିଭିନ୍ନ ପୂଜାମଣ୍ଡପରେ ମୃଣ୍ମୟୀ ପ୍ରତିମା




ପ୍ରାୟ ୭ଫୁଟ୍ର। ଏଥିପାଇଁ ସ୍ୱତନ୍ତ୍ର ଛାଞ୍ଚ ମଧ ରହିଛି। ମା'ଙ୍କ ଆସ୍ଥାନ ମଧ ସମାନ ଉଚ୍ଚତାର ହୋଇଥାଏ। ଏଣୁ ୪ ଫୁଟ୍ର ଛାଞ୍ଚ ଓ ଆସ୍ଥାନ ନିର୍ମାଣ କରିବା ଏବେ ସହଜ ନୁହେଁ ବୋଲି ଆବେଦନକାରୀ କହିଛନ୍ତି। ୪ଫୁଟ୍ ବଦଳରେ ୭ଫୁଟ୍ର ମୃଣ୍ମୟୀ ପ୍ରତିମା ନିର୍ମାଣ ପାଇଁ ଅନୁମତି ଦେବାକୁ ଏମାନେ ଆବେଦନ କରିଛନ୍ତି। ସେହିପରି ବିସର୍ଜନ ପାଇଁ ଚେଟିସ୍ କିମ୍ବା ଟ୍ରାକ୍ଟରର ଅନୁମତି ଦିଆଯାଉ ବୋଲି ଆବେଦନକାରୀ କୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ପୂଜା କମିଟି କେହି କର୍ମକର୍ତ୍ତା ନ ଯାଇ ମଧ ବିସର୍ଜନ ହେବ ବୋଲି ଆବେଦନକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଆବେଦନକାରୀ ଏହି ମାମଲାରେ ଗୃହ ବିଭାଗ ସଚିବ, ଆଇନ ବିଭାଗ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର, ପୋଲିସ କମିଶନର, କଟକ ଓ ଭୁବନେଶ୍ୱର ଡିସିପି, କଟକ ଜିଲାପାଳଙ୍କୁ ପକ୍ଷଭୁକ୍ତ କରିଛନ୍ତି। ବାଲୁବଜାର ପୂଜା କମିଟି ସଭାପତି ତଥା ଆଇନଜୀବୀ ସୂର୍ଯ୍ୟକାନ୍ତ ସାଙ୍ଗନାରିଆ, ସମ୍ପାଦକ ରାଜେନ୍ଦ୍ର ସାମଲ, ଅନ୍ୟତମ ସମ୍ପାଦକ ରମେଶ ଚନ୍ଦ୍ର ବେହେରା ଏହି ମାମଲା ରୁଜୁ କରିଛନ୍ତି। ଆଇନଜୀବୀ ସୂର୍ଯ୍ୟକାନ୍ତ ସାଙ୍ଗନାରିଆ ମାମଲା ପରିଚାଳନା ଦାୟିତ୍ୱରେ ଅଛନ୍ତି।

# ଯୁକ୍ତ୨ କଳା: ଖାତା ରିଚେକିଂ ଆବେଦନ ଆରମ୍ଭ

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

ଉଚ୍ଚ ମାଧମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଖାତା ରିଚେକିଂ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ସିଏଚ୍ଏସ୍ଇ ୱେବ୍ସାଇଟ୍ରେ ଅନ୍ଲାଇନ୍ରେ ଆବେଦନ କରିପାରିବେ। ଗୋଟିଏ ବିଷୟର ରିଚେକିଂ ଫି' ୨୦୦ଟଙ୍କା ରହିଛି। ତେବେ ଏଥର କଳା ବିଭାଗ କିଛି ବିଷୟର ରିଚେକିଂ ପାଇଁ ଉଭୟ ଅନ୍ଲାଇନ୍ ଓ ଅଫ୍ଲାଇନ୍ ମୋଡ୍ର ବ୍ୟବସ୍ଥା କରାଯାଇଛି। ଅନ୍ଲାଇନ୍ ରିଚେକିଂ ପାଇଁ ୧୭ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ଲିଙ୍କ୍ ପ୍ରଦାନ କରାଯିବ। ରିଚେକିଂ ସଂକ୍ରାନ୍ତରେ ଆବେଦନ କରୁଥିବା ଛାତ୍ରୀଛାତ୍ରଙ୍କୁ ଏସ୍ଏମ୍ଏସ୍ ଓ ଇମେଲ୍ ଜରିଆରେ ସୂଚନା ଦିଆଯିବ। କିନ୍ତୁ କୋଭିଡ୍ ସମୟରେ ଯେଉଁ ବିଷୟରେ ପରୀକ୍ଷା ହୋଇ ନ ଥିଲା, ସେହି ବିଷୟରେ ପରୀକ୍ଷା ଖାତା ପାଇଁ ରିଚେକିଂ କରାଯାଇପାରିବ ନାହିଁ ବୋଲି ସିଏଚ୍ଏସ୍ଇ କହିଛି। ସୂଚନାଯୋଗ୍ୟ, ଗତ ୫ ତାରିଖରେ ଯୁକ୍ତ୨ କଳା ଓ ଧନ୍ଦାମୂଳକ ଶିକ୍ଷା ରେଜଲ୍ଟ ପ୍ରକାଶ ପାଇଥିଲା।


**PARADIP PORT TRUST**

**e-TENDERING NOTICE**

Online tenders in three bid system i.e.(1)EMD Bid (2)Technical Bid (3)Price Bid are invited from manufacturers/authorized dealers/distributors for supply of **Paints of make : Jotun/ Sigmamarine/Hempel/International/Growl**. The last date and time of submission of the tender is 17.15 Hours on **Dt.07.10.2020**. For details, log on to website **https://eprocure.gov.in/eprocure/app**.

Sr.Dy.Materials Manager
PPT/PR/207/20-21 Dt.11.09.2020

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007,
Tel : 0674-2545586 / 2545852(O),
email- serifedodisha@gmail.com, website- www.serifedodisha.in

Bid identification no:- VI-30(07)/SERIFED/2020-21/ 767/Dt.09.09.2020

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only for the "**Construction of Basic Seed Production Unit**" - 2nos. in Keonjhar dist. The bid documents such as DTCN/BOQ etc. can be seen / downloaded from the government website : **www.tendersodisha.gov.in**. during the period dt. 16.09.2020 to 17.00 hours up to dt. 13.10.2020. Online bids shall be received till 17.00 hours dt. 13.10.2020 & shall be opened at 11.30 AM on Dt. 14.10.2020. Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR




**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BANSAL TOWER**
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ ୨୦,୦୦୦,୦୦/-
ପାଆନ୍ତୁ ଓ ମାସକୁ
ଭଡା ୨୦,୦୦୦/-
ଟଙ୍କା ପାଆନ୍ତୁ +
ବାଇକ୍ ପାଆନ୍ତୁ



20yrs Court Agreement
Bansal Tower B Wing, Bangalore , Karnataka-400021.
7055041635
7599929291

**Hindustan Tower Group**
(ପଞ୍ଜୀକୃତ) କମ୍ପାନୀ ଦ୍ୱାରା
ନିଜର ଖାଲି ଜମି, ଛାତ,
ପ୍ଲଟ୍ ଉପରେ ଡିଜିଟାଲ
ଟାୱାର୍ ଲଗାନ୍ତୁ 20 ଲକ୍ଷ
ଆଡଭାନ୍ସ, 60,000ର
ଭଡ଼ା + ବାଇକ୍ 20
ବର୍ଷର କୋର୍ଟ ଏଗ୍ରିମେଣ୍ଟ।
9473618663

**BUSINESS**
Jeevansh & Company Pvt. Ltd.
କମ୍ପାନୀକୁ ସାରା ଓଡିଶାରେ
ଲୋନ୍, ଏଜେଣ୍ଟ, ଡିଲରସିପ୍
ଆବଶ୍ୟକ କରୁଅଛି।
ଓଡିଶାରୁ ସମସ୍ତ ଜିଲ୍ଲା/ସହର/ଗ୍ରାମିଣରେ ବ୍ରାଞ୍ଚ ଖୋଲିବା ପାଇଁ ବ୍ରାଞ୍ଚ ମ୍ୟାନେଜର , ଏରିଆ ମ୍ୟାନେଜର ଆବଶ୍ୟକ। ନୋଟ- ମାଇକ୍ରୋଫାଇନାନ୍ସ/ବ୍ୟାଙ୍କ/ ଇନ୍ସୁରାନ୍ସ କର୍ମଚାରିଙ୍କୁ ଅଗ୍ରାଧିକାର ଦିଆଯିବ।
6399121671
6399121670

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
ଫ୍ରୀ ସେବା ୩ ଘଣ୍ଟାରେ ଘରେବସି ୧୦୦% ସମାଧାନ
ଯେପରୀ- ମନଚାହାଁ ପ୍ରେମ, ଲଭ୍ ମ୍ୟାରେଜ୍, ବ୍ୟବସାୟ, ବିଦେଶ ଯାତ୍ରା, ଗୃହକ୍ଳେଶ, ବିବାହରେ ବାଧା, ସଉତୁଣୀ, ଶତ୍ରୁମୁକ୍ତି, କର୍ଜମୁକ୍ତି, ଚାକିରୀ, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରନୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ଘରେବସି ତୁରନ୍ତ ସମାଧାନ ।



ବାବା ମୁସ୍ତାନ ଆଲମ
ସ୍ପେ- ବଶୀକରଣ, ମହାମୁଠକରଣୀ ଏବଂ ବ୍ୟବସାୟ
9654196674
9667700474

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଏନ୍ଇଇଟି ପରୀକ୍ଷାର୍ଥୀଙ୍କ ପାଇଁ ୪ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୧୧।୯ (ବ୍ୟୁରୋ)

ଆସନ୍ତା ରବିବାର ୧୩ ତାରିଖରେ ହେବାକୁ ଥିବା ଏନ୍ଇଇଟି ପରୀକ୍ଷା ପାଇଁ ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରୁ ୪ ସ୍ୱତନ୍ତ୍ର ଟ୍ରେନ୍ ଶନିବାରଠାରୁ ଚଳାଚଳ କରିବ। ପ୍ରଥମ ଟ୍ରେନ୍ଟି ଖରିଆର ରୋଡ୍ରୁ ସମ୍ବଲପୁର, ଦ୍ୱିତୀୟଟି ରାୟଗଡ଼ାରୁ ସମ୍ବଲପୁର, ତୃତୀୟଟି ଭଦ୍ରକରୁ ଭୁବନେଶ୍ୱର ଭାୟା କଟକ ଓ ଚତୁର୍ଥଟି କେନ୍ଦୁଝରରୁ ଭୁବନେଶ୍ୱର ଭାୟା କଟକ ଦେଇ ଯାତ୍ରା କରିବ। ପ୍ରଥମ ଟ୍ରେନ୍ ଖରିଆର ରୋଡ୍ରୁ ଶନିବାର ଅପରାହ୍ନ ୪ଟାରେ ବାହାରି ରାତି ୧୦ଟା ୩୦ରେ ସମ୍ବଲପୁରରେ ପହଞ୍ଚିବ। ପରେ ସମ୍ବଲପୁରରୁ ଉକ୍ତ ଟ୍ରେନ୍ଟି ୧୩ ତାରିଖ ରାତି ୧୧ଟାରେ ଫେରନ୍ତା ଯାତ୍ରା ଆରମ୍ଭ କରି ଖରିଆର ରୋଡ୍ରେ ୧୪ ତାରିଖ ସକାଳ ୪ଟା ୩୦ରେ ପହଞ୍ଚିବ। ଦ୍ୱିତୀୟଟି ରାୟଗଡ଼ାଠୁ ଅପରାହ୍ନ ୪ଟାରେ ବାହାରି ରାତି ୧୦ଟା ୩୦ରେ ସମ୍ବଲପୁରରେ ପହଞ୍ଚିବ। ପରେ ସମ୍ବଲପୁରରୁ ଉକ୍ତ ଟ୍ରେନ୍ଟି ୧୩ ତାରିଖ ରାତି ୧୧ଟାରେ ଯାତ୍ରା ଆରମ୍ଭ କରି ରାୟଗଡ଼ାରେ ୧୪ ତାରିଖ ସକାଳ ୫ଟା ୩୦ରେ ପହଞ୍ଚିବ। ଏହି ଦୁଇ ଟ୍ରେନ୍ ୮ କୋଚ୍ ବିଶିଷ୍ଟ ହେବ।

ସେହିପରି ତୃତୀୟ ଟ୍ରେନ୍ଟି ଭଦ୍ରକରୁ ଭୁବନେଶ୍ୱର ଭାୟା କଟକକୁ ଯାତ୍ରା କରିବାକୁ ଥିବାବେଳେ ୧୨ ତାରିଖ ଅପରାହ୍ନ ୪ଟାରୁ ଭଦ୍ରକରୁ ଯାତ୍ରା ଆରମ୍ଭ କରିବ ଓ ଭୁବନେଶ୍ୱରରେ ସନ୍ଧ୍ୟା ୭ଟା ୩୦ରେ ପହଞ୍ଚିବ। ପରଦିନ ଅର୍ଥାତ ୧୩ ତାରିଖ ରାତି ୭ଟାରୁ ଏହି ଟ୍ରେନ୍ ପୁନର୍ବାର ଫେରନ୍ତା ଯାତ୍ରା ଆରମ୍ଭ କରି ୧୦ଟା ୩୦ ମଧରେ ଭଦ୍ରକରେ ପହଞ୍ଚିବ। ଏହା ୧୬ କୋଚ୍ ବିଶିଷ୍ଟ ହେବ।

ଚତୁର୍ଥ ସ୍ୱତନ୍ତ୍ର ଟ୍ରେନ୍ଟି କେନ୍ଦୁଝରରୁ ଭୁବନେଶ୍ୱର ଭାୟା କଟକ ଦେଇ ଯାତ୍ରା କରିବ। ଅପରାହ୍ନ ୪ଟାରୁ ଭଦ୍ରକରୁ ଯାତ୍ରା ଆରମ୍ଭ କରିବ ଓ ଭୁବନେଶ୍ୱରରେ ରାତି ୭ଟା ୪୫ରେ ପହଞ୍ଚିବ। ପରଦିନ ଅର୍ଥାତ ୧୩ ତାରିଖ ରାତି ୭ଟା ୩୦ରୁ ଏହି ଟ୍ରେନ୍ ପୁନର୍ବାର କେନ୍ଦୁଝର ଅଭିମୁଖେ ଯାତ୍ରା ଆରମ୍ଭ କରିବ ଓ ୧୧ଟା ୪୫ ମଧରେ ପହଞ୍ଚିବ। ଏଥିରେ କେବଳ ଏନ୍ଇଇଟି ପରିକ୍ଷାର୍ଥୀ ଯାତ୍ରା କରିବେ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ କରାଯାଇଛି।


**ତହସିଲଦାରଙ୍କ କାର୍ଯ୍ୟାଳୟ, ଉଲୁଣ୍ଡା**

ବିଜ୍ଞାପନ ସଂଖ୍ୟା: ୧୮୪୪ — ତାରିଖ: ୯।୯।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ତହସିଲ ଅନ୍ତର୍ଗତ ନିମ୍ନୋକ୍ତ ଲଘୁ ଖଣିଜ (ବାଲି ଉତ୍ସ)କୁ ଆସନ୍ତା ପାଞ୍ଚବର୍ଷ ପାଇଁ ଅର୍ଥାତ୍ ୨୦୨୦-୨୧ ଆର୍ଥିକ ବର୍ଷଠାରୁ ୨୦୨୪-୨୫ ପର୍ଯ୍ୟନ୍ତ ଲିଜ୍ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Amendment Rule 2016ର Form-M ପୂରଣ କରି ଏହାର ତିନି କପି ସହିତ ୧୦୦୦ ଟଙ୍କାର ଟ୍ରେଜେରି ଚାଲାଣ ଓ ଜମିର ସମ୍ପୂର୍ଣ୍ଣ ବିବରଣୀ, ନକ୍ସା, ମାଇନିଙ୍ଗ ଦେୟ ବାକି ନଥିବା ଏକ ସତ୍ୟପାଠ, ସଲଭେନ୍ସି ସାର୍ଟିଫିକେଟ, Income Tax Clearance/IT Returnର ନକଲ, ଅନ୍ୟାନ୍ୟ ଦକ୍ଷତା ଜ୍ଞାନ ଇତ୍ୟାଦିର ସାର୍ଟିଫିକେଟ ସଂଲଗ୍ନ କରି (Sealed Cover)ରେ ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୨୬।୦୯।୨୦୨୦ରିଖ ଅପରାହ୍ନ ଘ୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ ବକ୍ସରେ ପକାଇବେ ଏବଂ ସେହିଦିନ ଘ.୩.୩୦ମି. ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯିବ। ଯଦି ପ୍ରଥମ ଦିନ ଚୂଡ଼ାନ୍ତ ହୋଇପାରିବ ନାହିଁ, ଦ୍ୱିତୀୟ ଥର ତା୦୬।୧୦।୨୦୨୦ରିଖ ଅପରାହ୍ନ ଘ.୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ ବକ୍ସରେ ପକାଇବେ ଏବଂ ସେହିଦିନ ଘ.୩.୩୦ମି. ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯିବ। ଯଦି ଦ୍ୱିତୀୟ ଦିନ ଚୂଡ଼ାନ୍ତ ହୋଇପାରିବ ନାହିଁ, ତୃତୀୟ ଥର ତା୧୩।୧୦।୨୦୨୦ରିଖ ଅପରାହ୍ନ ଘ.୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ ବକ୍ସରେ ପକାଇବେ ଏବଂ ସେହିଦିନ ଘ.୩.୩୦ମି. ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯିବ। ସର୍ତ୍ତାବଳୀ ଓ ସବିଶେଷ ବିବରଣୀ **www.subarnapur.nic.in**ରେ କିମ୍ବା ଉଲୁଣ୍ଡା ତହସିଲ କାର୍ଯ୍ୟାଳୟସ୍ୱର ନୋଟିସ୍ ବୋର୍ଡରେ ଉପଲବ୍ଧ ଅଟେ।

**ସଇରାତର ବିବରଣୀ**

୧. ଅରିଗାଁ ବାଲି ଉତ୍ସ — ୨୦୨୦-୨୧ରୁ ୨୦୨୪-୨୫ (ପାଞ୍ଚବର୍ଷ)

ସ୍ୱା./- ତହସିଲଦାର, ଉଲୁଣ୍ଡା


# ୧୪ରୁ ମାଟ୍ରିକ, ଓପନ ସ୍କୁଲ ସପ୍ଲିମେଣ୍ଟାରି ପରୀକ୍ଷା

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

ହାଇସ୍କୁଲ ସପ୍ଲିମେଣ୍ଟାରୀ ଓ ଓପନ ସ୍କୁଲ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ। ଚଳିତବର୍ଷ ୨୨,୬୪୯ ଛାତ୍ରୀଛାତ୍ର ମାଟ୍ରିକ ସପ୍ଲିମେଣ୍ଟାରୀ ଓ ଓପନ ସ୍କୁଲର ୧୨,୯୩୯ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ। ମାଟ୍ରିକ ପରୀକ୍ଷା ପାଇଁ ୧୫୩ ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ଓପନ ସ୍କୁଲ ପାଇଁ ୮୮ ପରୀକ୍ଷା କେନ୍ଦ୍ର ହୋଇଛି। ଏସବୁ ପରୀକ୍ଷା ୨୪ ତାରିଖରେ ଶେଷ ହେବ। ଏ ନେଇ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇ କହିଛନ୍ତି, ପରୀକ୍ଷା ସମୟରେ କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ସୁପରିଚାଳନା ପାଇଁ ସହଯୋଗ କରିବାକୁ ସମସ୍ତ ଜିଲାପାଳଙ୍କୁ କୁହାଯାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକ ପ୍ରତିଦିନ ସାନିଟାଇଜ୍ କରାଯିବ। ଏପରି କି ପରୀକ୍ଷା ସରିବା ପରେ ସମସ୍ତ କେନ୍ଦ୍ରକୁ ଭଲ ଭାବେ ସାନିଟାଇଜ୍ କରିବା ପାଇଁ ବ୍ୟବସ୍ଥା କରିବାକୁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଭିଡ଼ ନ ହେବା ପାଇଁ ବ୍ୟବସ୍ଥା ହେବ। ପରୀକ୍ଷା କେନ୍ଦ୍ରରେ ସୁରକ୍ଷା କର୍ମୀ ମୁତୟନ କରି ପରୀକ୍ଷାକୁ ସୁରୁଖୁରୁରେ ସାରିବା ପାଇଁ ପୋଲିସ ପ୍ରଶାସନକୁ କୁହାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।


GOVERNMENT OF ODISHA
**OFFICE OF THE EXECUTIVE ENGINEER, RURAL WORKS DIVISION-I, MALKANGIRI**
e-mail:rwd_malkangiri@yahoo.co.in
NATIONAL COMPETITIVE BIDDING THROUGH e-Procurement

No.O-339:- **Identification No. Online Tender 09/MKG/2020-21**

1. Name of the work: Road works (Detailed in Annexure). 2. Total number of works: 03 (Three) Numbers. 3. Tender cost : Rs.60.28 lakhs to 80.00 lakhs. 4. Class of contractor : 'B' & 'A' Class contractors. 5. Period of completion : (As per detailed in Annexure). 6. Other details:

| Procurement Officer | Bid identification No. | No. of works | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|---|
| | | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Rural Works Division-I, Malkangiri | Online tender /09/RWD-I, MKG/ 2020-21 | 03 (Three) Nos. of Road works | 14.09.2020 from 11.00 A.M. | 25.09.2020 upto 5.00 P.M. | 24.09.2020 upto 5.00 P.M. | 28.09.2020 at 11.30 A.M. | 29.09.2020 at 11.00 A.M. |

Further details can be seen from the website : www.tendersorissa.gov.in

Sd./- Executive Engineer, R.W. Division, Malkangiri
OIPR-25058/11/0008/2021

## ସଂକ୍ଷେପରେ

### ସୁସ୍ଥ ହେଲେ ଜୟରାମ ପାଙ୍ଗୀ

କୋରାପୁଟ,୧୧।୯,(ସ୍ୱ.ପ୍ର.)- ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀ ଶୁକ୍ରବାର କୋରନାରୁ ସୁସ୍ଥ ହୋଇ କୁନ୍ଦୁଲିସ୍ଥିତ ନିଜ ବାସଭବନକୁ ଫେରିଛନ୍ତି। ଏ ନେଇ ସେ ଗଣମାଧମକୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୨୧ ତାରିଖରେ ଜୟରାମଙ୍କ ସମେତ ତାଙ୍କ ସ୍ତ୍ରୀ, ଦୁଇ ଝିଅ, ବୋହୂ ଓ ଦୁଇ ପୁତୁରା କରୋନାରେ ସଂକ୍ରମିତ ହୋଇଥିଲେ। ଏହାପରେ କୋରାପୁଟଠାରେ ଏକ ଗୃହରେ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିଲେ। ଶୁକ୍ରବାର ସମସ୍ତେ ସୁସ୍ଥ ହୋଇ ନିଜ ଘରକୁ ଫେରିଥିବା ସେ ଜଣାଇଛନ୍ତି। ସୁସ୍ଥ ହେବା ପରେ ଡାକ୍ତରୀ ଦଳକୁ ସେ ଧନ୍ୟବାଦ ଦେଇଛନ୍ତି। କରୋନା ଲକ୍ଷଣ ଥିବା ସମସ୍ତେ ପରୀକ୍ଷା କରାଇ ନିଅନ୍ତୁ ବୋଲି ପାଙ୍ଗୀ ଅନୁରୋଧ କରିଥିଲେ। ପଜିଟିଭ ବାହାରିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରନ୍ତୁ ବୋଲି ସେ କହିଥିଲେ।

### ଚୋରି ମାମଲାରେ ୩ ଗିରଫ

ଜୟପୁର,୧୧।୯(ଡି.ଏନ୍.ଏ.)-ଲୁହା ସାମଗ୍ରୀ ନିର୍ମାଣ ଦୋକାନରୁ ଚୋରି ଅଭିଯୋଗରେ କୋରାପୁଟ ଜିଲା ଜୟପୁର ସଦରଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସଦରଥାନା ଅଞ୍ଚଳର ବନଗୁଡା ସେନାପତି ନାଗ (୨୫), ଦାନାକରିଆଗୁଡାର ଗୁପ୍ତେଶ୍ୱର ଶୁକ୍ରି (୨୭) ଟାଉନଥାନା ଅଞ୍ଚଳ ପାୱାର ହାଉସ୍ ଛକର ଜଗଦୀଶ ମିଶ୍ର (୩୮)। ଗତ ବୁଧବାର ରାତିରେ ସ୍ଥାନୀୟ ଭୂତନାଥ ମନ୍ଦିର ନିକଟ ଏକ ଲୁହା ସାମଗ୍ରୀ ନିର୍ମାଣ ଦୋକାନରୁ ପ୍ରାୟ ୫୦ ହଜାର ଟଙ୍କାର ଜିନିଷ ଅଭିଯୁକ୍ତମାନେ ଚୋରି କରିନେଇଥିଲେ। ଏ ନେଇ ଦୋକାନ ମାଲିକ ପଙ୍କଜିନି ପଟ୍ଟନାୟକ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକ୍ରମେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି।

### ରାସ୍ତାକଡରୁ କଟା ଚାଲିଛି ଶାଗୁଆନ ଗଛ

ଝରିଗାଁ, ୧୧।୯(ସ୍ୱ.ପ୍ର.)-ଝରିଗାଁଠାରୁ ଚନ୍ଦାହାଣ୍ଡି ଯିବା ରାସ୍ତାରେ ପ୍ରାୟ ୨ କିମି ଦୂରରେ ଥିବା ଶାଗୁଆନ୍ ଜଙ୍ଗଲରୁ ଅବାଧରେ ରାତାରାତି ମେଶିନ୍ ଲଗାଇ ମୂଲ୍ୟବାନ ଶାଗୁଆନ ଗଛ କଟାଯାଉଛି। ଖବରପାଇ ସ୍ଥାନୀୟ ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସେଠାରୁ କିଛି ଶାଗୁଆନ କାଠ ଗଣ୍ଡି ଜବତ କରି ବନବିଭାଗ କାର୍ଯ୍ୟାଳୟକୁ ଅଣାଯାଇଛି। ଏହି ମୂଲ୍ୟବାନ ଗଛଗୁଡିକୁ ସୁରକ୍ଷା ଦିଆ ନଗଲେ ଭବିଷ୍ୟତରେ ପ୍ରାକୃତିକ ବିପର୍ଯ୍ୟାୟ ସମ୍ମୁଖୀନ ହେବାକୁ ପଡିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଜଲଦି କାଠମାଫିଆଙ୍କୁ ଧରାଯାଇ ଦଣ୍ଡ ଦିଆଯିବ ବୋଲି ରେଞ୍ଜର ମୁକୁନ୍ଦ ଦିଶାରୀ କହିଛନ୍ତି।

### ୧୫୧ କେଜି ଗଞ୍ଜେଇ ଜବତ, ଛଅ ଗିରଫ

ମାଲକାନଗିରି, ୧୧।୯(ଡି.ଏନ୍.ଏ) ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡା ଥାନା ଅଞ୍ଚଳରୁ ପୋଲିସ ୧୫୧ କେଜି ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଛଅ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ମୁଦୁଲିପଡା ଥାନାଧିକାରୀ କମଲକାନ୍ତ କରଙ୍କ ନେତୃତ୍ୱରେ ପୋଡାଘାଟ ଗ୍ରାମ ପୋଲିସ ଗାଡି ଯାଞ୍ଚ କରୁଥିଲା। ଏହି ଯାଞ୍ଚ ବେଳେ ବାଲିମେଳାରୁ ଗୋବିନ୍ଦପାଲ୍ଲୀ ଅଭିମୁଖେ ଗୋଟିଏ କାର୍ ଓ ପଛରେ ଯାଉଥିବା ଏକ ବାଇକ୍‌କୁ ପୋଲିସ ଅଟକାଇ ଥିଲା। ସେଥିରେ ୫ବସ୍ତାରେ ୧୫୧ କେଜି ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଥିଲା। ପରେ କାର୍‌ରେ ଥିବା ୪ଜଣ ଓ ବାଇକ୍‌ରେ ଯାଉଥିବା ୨ଜଣଙ୍କୁ ପୋଲିସ ଗିରଫ କରିଛି।

### ନିଟ୍ ପରୀକ୍ଷା ପାଇଁ ଗଲେ ୨୫୩ ପରୀକ୍ଷାର୍ଥୀ

କୋରାପୁଟ,୧୧।୯,(ସ୍ୱ.ପ୍ର.)-ନିଟ୍-୨୦୨୦ ପରୀକ୍ଷା ପାଇଁ ଶୁକ୍ରବାର କୋରାପୁଟ ଜିଲାରୁ ୨୫୩ ଜଣ ଛାତ୍ରୀଛାତ୍ର ଓ ତାଙ୍କ ଅଭିଭାବକମାନେ ସରକାରୀ ବସ ଯୋଗେ ଭୁବେନେଶ୍ୱର ଓ ବ୍ରହ୍ମପୁର ଯାଇଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ପରୀକ୍ଷାର୍ଥୀଙ୍କୁ ନେବା ଆଣିବା ପାଇଁ ୮ଟି ବସ୍‌ର ବ୍ୟବସ୍ଥା କରାଯାଇଛି। ଏଥିସହ ସମସ୍ତଙ୍କୁ ପାଣି ବୋତଲ ଓ ଫଳ ପ୍ୟାକେଟ ପ୍ରଦାନ କରାଯାଇଛି। ସ୍ଥାନୀୟ ସ୍ୱତନ୍ତ୍ର ସର୍କାଟ ହାଉସ ସମ୍ମୁଖରୁ ପରୀକ୍ଷାର୍ଥୀମାନେ ବସ୍‌ରେ ବାହାରିଥିଲେ। କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ସବୁଜ ପତକା ଦେଖାଇ ଏହି ବସ୍‌ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲା ଜରୁରୀ ଅଧିକାରୀ ଜ୍ଞାନଦୀପ ତ୍ରୀପାଠିଙ୍କ ସମେତ ବହୁ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୭ଦିନରେ ମରାମତି ନ ହେଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ

ଜୟପୁର,୧୧।୯ (ଡି.ଏନ୍.ଏ./ନି.ପ୍ର.)



ଜାତୀୟ ରାଜପଥ କାର୍ଯ୍ୟାଳୟରେ ଜୟପୁର ବିଧାୟକ ସମୀକ୍ଷା କରୁଛନ୍ତି।

**ଜୟପୁର-ବୋରିଗୁମ୍ମା ଜାତୀୟ ରାଜପଥ ରାସ୍ତାର ଦୁରବସ୍ଥା ନେଇ ବିଧାୟକଙ୍କ ସମୀକ୍ଷା**

କୋରାପୁଟ ଜିଲାର ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥ ନିର୍ମାଣରେ ବିଳମ୍ବ ଏବଂ ଯାତାୟାତ ପାଇଁ ମରାମତି କାର୍ଯ୍ୟରେ ଅଗ୍ରଗତି ନ ହୋଇଥିବା ଅଭିଯୋଗ ନେଇ ବିଧାୟକ ତାରାପ୍ରସାଦ ବାହିନୀପତି ଜୟପୁରସ୍ଥିତ ଜାତୀୟ ରାଜପଥ ନିର୍ବାହୀଯନ୍ତ୍ରୀଙ୍କ ଅଫିସରେ ପହଞ୍ଚି କାର୍ଯର ସମୀକ୍ଷା କରିଥିଲେ। ୭ଦିନ ମଧରେ ନିର୍ମାଣାଧୀନ ୨୬ କିଲୋମିଟର ଜାତୀୟ ରାଜପଥକୁ ଗାଡ଼ିମୋଟର ଯାତାୟାତ ଉପଯୋଗୀ ନିମନ୍ତେ ମରାମତି କରିବା ନେଇ ବିଧାୟକ ତାଗିଦ କରିଥିଲେ। ୭ଦିନ ଭିତରେ ବାରିଣୀପୁଟ-ଜୟପୁର-ବୋରିଗୁମ୍ମା ରାସ୍ତା ମରାମତି ନ ହେଲେ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ଚେତାବନୀ ଦେଇଥିଲେ।

ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ନିକଟରେ ଦାବିକରି ୬୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। କିନ୍ତୁ ଠିକାଦାର ଓ ବିଭାଗ ତତ୍ପରତା ଦେଖାଉ ନ ଥିବାରୁ ପ୍ରତ୍ୟେକ ଦିନ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୧୯ ନଭେମ୍ବରରେ ରାସ୍ତାକାମ ଆରମ୍ଭ ହୋଇଥିଲା। କିନ୍ତୁ ବର୍ତ୍ତମାନ ମାତ୍ର ୨ କି.ମି. ରାସ୍ତା ମରାମତି ହୋଇଛି। ୭ଦିନ ଭିତରେ ବାରିଣୀପୁଟ-ଜୟପୁର-ବୋରିଗୁମ୍ମା ରାସ୍ତା ମରାମତି ନ ହେଲେ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ଚେତାବନୀ ଦେଇଛନ୍ତି। ୭ ଦିନ ପରେ ରାସ୍ତାରେ ଖାଲଖମା ରହିଲେ ବିଭାଗ ଦାୟୀ ରହିବ। କ୍ୱାଲିଟି ଓ କ୍ୱାଣ୍ଟିଟିରେ ସାଲିସ କରାଯିବ ନାହିଁ ବୋଲି ବିଧାୟକ ବାହିନୀପତି ଚେତାବନୀ ଦେଇଛନ୍ତି। କୌଣସି ପରିସ୍ଥିତିରେ ନିମ୍ନମାନର କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ । ଏଥିପ୍ରତି ବାରମ୍ବାର ଅନୁଧାନ କରିବାକୁ ଉପସ୍ଥିତ ଜାତୀୟ ରାଜପଥ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଜୟ ମହାନ୍ତି ଏବଂ ସହକାରୀ ଯନ୍ତ୍ରୀ ଗୌତମ ବିଶ୍ୱାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାୟ ୨ କିଲୋମିଟର ରାସ୍ତା ମରାମତି କାମ ଶେଷ ହୋଇଛି। ଆସନ୍ତା ସପ୍ତାହ ମଧରେ ଆଉ ବଳକା କାମ ଶେଷ କରାଯିବ ବୋଲି ନିର୍ମାଣକାରୀ ଠିକାସଂସ୍ଥା ପ୍ରକଳ୍ପ ପରିଚାଳକ ମହେଶ୍ୱର ସେଠୀ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଏହି ରାସ୍ତାର ନିର୍ମାଣ ଏବଂ ମରାମତି ନେଇ ବିଭାଗୀୟ ରାଜ୍ୟ ସଚିବ, କେନ୍ଦ୍ରୀୟ ଜାତୀୟ ରାଜପଥ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରିଥିବା ନେଇ ସୂଚନା ଦେଇଥିଲେ। ପ୍ରକାଶ, ଯେ ଜୟପୁରର ବାରିଣୀପୁଟରୁ ବୋରିଗୁମ୍ମା ପର୍ଯ୍ୟନ୍ତ ୨୬ ନମ୍ବର ଜାତୀୟ ରାଜପଥର ୨୬ କିଲୋମିଟର ପ୍ରଶସ୍ତୀକରଣ ଏବଂ ନୂତନ ଭାବେ ନିର୍ମାଣ ନିମନ୍ତେ ୨୦୧୯ ମସିହାରେ ଟେଣ୍ଡର କରାଯାଇଥିଲା।

# ବଦଳିଲା ଦୋକାନ ବଜାର ଖୋଲିବା ସମୟ

ଚନ୍ଦାହାଣ୍ଡି, ୧୧।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଦିନକୁ ଦିନ କରୋନା ସଂକ୍ରମଣ ବଢୁଛି। ଏହାକୁ ନଜରରେ ରଖି ଆସନ୍ତା ୩୦ ତାରିଖ ଯାଏ କୋଭିଡ୍ ନିୟମ ମାନି ସକାଳ ୭ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହିବ ବୋଲି ଚନ୍ଦାହାଣ୍ଡି ବ୍ଲକ ବ୍ୟବସାୟୀ ସଙ୍ଘ ପକ୍ଷରୁ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ବରିଷ୍ଠ ସାମାଜିକ କର୍ମୀ ଗୋବିନ୍ଦ କୁମାର ଜୈନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଭବିଷ୍ୟତରେ ଚନ୍ଦାହାଣ୍ଡିରେ ଯେପରି ଗୋଷ୍ଠୀ ସଂକ୍ରମଣ ନ ବଢେ ସେଥିପାଇଁ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ସମସ୍ତ ଦୋକାନ ବଜାର ବନ୍ଦ ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବ୍ଲକରେ ଅଧିକ କୋଭିଡ୍ ଟେଷ୍ଟ କରିବାକୁ ବିଡିଓଙ୍କୁ ଚନ୍ଦାହାଣ୍ଡି ବ୍ଲକର ପ୍ରତ୍ୟେକ ଗ୍ରାମର ଛୋଟ ବଡ଼ ବ୍ୟବସାୟୀଙ୍କୁ ନେଇ ଏକ ସ୍ଥାୟୀ ସଂଘ ଗଠନ କରାଯିବ। ବୈଠକରେ ଏକ ଅସ୍ଥାୟୀ ବ୍ୟବସାୟୀ ସଙ୍ଘ ଗଠନ କରାଯାଇଛି। ଅସ୍ଥାୟୀ ବଣିକ ସଙ୍ଘ ସଭାପତି ଭାବେ ବିଶିଷ୍ଟ ବ୍ୟବସାୟୀ ଗୋବିନ୍ଦ ଜୈନ, ସମ୍ପାଦକ ମହମଦ ହନିଫ, ଉପ ସଭାପତି ମହମଦ ରଫିକ, ସହସମ୍ପାଦକ ରିଙ୍କୁ ମହାପାତ୍ର, ସଂଘ ସଂଯୋଜକ ଜୟବୀର ଅଗ୍ରୱାଲ ଏବଂ କାର୍ଯ୍ୟକାରରୀ ସଦସ୍ୟ ଭାବେ ପୁରୁଷୋତ୍ତମ ସାହୁ, ଦୀପକ ସାହୁ, ଶ୍ରୀମନ୍ତ ରଥ, କୈଳାଶ ବେହେରା, ଜିତୁ ସରକାର, ବିଭୁତି ସାହୁ, ରଞ୍ଜିତ ସାହୁ, ହେମଳ ମାଝିଙ୍କୁ ମନୋନୀତ କରାଯାଇଛି।

# ଛଟେଇ ପ୍ରତିବାଦରେ ଧାରଣା

ଜୟପୁର, ୧୧।୯ (ନି.ପ୍ର.)

ଗଞ୍ଜାମ ସିକୁରିଟି ସର୍ଭିସ ବ୍ରହ୍ମପୁର ଜରିଆରେ ଓପିଟିସିଏଲ୍‌ରେ କାର୍ଯ୍ୟରତ ସିକୁରିଟି ଗାର୍ଡଙ୍କୁ ବିନା ନୋଟିସ୍‌ରେ କରଯାଇଥିବା ଛଟେଇ ପ୍ରତିବାଦରେ କର୍ମଚାରୀମାନେ ଧାରଣା ଦେଇଛନ୍ତି। ଓଡିଶା ବିଦ୍ୟୁତ୍ ଶକ୍ତି ସଞ୍ଚାଳନ ନିଗମ ଲିଙ୍ଗ ର ଜିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖ ରେ ଧାରଣାରେ ବସିଛନ୍ତି। ୨୦୦ ରୁ ଉର୍ଦ୍ଧ୍ୱ ସିକୁରିଟି ଗାର୍ଡ ଦୀର୍ଘ ୧୫ ବର୍ଷ ହେବ ଓପିଟିସିଏଲ ଅଧୀନରେ ଥିବା ଡିଭିଜନ ଅଫିସ, ସର୍କଲ ଅଫିସ, ଷ୍ଟୋର, ଗ୍ରୀଡ଼ ସବଷ୍ଟେଶନ ଏବଂ ବିଭିନ୍ନ ଲାଇନ ଜଗିବା ଆଦି କାର୍ଯ୍ୟ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲାରେ କରୁଛନ୍ତି। କିନ୍ତୁ ବିଭାଗ ପକ୍ଷରୁ ସେମାନେ ମେ ମାସରୁ ଦରମା ପାଇନଥିବା ବେଳେ ଅଗଷ୍ଟ ୨୮ରୁ କାର୍ଯ୍ୟରେ ଯୋଗ ନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବିରୋଧରେ ସେମାନେ ଧାରଣା ଦେଇଛନ୍ତି। ଏ ନେଇ ଓପିଟିସିଏଲ୍‌ର ଜିଏମ୍ ଏସ୍.ଏସ୍. ରାଓଙ୍କୁ ପଚାରିବାରୁ କହିଛନ୍ତି କର୍ମଚାରୀଙ୍କ ଦାବି ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ସେମାନଙ୍କ ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ।




ଧାରଣାରେ ଯୋଗ ଦେଇଥିବା କର୍ମଚାରୀମାନେ।

# ମାସକରେ ୧୩ ଜଣଙ୍କ ମୁଣ୍ଡ ନେଲାଣି ଅଜଣା ରୋଗ

ମାଲାକନଗିରି,୧୧।୯(ଡି.ଏନ୍.ଏ.)

**ସୋଡିଗୁଡା ଗାଁ**

ମାଲକାନଗିରି ଜିଲାରେ ପୁଣି ଅଜଣା ରୋଗ ଦେଖାଦେଇଛି। ଏହି ଅଜଣା ରୋଗରେ ମାସକରେ ୧୩ ଜଣଙ୍କ ମୃତ୍ୟୁ ହୋଇଯାଇଛି। ମାଲକାନଗିରି ଜିଲା ମାଥିଲି ବ୍ଲକ ଅଧୀନ ସୋଡିଗୁଡା ଗ୍ରାମବାସୀ ଅଜଣା ରୋଗରେ ପୀଡିତ ହେଉଥିଲେ ସୁଦ୍ଧା ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଯାଇ ଗୁଣିଆଙ୍କ ସାହାରା ନେଇଛନ୍ତି।

ଏହି ରୋଗରେ ପ୍ରଥମେ ଦେହ ଫୁଲିଥାଏ ପରେ ଲୋକଙ୍କୁ ଭୋକ ହେଉନାହିଁ। ଦୁର୍ବଳ ହୋଇ ପ୍ରାୟ ସପ୍ତାହକ ମଧରେ ଜୀବନ ଚାଲି ଯାଉଛି ବୋଲି ଗ୍ରାମବାସୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଗ୍ରାମର ବାମନ ମାଢ଼ି, ଆଡମା ସୋଡି, ମିଡିଆ ସୋଡି,କସାମାଡି, ଲକ୍ଷ୍ମୀ କବାସୀ, ଇର୍ମା କବାସୀ, ମଙ୍ଗଳା ମାଡକାମୀଙ୍କ ସମେତ ଅନ୍ୟ କେତେଜଣଙ୍କ ମୃତ୍ୟୁ ହୋଇଛି। ଏହି ରୋଗରୁ ପିଲାମାନେ ମଧ ବର୍ତ୍ତି ପାରୁ ନାହାନ୍ତି। ୧୪ ବର୍ଷର ସନମତି ମାଡି, ପଦ୍ମା ମାଡି ମଧ ଏହି ଅଜଣା ରୋଗରେ ପ୍ରାଣ ହରାଇଛନ୍ତି। ଗ୍ରାମରେ ଦିନକୁ ଦିନ ଅଧିକ ଲୋକ ଏଥିରେ ଆକ୍ରାନ୍ତହେଉଥିବାରୁ ଲୋକ ବେଶ୍ ଆତଙ୍କିତ। ତେବେ ଅନ୍ୟ ଉପାୟ ନ ପାଇ ଗ୍ରାମର ମୁଖିଆଙ୍କ କଥା ମାନି ଦିଶାରୀଙ୍କ ପାଖକୁ ଯାଉଛୁ ବୋଲି ଗ୍ରାମବାସୀ କହିଛନ୍ତି।

କରୋନା ଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଠିକ୍‌ଭାବେ ଚିକତ୍ସା କରାଯିବ ନାହିଁ କହି ଗ୍ରାମବାସୀ ଡାକ୍ତରଖାନା ଯାଉ ନାହାନ୍ତି ବୋଲି ଯୁବଗୋଷ୍ଠୀ କହିଛନ୍ତି। ଏ ନେଇ ମାଥିଲି ସବ୍‌ଡିଭିଜନ ଭାରପ୍ରାପ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅମୀୟ କୁମାର ସ୍ୱାଇଁଙ୍କୁ ପଚାରିବାରୁ ମାସକ ତଳେ ଉକ୍ତ ଗାଁରୁ ଜଣେ ରୋଗୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ। ସେ କିଡ୍‌ନୀ ରୋଗରେ ପୀଡିତ ଥିଲେ। ଗାଁରେ ଅଜଣା ରୋଗକୁ ନେଇ ଏବେ ସୁଦ୍ଧା କୌଣସି ଖବର ଆସିନି। ତଥାପି ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ଗାଁକୁ ଯାଇ ରକ୍ତ ନମୂନା ସଂଗ୍ରହ କରାଯିବ ବୋଲି ସେ କହିଛନ୍ତି।

# କରୋନାରେ ମୁନିଗୁଡ଼ା ଥାନାଧିକାରୀଙ୍କ ମୃତ୍ୟୁ

ମୁନିଗୁଡ଼ା, ୧୧।୯(ଡି.ଏନ୍.ଏ.)

ମୁନିଗୁଡାର ଥାନାଧିକାରୀ ରାଜେନ୍ଦ୍ର ପ୍ରସାଦ ଦେହୁରୀ କରୋନାରେ ପ୍ରାଣ ହରାଇଛନ୍ତି। କରୋନାରେ ଆକ୍ରାନ୍ତ ହୋଇ ଗତ ପାଞ୍ଚଦିନ ଧରି ସେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ମୁନିଗୁଡାରେ ସମସ୍ତ ଦୋକାନ ବଜାର ବନ୍ଦ ରଖାଯାଇଥିଲା। ଶୁକ୍ରବାର ମୁନିଗୁଡ଼ା ଥାନା ପରିସରରେ ଆୟୋଜିତ ଶୋକସଭାରେ ଆଦିବାସୀ କଲ୍ୟାଣମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ, ବିଡ଼ିଓ ଦିଲ୍ଲୀପ ବେହେରା, ତହସିଲଦାର ଦେବାଶିଷ ଗୌଡ଼, ଜିଲା ପରିଷଦ ରାମଚନ୍ଦ୍ର ବେହେରା, ମୁନିଗୁଡା ବିକାଶ ପରିଷଦ ସଭାପତି ଏମ୍. ଆୟୁବ, ସମ୍ପାଦକ ସୁଧାକର ମହାରଣା, ବିଜେଡି ବ୍ଲକ ସଭାପତିରତନଲାଲ ଜୈନ, ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼, ମୁନିଗୁଡା ପ୍ରେସ କ୍ଲବ ସଦସ୍ୟମାନେ ଶୋକ ପ୍ରକାଶ କରିଥିଲେ।

# ଜବରଦଖଲକାରୀଙ୍କୁ ପୌର ପରିଷଦର ନୋଟିସ

ରାୟଗଡ଼ା ଅଫିସ,୧୧।୯

ରାୟଗଡ଼ା ସହରର ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ପାଇଁ ପୌର ପରିଷଦ ପକ୍ଷରୁ ନୋଟିସ ଜାରି କରାଯାଇଛି। ଆସନ୍ତା ୧୪ ତାରିଖ ଭିତରେ ଜବରଦଖଲ ନ ହଟିଲେ ଗାଡ଼ି ଲଗାଇ ଉଚ୍ଛେଦ କରାଯିବ ବୋଲି କୁହାଯାଇଛି। ରାଜପଥ ନିକଟରେ ଥିବା ବ୍ୟକ୍ତିମାନେ ଜବରଦଖଲ ଉଚ୍ଛେଦ ନ କରାଇବାକୁ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗୁହାରି କରିଥିଲେ। ପୂର୍ବରୁ ଅଶୋକ ଟକିଜ ସାମ୍ନାରେ ଥିବା କେତେଜଣ ଉଠାଦୋକାନୀଙ୍କ ସମେତ ସହରର ବିଭିନ୍ନ ଜାଗାରେ ଜବରଦଖଲ କରି ବ୍ୟବସାୟ କରୁଥିବା ଲୋକଙ୍କୁ ଉଚ୍ଛେଦ ପାଇଁ ପ୍ରଶାସନ ପୂର୍ବରୁ ନୋଟିସ କରିଥିଲା।

# ଉନ୍ନତ ସ୍ୱାସ୍ଥ୍ୟସେବା, ଶିକ୍ଷାର ଉପରେ ଗୁରୁତ୍ୱ

ଚନ୍ଦ୍ରପୁର,୧୧।୯(ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ ଥିବା ଲୋକପ୍ରତିନିଧି ଓ ଅନ୍ୟମାନେ।

**ଚନ୍ଦ୍ରପୁରରେ ପଞ୍ଚାୟତ ସମିତି ବୈଠକ**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ପଞ୍ଚାୟତ ସମିତି ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ କରାଯାଇଛି। ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗୋ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

୨୦୨୦/୨୧ ଆର୍ଥିକ ବର୍ଷ ପାଇଁ ରହିଥିବା ସିଏଫସି ଏବଂ ଏସ୍‌ଏଫ୍‌ସି ଯୋଜନାର ଅନୁଦାନ ପାଣ୍ଠିର ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗ୍ରାମ୍ୟ ଜଳଯୋଗାଣ, ଆଲୋକୀକରଣ, ନୂତନ ସରକାରୀ ହାଇସ୍କୁଲଗୁଡିକର ରକ୍ଷଣାବେକ୍ଷଣ, ମରାମତି, ଶ୍ରେଣୀଗୃହ ନିର୍ମାଣ, ନୂତନ ସ୍ୱାସ୍ଥ୍ୟକେନ୍ଦ୍ର, ପଶୁ ଚିକିତ୍ସା କେନ୍ଦ୍ର ନିର୍ମାଣ ସହ ଅନେକ ଉନ୍ନୟନ କାର୍ଯ୍ୟ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଲୋକସଭା ଏମ୍‌ପି ପ୍ରତିନିଧି ଭୀମ ଗଗେରେଙ୍ଗା, ବ୍ଲକ ଅଧ୍ୟକ୍ଷା, ସଙ୍ଗୀତା ପ୍ରଟିଙ୍ଗା, ଉପାଧ୍ୟକ୍ଷା ରେଣୁବାଳା ଭାଟ, ଚନ୍ଦ୍ରପୁର ବିଡିଓ ଜଜ୍ ଡୁଙ୍ଗ୍‌ଡୁଙ୍ଗ୍, ଚନ୍ଦ୍ରପୁର ବ୍ଲକର ସହକାରୀ କୃଷି ଅଧିକାରୀ ରାମଲାଲ ସାମାଡ, ଗ୍ରାମ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତଲୱାର ଯେନା, ସିଡିପିଓ ଲଳିତ ପୁଜାରୀ, ଓଡିଶା ଜୀବିକା ମିଶନର ବିପିଏମ୍ ଶ୍ରବଣ କୁମାର ସିଂ, ଏ.ପିଓ. ଦେବେସ କଅଁରଙ୍କ ସମେତ ସମସ୍ତ ସରପଞ୍ଚ ସମିତିସଭ୍ୟା, ସଭ୍ୟ ଉପସ୍ଥିତ ଥିଲେ। ବୈଠକକୁ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଭିକାରୀ ଚରଣ ମିଶ୍ର ପରିଚାଳନା କରିଥିଲେ।

# ଏନ୍‌ଏଚ୍‌ଆର୍‌ସିର ତଦନ୍ତ ପାଇଁ ରାଜ୍ୟ ଓଏସ୍‌ଆର୍‌ସିକୁ ନିର୍ଦ୍ଦେଶ

ଜୟପୁର,୧୧।୯(ଡି.ଏନ.ଏ.)

**ଚାଷ ଜମିକୁ ବେଆଇନ ଭାବେ ଘରବାରୀକୁ ପରିବର୍ତ୍ତନ ଅଭିଯୋଗ**

କୋରାପୁଟ ଜିଲାରେ ଚାଷଜମିଗୁଡିକକୁ ବେଆଇନ ଭାବେ ଘରବାରୀକୁ ପରିବର୍ତ୍ତନ କରାଇ ପ୍ଲଟିଂ କରାଯାଇ ବିକ୍ରି କରାଯାଉଥିବା ଜାତୀୟ ମାନବାଧିକାର କମିଶନ ନିକଟରେ ମାନବାଧିକାର କର୍ମୀ ଅନୁପ ପାତ୍ର ଅଭିଯୋଗ କରିଥିଲେ। ଅଭିଯୋଗର ଶୁଣାଣି କରାଯାଇଛି। ଏହି ମାମଲା ରାଜ୍ୟ ମାନବାଧିକାର କମିଶନଙ୍କ ତଦନ୍ତ କରିବାକୁ ନିର୍ଦ୍ଦେଶ ରହିଛି। କୋରାପୁଟ ଜିଲାରେ ଅଧିକାଂଶ ଚାଷ ଜମିଗୁଡିକୁ ଏହିପରି ଜମି ମାଫିଆ ଏବଂ ସରକାରୀ ଅଧିକାରୀମାନେ ମିଳତଭାବେ ଘରବାରୀ ଜମିକୁ ପରିବର୍ତ୍ତନ କରୁଥିବା ଅମିଯୋଗ ହୋଇଥିଲା।

# ଆନ୍ଧ୍ର ଚାଲାଣ ବେଳେ ୨ ନାବାଳିକା ଉଦ୍ଧାର

କାଲିମେଳା,୧୧।୯(ଡି.ଏନ୍.ଏ)

ଘର ଲୋକଙ୍କୁ ନ ଜଣାଇ ଦୁଇଜଣ ନାବାଳିକାଙ୍କୁ ଜଣେ ଦଲାଲ ଏକ ଅଟୋ ଯୋଗେ ଆନ୍ଧ୍ର ଚାଲାଣ କରୁଥିବାବେଳେ ମୋଟୁ ପୋଲିସ ଉଦ୍ଧାର କରିଛି। ଘଟଣାସ୍ଥଳରୁ ଦଲାଲ ଓ ଅଟୋରେ ଥିବା ଅନ୍ୟ ୬ଜଣ ଫେରାର ହୋଇଯାଇଛନ୍ତି। ଶୁକ୍ରବାର ସକାଳ ୯ଟାରେ ନାବାଳିକାଙ୍କ ପରିବାର ଲୋକ ଜମିକୁ କାମ କରିବାକୁ ଯାଇଥିବାବେଳେ ଦଲାଲ ଝିଅମାନଙ୍କୁ ଅଟୋରେ ନେଇଯାଇଥିଲା। ପରିବାର ଲୋକେ ଜାଣିପାରି ୱାର୍ଡମେମ୍ବର ଦୁଲା ମାଡକାମୀଙ୍କ ସହଯୋଗରେ କାଲିମେଳା ଜିଲା ପରିଷଦ ସଭ୍ୟ ଜୋନ-୨ର ଉତ୍ତମ ରାୟଙ୍କଚ ଭେଟିଥିଲେ। ସେ ତୁରନ୍ତ ମୋଟୁ ଥାନା ଏବଂ ଲେବର ଅଫିସକୁ ଜଣାଇଥିଲେ। କିଛି ଘଣ୍ଟା ପରେ ମୋଟୁ ବ୍ରିଜ ନିକଟରୁ ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ଦୈନିକ ୪ଶହ ଟଙ୍କାରେ କାମ ଯୋଗରଇ ଦେବା କହି ଜଣେ ବ୍ୟକ୍ତି ଆନ୍ଧ୍ରର ଭଦ୍ରାଳମକୁ ନେଉଥିଲେ ବୋଲି ନାବାଳିକାମାନେ କହିଛନ୍ତି। ଲେବର ଅଫିସର ବିଶ୍ୱ ରଞ୍ଜନ କହଁର ଘଟଣା ସମ୍ପର୍କରେ ନାବାଳିକାଙ୍କ ସହ ଆଲୋଚନା କରିଥିଲେ। ନାବାଳିକାମାନଙ୍କୁ ମାଲକାନଗିରି ଶିଶୁ ସୁରକ୍ଷା ସମିତି ନିକଟରେ ହାଜର କରାଯିବ ବୋଲି କହିଛନ୍ତି।

# ପରୀକ୍ଷାର୍ଥୀଙ୍କୁ ଭୁବନେଶ୍ୱର, ବ୍ରହ୍ମପୁର ପଠାଇଲା ପ୍ରଶାସନ

ରାୟଗଡା ଅଫିସ, ୧୧।୯

ନିଟ୍ ପରୀକ୍ଷା ପାଇଁ ରାୟଗଡା ଜିଲାରୁ ୬୨ଜଣ ପରୀକ୍ଷାର୍ଥୀଙ୍କୁ ବ୍ରହ୍ମପୁର ଓ ଭୁବନେଶ୍ୱରକୁ ଜିଲା ପ୍ରଶାସନ ବସ୍ ଯୋଗେ ପଠାଇଛି। ଶୁକ୍ରବାର ୩ଟି ସତନ୍ତ୍ର ବସ ଯୋଗେ ଜିଲା ଶିଳ୍ପ ପ୍ରଶିକ୍ଷଣ ସଂସ୍ଥା ଆନୁକୂଲ୍ୟରେ ୬୨ଜଣ ପରୀକ୍ଷାର୍ଥୀଙ୍କ ସହ ୨୬ ଅଭିଭାବକଙ୍କୁ ପଠାଯାଇଛି। ୧୭ଜଣ ବ୍ରହ୍ମପୁରରେ ଓ ୪୫ଜଣ ଭୁବନେଶ୍ୱରର ବିଭିନ୍ନ କେନ୍ଦ୍ରରେ ପରୀକ୍ଷା ଦେବେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ପତାକା ଦେଖାଇ ବସ୍ ଯାତ୍ରାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ଆଇଟିଆଇ ଅଧ୍ୟକ୍ଷ ଅତୂଲ୍ୟ କୁମାର ପଣ୍ଡା ,ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।




ଅତିରିକ୍ତ ଜିଲାପାଳ ପତାକା ଦେଖାଇ ବସ୍ ଯାତ୍ରାର ଶୁଭାରମ୍ଭ କରୁଛନ୍ତି।

# ସାପ୍ତାହିକ ହାଟ ବନ୍ଦକୁ ନେଇ ଉତ୍ତେଜନା

ଦଶମନ୍ତପୁର, ୧୧।୯(ଡି.ଏନ୍.ଏ.)

ଦଶମନ୍ତପୁର ଅଞ୍ଚଳରୁ କରୋନା ପଜିଟିଭ ଚିହ୍ନଟ ହେବା ପରେ ତାହାକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିଲା। ଏହା ନିକଟରେ ଥିବା ସାପ୍ତାହିକ ହାଟ ମଧ ବନ୍ଦ କରାଯାଇଥିଲା। ଏହି ଖବର ଜାଣି ନ ପାରି ଦୂରରୁ ଆସିଥିବା ବ୍ୟବସାୟୀଙ୍କ ମଧରେ ଉତ୍ତେଜନା ପ୍ରକାଶ ପାଇଥିଲା। ହାଟ ମଝିରେ ସେମାନେ ଏକାଠି ହୋଇ ହୋ ହାଲ୍ଲା କରିଥିଲେ। ପ୍ରଶାସନ ଅଧିକାରୀମାନେ ସେଠାରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

ଦଶମନ୍ତପୁର ଅଞ୍ଚଳରେ କରୋନା ପଜିଟିଭ ଚିହ୍ନଟ ହେବାପରେ ସରପଞ୍ଚ ବଳରାମ ମୁଦୁଲି ବସ୍ତି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଥିଲେ। ଏହା ନିକଟରେ ଥିବା ହାଟକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା। ତେବେ କୋରାପୁଟ ବ୍ୟବସାୟୀମାନେ ଜାଣି ନ ପାରି ବେପାର କରିବାକୁ ହାଟକୁ ଆସିଥିଲେ। ହାଟ ବନ୍ଦ ଥିବାଦେଖି ସେମାନେ ବିରକ୍ତି ଭାବ ପ୍ରକାଶ କରିଥିଲେ। ଏହପରେ ସମସ୍ତେ ଏକାଠି ହୋଇ ବିଡିଓ ଡ଼ମ୍ବରୁ ଧର ମଲ୍ଲିକଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଜଣାଇଥିଲେ। ସେଠାରୁ ପୁଣି ହାଟ ଅଞ୍ଚଳକୁ ଫେରିଆସି ବ୍ୟବସାୟୀମାନେ ହୋ ହାଲ୍ଲା କରିଥିଲେ। ଖବରପାଇ ତହସିଲଦାର ଅଜୟ ପ୍ରକାଶ ତିର୍କୀ, ବିଡିଓ ମଲ୍ଲିକ ଓ ଥାନାଧିକାରୀ କ୍ଷୀରେଶ୍ୱର ସାହୁ ବ୍ୟବସାୟୀଙ୍କୁ ବୁଝାଶୁଝା କରିଥିଲେ। ବ୍ୟବସାୟୀମାନେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ଖୋଲନ୍ତୁ। ଆଗାମୀ ଦିନରେ ଏଭଳି ସୂଚନା ସବୁ ଉକ୍ତ ଗ୍ରୁପରେ ଦିଆଯିବ ବୋଲି ବିଡିଓ କହିଛନ୍ତି।



ଅଧିକାରୀମାନେ ବ୍ୟବସାୟୀଙ୍କ ସହ ଆଲୋଚନା କରୁଛନ୍ତି।


**ପ୍ରଶାସନ ହସ୍ତକ୍ଷେପ ପରେ ଶାନ୍ତ ପଡିଲା ପରିସ୍ଥିତି**

## ସଂକ୍ଷେପରେ

### ଘୁଞ୍ଚିବ ଜିଏସ୍‌ଟି ପରିଷଦ ବୈଠକ

ନୂଆଦିଲ୍ଲୀ, ୧୧।୯ : ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିଷଦର ପରବର୍ତ୍ତୀ ବୈଠକ ଅକ୍ଟୋବରକୁ ଘୁଞ୍ଚିବ। ପ୍ରକ୍ରିୟା ସହ ଜଡିତ ୨ ଜଣ ବ୍ୟକ୍ତି ବିଶେଷ ଏ ନେଇ ଶୁକ୍ରବାର ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୧୯ରେ ଏହି ବୈଠକ ଅନୁଷ୍ଠିତ ହେବାର ଥିଲା। ମାତ୍ର ବୈଠକ ୫ରେ ହେବ ବୋଲି ଜଣେ ବ୍ୟକ୍ତି ନାମ ଗୋପନ ରଖି ଏହା କହିଛନ୍ତି। ରାଜ୍ୟଗୁଡିକୁ ଜିଏସ୍‌ଟି କ୍ଷତିପୂରଣ ପ୍ରସଙ୍ଗ ପାର୍ଲାମେଣ୍ଟରେ ସ୍ଥାନିତ ହେବାର ସମ୍ଭାବନା ରହିଛି। ସଂସଦ ଅଧିବେଶନ ଚଳିତ ମାସ ୧୪ରୁ ଆରମ୍ଭ ହେଉଛି। କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଆଉ ଗୋଟିଏ ପର୍ଯ୍ୟାୟ ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ ପ୍ରସଙ୍ଗ ଆଲୋଚନା କରାଯିବ ବୋଲି ଶୁଣାଯାଉଛି। କ୍ଷତିପୂରଣ ପ୍ରସଙ୍ଗ ଉପରେ ଅଗଷ୍ଟ ୨୭ରେ ହୋଇଥିବା ବୈଠକରେ ଆଲୋଚନା କରାଯାଇଥିଲା। ରାଜ୍ୟଗୁଡିକୁ କେନ୍ଦ୍ର ସରକାର ୨ଟି ବିକଳ୍ପ ପ୍ରଦାନ କରିଥିଲେ। ଏହା ମଧ୍ୟରେ ରିଜର୍ଭ ବ୍ୟାଙ୍କର ସ୍ୱତନ୍ତ୍ର ୱିଣ୍ଡୋ ଦ୍ୱାରା ବଜାରରୁ ପୁଞ୍ଜି ଉଠାଣ ମଧ୍ୟ ସାମିଲ ହୋଇଛି। ପ୍ରଥମଟିରେ ୯୭ ହଜାର କୋଟି ଟଙ୍କାର ପୁଞ୍ଜି ରିଜର୍ଭ ବ୍ୟାଙ୍କରୁ ଋଣ ଏବଂ ଦ୍ୱିତୀୟଟିରେ ୨.୩୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବଜାରର ଉଠାଇବା ନେଇ ପ୍ରସ୍ତାବ ରହିଛି। ଏହି ପ୍ରସଙ୍ଗରେ ଅନେକ ରାଜ୍ୟ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡି ଚିଠି ଲେଖିଥିବା ଜଣାପଡିଛି।

### ୧୧.୫% ଖସିବ ଜିଡିପି:ମୁଡିସ୍




ନୂଆଦିଲ୍ଲୀ, ୧୧।୯ : ଚଳିତ ଆର୍ଥିକ ବର୍ଷରେ ଭାରତର ମୋଟ୍ ଘରୋଇ ଉତ୍ପାଦ(ଜିଡିପି) ୧୧.୫% ଖସିବ ବୋଲି ରେଟିଂ ଏଜେନ୍ସି ମୁଡିସ୍ ଏହାର ପରିବର୍ତ୍ତିତ ଆକଳନରେ କହିଛି। ଭାରତୀୟ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ୪% ଖସିବା ନେଇ ଏହି ଏଜେନ୍ସି ପୂର୍ବରୁ ପୂର୍ବାନୁମାନ କରିଥିଲା। ଭାରତର କ୍ରେଡିଟ ପ୍ରୋଫାଇଲ ଉପରେ ଚାପ ପଡୁଥିବା ବେଳେ ଉଚ୍ଚ ହାରରେ ଋଣ ଚାପ ଏବଂ ଫାଇନାନ୍ସିଆଲ ସିଷ୍ଟମ ଦୁର୍ବଳ ସ୍ଥିତି ଜାରି ରହିଛି। କରୋନା ମହାମାରୀ ଯୋଗୁ ବଜାର ଲାଗି ସଙ୍କଟ ସୃଷ୍ଟି ହୋଇଥିବା ଏହାର ରିପୋର୍ଟରେ କୁହାଯାଇଛି। ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାର ଉପରେ ଏହା ଗଭୀର ଚାପ ପକାଇବ ବୋଲି ମୁଡିସ୍ ଆଶଙ୍କା ପ୍ରକଟ କରିଛି। ସେହିଭଳି ୨୦୨୧-୨୨ ଆର୍ଥିକ ବର୍ଷରେ ଅର୍ଥ ବ୍ୟବସ୍ଥା ୧୦.୬% ଅଭିବୃଦ୍ଧି କରିବା ନେଇ ଏହା ଆଶା ପ୍ରକଟ କରିଛି। ଏହି ସମୟରେ ଭାରତ ବଜାରର ଅଭିବୃଦ୍ଧି ୧୦.୫% ନିମ୍ନରେ ରହିବା ନେଇ ଅନ୍ୟ ଏକ ବିଶ୍ୱ ସ୍ତରୀୟ ଏଜେନ୍ସି ଫିଚ୍ ନିକଟରେ ପୂର୍ବାନୁମାନ କରିଛି। ସେହିଭଳି ଜିଡିପି ହ୍ରାସ ଯଥାକ୍ରମେ ୯% ଓ ୧୧.୫% ରହିବ ବୋଲି ଭାରତୀୟ ଏଜେନ୍ସି କ୍ରିସିଲ ଏବଂ ଇଣ୍ଡିଆ ରେଟିଂ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଅଧିକ ସହାୟତା ଦେଉ ଭାରତ: ଆଇଏମ୍ଏଫ୍

**ୱାଶିଂଶନ, ୧୧।୯**

ଭାରତର ଅଭିବୃଦ୍ଧି କ୍ଷେତ୍ରରେ କୋଭିଡ୍-୧୯ ମହାମାରୀ ଜନିତ ପ୍ରଭାବ ଏକ ପ୍ରତିବନ୍ଧକ ଭାବେ ଉଭା ହୋଇଛି। କୋଭିଡ୍ ଝଟକା ଭାରତ ପାଇଁ ଅପ୍ରତ୍ୟାଶିତ। ବିଭିନ୍ନ ନୀତି ନିର୍ଦ୍ଧାରଣ ଦ୍ୱାରା ଏହି ସମସ୍ୟାକୁ ସମାଧାନ ଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ମୁଖପାତ୍ର ଗେରି ରାଇସ ଶୁକ୍ରବାର ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ଭାରତ ଯେଉଁଭଳି ପଦକ୍ଷେପ ଗ୍ରହଣ କରିଛି ତାକୁ ଆଇଏମ୍ଏଫ୍ ସମର୍ଥନ କରୁଛି। ବିଶେଷକରି ନିମ୍ନ ଆୟକାରୀ ବର୍ଗ ଏବଂ ପରିବାରଗୁଡିକ ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାବାଦ ନିୟାମକ ଏବଂ ନଗଦ ସହାୟତା ମଧ୍ୟ ହାତକୁ ନିଆଯାଇଛି। ସରକାର ପୁଣି ଆର୍ଥିକ ସହାୟତା ପ୍ରଦାନ କରିବାର ଆବଶ୍ୟକତା ରହିଥିବା ସେ ମତ ଦେଇଛନ୍ତି। ସମସ୍ୟାରେ ରହିଥିବା ପରିବାର ଏବଂ ବାଣିଜ୍ୟ ସଂସ୍ଥାଗୁଡିକୁ ସହାୟତା ସହ ସ୍ୱାସ୍ଥ୍ୟ, ଖାଦ୍ୟ ସାମଗ୍ରୀ ଏବଂ ଆୟ ସହାୟତା ପ୍ରଦାନ ଦିଗରେ ଭାରତ ସରକାର ଧ୍ୟାନ କେନ୍ଦ୍ରିତ କରିବାକୁ ଆଇଏମ୍ଏଫ୍‌ର ଏକ ରିପୋର୍ଟରେ କୁହାଯାଇଛି।




ପ୍ରଥମ ତ୍ରୈମାସରେ ଭାରତର ଜିଡିପି ୨୩.୯% ଖସିଯାଇଛି। ଚଳିତ ଆର୍ଥିକ ବର୍ଷରେ ଭାରତ ବଜାର ଅଭିବୃଦ୍ଧି ଋଣାତ୍ମକ ରହିବ ବୋଲି ପ୍ରମୁଖ ଏଜେନ୍ସିଗୁଡିକ ଆକଳନ କରିଛନ୍ତି। କରୋନା ମହାମାରୀ ଏବଂ ଏହାକୁ ନିୟନ୍ତ୍ରଣ କରିବା ଲାଗି ସାରା ଦେଶରେ ଜାରି କରାଯାଇଥିବା ଲକ୍‌ଡାଉନ ଭାରତ ବଜାରକୁ ଗଭୀର ଭାବେ କ୍ଷତିଗ୍ରସ୍ତ କରିଛି ବୋଲି ରାଇସ କହିଛନ୍ତି। ବର୍ତ୍ତମାନ ଶିଳ୍ପ, ନିର୍ମାଣ, ମାନୁଫାକଚରିଂ, ହୋଟେଲ ଏବଂ ପରିବହନ କ୍ଷେତ୍ର ବିଶେଷ କ୍ଷତି ସାମ୍ନା କରିଛି। ନିକଟରେ ଆଇଏମ୍ଏଫ୍ ଏହାର ୱାର୍ଲଡ ଇକୋନୋମିକ ଆଉଟଲୁକ ଅପ୍‌ଡେଟରେ କହିଥିଲା ଯେ, ଭାରତୀୟ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ୪.୫%ରୁ ୬% ପର୍ଯ୍ୟନ୍ତ ହ୍ରାସ ଘଟିବ। ସେହିଭଳି ଘରୋଇ ବଜାର ଲାଗି ଆଉଟଲୁକ୍‌କୁ ନେଇ ଏହା ଆଶଙ୍କା ପ୍ରକଟ କରିଛି। କାରଣ ମାନ୍ଦାବସ୍ଥା ପରେ ବଜାର ବର୍ତ୍ତମାନ କରୋନା ମାଡରେ ବେହାଲ ହୋଇପଡିଛି। ଏହି ସ୍ଥିତି କେବଳ ଭାରତରେ ନୁହେଁ, ସାରା ବିଶ୍ୱ ବଜାର ବର୍ତ୍ତମାନ ଚାପରେ ଚାଲିଛି। ଏହାକୁ ବିଚାରକରି କେନ୍ଦ୍ର ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ଉଚିତ। ବିତ୍ତୀୟ ସ୍ୱଚ୍ଛତା ଉପରେ ସରକାର ନଜର ରଖିବାକୁ ମଧ୍ୟ ଧ୍ୟାନଦେବାକୁ ହେବ। ଏହା ହେଲେ ବଜାରର ଆତ୍ମବିଶ୍ୱାସ ବଢିବ ବୋଲି ରାଇସ ମତ ଦେଇଛନ୍ତି।

**କୋଭିଡ୍ ପ୍ରଭାବ କଟାଇବା ଲାଗି ସୂତ୍ର**

# ରାଜ୍ୟଗୁଡ଼ିକୁ ୬୧୯୫ କୋଟି



**ନୂଆଦିଲ୍ଲୀ, ୧୧।୯**

କେନ୍ଦ୍ର ସରକାର ୧୪ ରାଜ୍ୟକୁ ୬,୧୯୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ରାଜସ୍ୱ ନିଅଣ୍ଟ କ୍ଷେତ୍ରରେ ଗ୍ରାଣ୍ଟର ମାସିକ କିସ୍ତି ଭାବେ ଏଭଳି ଅର୍ଥ ରାଶି ପ୍ରଦାନ କରାଯାଇଛି। ୧୫ ଦଶ ଅର୍ଥ ଆୟୋଗ ଏଭଳି ଗ୍ରାଣ୍ଟ ପ୍ରଦାନ ଲାଗି ପ୍ରସ୍ତାବ ଦେଇଥିବା ବେଳେ ଏହା ୬ଷ୍ଠ ମାସିକ କିସ୍ତି। କରୋନା ମହାମାରୀ ସମୟରେ ବର୍ତ୍ତମାନ ରାଜ୍ୟଗୁଡିକର ଖର୍ଚ୍ଚ ବଢିଛି। ବର୍ତ୍ତମାନ ଏହା ରାଜ୍ୟଗୁଡିକ ଲାଗି ବେଶ୍ ସହାୟକ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଆନ୍ଧ୍ର ପ୍ରଦେଶ, ଆସାମ, ହିମାଞ୍ଚଳ ପ୍ରଦେଶ, କେରଳ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପଞ୍ଜାବ, ସିକିମ, ତାମିଲନାଡୁ, ତ୍ରିପୁରା, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ ଭଳି ରାଜ୍ୟ ଏହି ଗ୍ରାଣ୍ଟ ପାଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ସମାନ ପ୍ରକାର ଗ୍ରାଣ୍ଟ କେନ୍ଦ୍ର ସରକାର ପ୍ରଦାନ କରିଥିବା ଜଣାପଡ଼ିଛି।

# ଶିଳ୍ପ ଉତ୍ପାଦନ ୧୦.୪% ଖସିଲା

**ନୂଆଦିଲ୍ଲୀ, ୧୧।୯**

କୋଭିଡ୍-୧୯ ସାରା ବିଶ୍ୱର ଅର୍ଥ ବ୍ୟବସ୍ଥାକୁ ଝଟକା ଦେଇଛି। ଭାରତୀୟ ବଜାରରେ ଲାଗୁ ହୋଇଥିବା ଲକ୍‌ଡାଉନ କାରଣରୁ ଶିଳ୍ପ କ୍ଷେତ୍ରରେ ଉତ୍ପାଦନ ଚଳିତ ବର୍ଷ ଜୁଲାଇ ମାସରେ ୧୦.୪% ଖସିଛି। ମାନୁଫାକ୍‌ଚରିଂ, ଖଣି ଏବଂ ଶକ୍ତି ଉତ୍ପାଦନ ଉପରେ କୋଭିଡ୍‌ର ପ୍ରଭାବ ଜାରି ରହିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ସରକାର ଶୁକ୍ରବାର ପ୍ରକାଶ କରିଥିବା ଡାଟାରୁ ସାମ୍ନାକୁ ଆସିଛି। ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ଡାଟା ମୁତାବକ ଦେଶର ମାନୁଫାକ୍‌ଚରିଂ ଉତ୍ପାଦନ ୧୧.୧% ଖସିଛି। ସେହିଭଳି ଖଣି ଏବଂ ଶକ୍ତି କ୍ଷେତ୍ରରେ ଯଥାକ୍ରମେ ୧୩ ଓ୨.୫% ହ୍ରାସ ପରିଲକ୍ଷିତ ହୋଇଛି।

କୋଭିଡ୍-୧୯ ମହାମାରୀକୁ ନିୟନ୍ତ୍ରଣ କରିବା ଲାଗି ସରକାର ପ୍ରାୟ ୪ ମାସରୁ ଉର୍ଦ୍ଧ୍ୱ ସମୟ ଲକ୍‌ଡାଉନ ଏବଂ ଶଟ୍‌ଡାଉନ ଜାରି କରିଥିଲେ। ଏହି ସମୟ ମଧ୍ୟରେ ଶିଳ୍ପ କ୍ଷେତ୍ରର କାର୍ଯ୍ୟକଳାପ ଠପ୍ ହୋଇ ପଡିଥିଲା। ମାର୍ଚ୍ଚ ୨୦୨୦ ପରଠାରୁ ଶିଳ୍ପକ୍ଷେତ୍ରରେ କଳକାରଖାନାଗୁଡିକର କାର୍ଯ୍ୟକଳାପ ଏବେ ଯାଏ ସ୍ଥିତାବସ୍ଥାକୁ ଫେରିପାରିନାହିଁ। ଲକ୍‌ଡାଉନ ସମୟରେ ଉତ୍ପାଦନ ଉପରେ ପଡିଥିବା ପ୍ରଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ସରକାର ବର୍ତ୍ତମାନ ସୁଦ୍ଧା ପର୍ଯ୍ୟାୟ ଭିତ୍ତିରେ କଟକଣା କୋହଳ କରୁଛନ୍ତି। ଧୀରେ ଧୀରେ ଶିଳ୍ପ କ୍ଷେତ୍ରରେ ଉତ୍ପାଦନରେ ପରିବର୍ତ୍ତନ ଆସିବା ନେଇ ଆଶା ରହିଥିବା ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। ୨୦୨୦ ଜୁଲାଇରେ ସୂଚକାଙ୍କ ୧୧୮.୧% ସ୍ତରରେ ରହିଛି। ଏହା ଏପ୍ରିଲ,ମେ ଏବଂ ଜୁନ୍ ମାସରେ ଯଥାକ୍ରମେ ୫୪.୦%, ୮୯.୫% ଏବଂ ୧୦୮.୯% ସ୍ତରରେ ରହିଥିଲା।



# ଟିକ୍‌ଟକ୍ ବନ୍ଦ ପାଇଁ ୟୁଏସ୍ ଦେଲା ଡେଡ୍‌ଲାଇନ

**ୱାଶିଂଟନ, ୧୧।୯**

ଭାରତ ବଜାରରୁ ବିଦା ହୋଇଥିବା ସର୍ଟ ଭିଡିଓ ସୋସିଆଲ ମିଡିଆ ପ୍ଲାଟଫର୍ମ ଟିକ୍‌ଟକ୍ ଆସନ୍ତା ୧୫ ସେପ୍ଟେମ୍ବର ମଧ୍ୟରେ ଆମେରିକା ବଜାରରୁ ମଧ୍ୟ ବନ୍ଦ ହେବ ବୋଲି ଆମେରିକାରର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟିକ୍‌ଟକ୍‌କୁ ଏହି ଡେଡ୍‌ଲାଇନ ଦେଇଛନ୍ତି। ଏ ସମ୍ପର୍କରେ ଗୁରୁବାର ରାଷ୍ଟ୍ରପତି ଟ୍ରମ୍ପ ଏକ ନିର୍ଦ୍ଦେଶାବଳୀ ଜାରି ସହ ଚୀନ ଆପ୍‌ର ବ୍ୟବହାର ଉପରେ ଏକ ପ୍ରକାରର ରୋକ ଲଗାଇବାକୁ ଶେଷ ସମୟସୀମା ଧାର୍ଯ୍ୟ କରିଛନ୍ତି। ଏହି ଆପ୍‌କୁ ଆମେରିକା ବଜାରର ବନ୍ଦ କରାଯିବ ନଚେତ କୌଣସି ଆମେରିକା କମ୍ପାନୀ ଏହାର ମାଲିକାନା ପ୍ରାପ୍ତ କରି ଏହାର ବ୍ୟବହାର ପାଇଁ ଅନୁମତି ପ୍ରାପ୍ତ କରାଯାଇପାରିବ ବୋଲି ସୂଚନା ମିଳିଛି। ସେହିଭଳି ଗତ ମାସରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କରେ ଏକ ବିଧିବଦ୍ଧ ଗାଇଡ୍‌ଲାଇନ ଜାରି କରାଯାଇଥିଲା। ଏହି ଗାଇଡ୍‌ଲାଇନରେ ସ୍ପଷ୍ଟ ଭାବର ଉଲ୍ଲେଖ କରାଯାଇଛି ଯେ, ଏହି ଚୀନ ଆପ୍ ଆମେରିକା ବଜାରରେ ନିଜ ବ୍ୟବସାୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୟୁଏସ ଭିତ୍ତିକ ମାଇକ୍ରୋସଫ୍ଟ କମ୍ପାନୀ ଏହି ଆପକୁ ଅଧିଗ୍ରହଣ କରିବାକୁ ମଧ୍ୟ ପ୍ରସ୍ତାବ ରଖିଥିଲା। ଏ ନେଇ ମଧ୍ୟ ବେଜିଂ (ଚୀନ) ଭିତ୍ତିକ ବାଇଟ ଡ୍ୟାନ୍ସ (ଟିକ୍‌ଟକ୍‌ର ମାଲିକାନା ପ୍ରାପ୍ତ ସଂସ୍ଥା) ସହ ପ୍ରାରମ୍ଭିକ କଥାବାର୍ତ୍ତା ହୋଇଥିବା ସୂଚନା ମିଳିଛି। ମାଇକ୍ରୋସଫ୍ଟ ଟିକ୍‌ଟକ୍‌କୁ ଅଧିଗ୍ରହଣ କରିବା ପାଇଁ ଆବଶ୍ୟକୀୟ ଆଲୋଚନା ଉଭୟ ସଂସ୍ଥା ମଧ୍ୟରେ ଜାରି ରହିଥିବା ସୂଚନା ମିଳିଛି। ଟିକ୍‌ଟକ୍ କୁ ଆଉ ଅଧିକ ସମୟ ଦିଆଯିବ ନାହିଁ ବୋଲି ରାଷ୍ଟ୍ରପତି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସରକାରଙ୍କ ପକ୍ଷରୁ ଜାରି ଗାଇଡ୍‌ଲାଇନ ଅନୁସାରେ ଟିକ୍‌ଟିକ୍ ୧୫ ମଧ୍ୟରେ ଅନ୍ୟ କାହାକୁ ମାଲିକାନା ହସ୍ତାନ୍ତର କରିବ ନଚେତ ୧୫ ସେପ୍ଟେମ୍ବର ଶେଷ ସମୟସୀମା ଭାବରେ ଗ୍ରହଣ କରି କମ୍ପାନୀ ପ୍ରସାର କରିବାର ଅନୁମତି ରଦ୍ଦ ହେବ ବୋଲି ସୂଚନା ମିଳିଛି।

# ୟୁଟିଆଇର ମାଷ୍ଟର ଶେୟାର ୟୁନିଟ୍ ସ୍କିମ

**ମୁମ୍ବାଇ,୧୧।୯**

ୟୁଟିଆଇ ପକ୍ଷରୁ ମାଷ୍ଟର ଶେୟାର ୟୁନିଟ ସ୍କିମ୍‌କୁ ୧୯୮୬ ଅକ୍ଟୋବରରେ ଆରମ୍ଭ କରାଯାଇଥିଲା। ଏହା ଭାରତର ପ୍ରଥମ ଇକ୍ୱିଟି ଭିତିକ ଫଣ୍ଡ। ବିଗତ ୩୩ ବର୍ଷରେ ଏହା ସମ୍ପତ୍ତି ସୃଷ୍ଟି କରିବାରେ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିଛି। ଏହି ଓପନ୍ ଏଣ୍ଡେଡ୍ ଇକ୍ୱିଟି ସ୍କିମ୍‌ରୁ ସଂଗୃହୀତ ଅର୍ଥକୁ କମ୍ପାନୀ ଅନ୍ୟ ବୃହତ କମ୍ପାନୀରେ ନିବେଶ କରୁଛି। ଏହି ସ୍କିମ୍ ଆରମ୍ଭ ହେବା ବେଳେ ୧୦ ଲକ୍ଷ ଟଙ୍କା ନିବେଶ କରିଥିବା ନିବେଶକ ମାନଙ୍କ ନିବେଶ ରାଶି ୨୦୨୦ ଅଗଷ୍ଟ ୩୧ ସୁଦ୍ଧା ୧୧.୨୦ କୋଟି ଟଙ୍କାରେ ପହଞ୍ଚିଛି। ବମ୍ବେ ଷ୍ଟକ ବଜାର ଏହି ସମୟରେ ଦେଇଥିବା ୭.୫୫ କୋଟି ଟଙ୍କା ରିଟର୍ଣ୍ଣ ଠାରୁ ଏହା ଅଧିକ। ବିଗତ ୩୩ ବର୍ଷରେ ଏହା ୧୧୯ ଗୁଣ ରିଟର୍ଣ୍ଣ ପ୍ରଦାନ କରିଛି। ୟୁଟିଆଇ ମାଷ୍ଟର ସେୟାର ୟୁନିଟ୍ ସ୍କିମ୍‌ର ରାଶିକୁ ବିଭିନ୍ନ ବୃହତ କମ୍ପାନୀ ,ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍, ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, ଏଚ୍‌ଡିଏଫ୍‌ସି ଲିମିଟେଡ୍, ଭାରତୀ ଏୟାରଟେଲ୍ ଲିମିଟେଡ୍, ଟାଟା କନସଲଟାନ୍ସି ସର୍ଭିସେସ୍ ଲିମିଟେଡ୍, ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ୍, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଡକ୍ଟର ରେଡିସ ଲ୍ୟାବ ଏବଂ ଆକ୍ସିସ ବ୍ୟାଙ୍କ ଭଳି ସଂସ୍ଥାରେ ନିବେଶ କରାଯାଇଛି।

# ପାସେଞ୍ଜର ଯାନ ବିକ୍ରି ୧୪% ବୃଦ୍ଧି

**ନୂଆଦିଲ୍ଲୀ, ୧୧।୯**



ଚଳିତ ବର୍ଷ ଅଗଷ୍ଟ ମାସରେ ସାରା ଦେଶରେ ପାସେଞ୍ଜର ଯାନ ବିକ୍ରି ୧୪.୧୬% ବୃଦ୍ଧି ଘଟିଛି। ପୂର୍ବ ମାସଗୁଡିକ ତୁଳନାରେ ଚାହିଦା ପରିବର୍ତ୍ତନ ହେବାରୁ ଗତ ମାସରେ ମୋଟ ୨.୧୫ ଲକ୍ଷ ପାସେଞ୍ଜର ଯାନ ବିକ୍ରି ହୋଇଥିବା ସୋସାଇଟି ଅଫ୍ ଅଟୋମୋବାଇଲ ମାନୁଫାକଚରର୍ସ (ସିଆମ୍) ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଗତ ବର୍ଷ ଅଗଷ୍ଟରେ ପାସେଞ୍ଜର ଯାନର ହୋଲ୍‌ସେଲ ବିକ୍ରି ୧.୮୯ ଲକ୍ଷ ୟୁନିଟ ରହିଥିଲା। ଲଗାତର ୯ ମାସ ପାସେଞ୍ଜର ଯାନ ବିକ୍ରି ନିମ୍ନରେ ରହିଥିବା ବେଳେ ଅଗଷ୍ଟ ମାସରେ ଏଥିରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ମାସରେ ୧.୨୪ ଲକ୍ଷ ୟୁନିଟ ପାସେଞ୍ଜର ଯାନ ବିକ୍ରି ହୋଇଛି। ଏହାବାଦ ୟୁଟିଲିଟି ଯାନ ବିକ୍ରି ୧୫.୫୪% ବଢି ୮୧,୮୪୨ ୟୁନିଟ ରହିଛି। ଏହା ଗୋଟିଏ ବର୍ଷ ତଳେ ସମାନ ସମୟରେ ୭୦,୮୩୭ ୟୁନିଟ ଥିଲା। ଗତ ମାସରେ ଭ୍ୟାନ୍ ବିକ୍ରି ୩.୮୨% ବଢିଛି। ସେହିଭଳି ୨ ଚକିଆ ବିକ୍ରି ୩% ବଢିଛି। ୨ ଚକିଆ ଏବଂ ପାସେଞ୍ଜର ଯାନ ବିକ୍ରି ବୃଦ୍ଧି ହେଉଥିବା ସିଆମ ସଭାପତି କେନିଚି ଆୟୁକାୱା ସୂଚନା ଦେଇଛନ୍ତି।

# ଡଲାର ଇଣ୍ଡଷ୍ଟ୍ରିଜ୍‌ର ଆଣ୍ଟି ଭାଇରାଲ ଉତ୍ପାଦ

**କୋଲକାତା, ୧୧।୯**

ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ଆଣ୍ଟି ଭାଇରାଲ ମାସ୍କ ଓ ପୁରୁଷଙ୍କ ପାଇଁ ଇନରଓ୍ୟାର ପ୍ରଡକ୍ଟ ଗୁଡିକର ଉନ୍ମୋଚନ କରାଯାଇଛି। ଏହି ଅବସରରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ବିନୋଦ ଗୁପ୍ତା ପ୍ରଡକ୍ଟ ବିଷୟରେ ସୂଚନା ଦେଇ କହିଛନ୍ତି ଯେ , ଅଷ୍ଟ୍ରେଲିଆର ହେଲଥଗାର୍ଡ କମ୍ପାନୀ ସହ ଭାଗିତାରେ ଏହାର ବିକଶିତ କରାଯାଇଛି। କମ୍ପାନୀ ଏହାର ପରୀକ୍ଷଣ କରାଇବା ସହ ଏହି ସବୁ ସାମଗ୍ରୀକୁ ବଜାର ପ୍ରବେଶ କରାଇଛି। ରୋଗ ପ୍ରତିରୋଧକ ପ୍ରଯୁକ୍ତି ବିକଶିତ କରିବାରେ ହେଲଥଗାର୍ଡ ଦୀର୍ଘ ୨୫ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ କାର୍ଯ୍ୟ କରୁଛି। କଟନ୍ ଓ ନନ୍ ଓଭେନ ଫ୍ୟାବ୍ରିକକୁ ବ୍ୟବହାର କରି ଡଲାର ଇଣ୍ଡଷ୍ଟ୍ରିଜ ଏହାର ଆଣ୍ଟି ଭାଇରାଲ ଉତ୍ପାଦଗୁଡିକୁ ବିକଶିତ କରିଛି ବୋଲି ସେ ମତ ରଖିଥିଲେ। ସେହିଭଳି ଏହି ଡଲାର ଆଣ୍ଟି ଭାଇରାଲ ମାସ୍କ ପ୍ରତି ପ୍ୟାକେଟରେ ୨ପିସ୍ ରହିଥିବା ବେଳେ ଏହାର ଦାମ୍ ମାତ୍ର ୧୨୦ ଟଙ୍କା ରହିଛି। ସେହିପରି ପୁରୁଷ ଇନରଓ୍ୟାରର ଦାମ ପ୍ରାୟ ୧୩୦ରୁ ୧୯୦ ଟଙ୍କା ମଧ୍ୟରେ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଏହି ସାମଗ୍ରୀ ବ୍ୟବହାର ଦ୍ୱାରା ଗ୍ରାହକମାନେ ଜୀବାଣୁ ଠାରୁ ସୁରକ୍ଷିତ ରହିପାରିବେ। ଏହା ୨୪ଘଣ୍ଟା ପର୍ଯ୍ୟନ୍ତ ଆରାମ ଓ ସୁରକ୍ଷିତ ଯୋଗାଇ ଦେଇଥାଏ ବୋଲି କମ୍ପାନୀ ପକ୍ଷରୁ କହାଯାଇଛି।

# ଏଫ୍‌ସିଆଇ ପକ୍ଷରୁ ପୋଷଣ ସଚେତନତା

**ଭୁବନେଶ୍ୱର, ୧୧।୯**

ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ(ଏଫ୍‌ସିଆଇ)ର ଓଡ଼ିଶା ଜୋନ ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଜାତୀୟ ପୋଷଣ ମାସ ପାଳନ କରାଯାଉଛି। ଖାଉଟି ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଜି.ଶ୍ରୀନିବାସ ମୁଖ୍ୟ ଅତି ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ଭୁବନେଶ୍ୱର କାର୍ଯ୍ୟାଳୟର ଜେନେରାଲ ମ୍ୟାନେଜର ନିଶିଥ କୁମାର ପ୍ରଧାନ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ଜୋନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଭିନ୍ନ ଭାଷାରେ କୁପୋଷଣ ସମ୍ପର୍କିତ ପୋଷ୍ଟର ଓ ବ୍ୟାନର ଜରିଆରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ଏହି ପରିପ୍ରେକ୍ଷୀରେ ପୋଷଣ ଉପରେ ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମ ୩୦ ସେପ୍ଟେମ୍ବରରେ ଉଦ୍‌ଯାପନ ଉତ୍ସବ ପାଳନ କରାଯିବ।

# ଠକି ନେଇଗଲେ ୪୨ ହଜାର କୋଟି

**ନୂଆଦିଲ୍ଲୀ, ୧୧।୯**

ଦେଶର ବିଭିନ୍ନ ରାଜ୍ୟରେ ନିବେଶକଙ୍କୁ ୪୨ ହଜାର କୋଟି ଟଙ୍କା ଠକେଇର ଏକ ମାମଲା ସାମ୍ନାକୁ ଆସିଛି। 'ବାଇକ ବୁଟ୍' ନାମରେ ଚିଟ୍ ଫଣ୍ଡ ସ୍କିମ୍ ଦ୍ୱାରା ଏଭଳି ଠକେଇ ହୋଇଥିବା ଜଣାପଡିଛି। ଏହି ମାମଲା ସହ ଜଡିତ ୨ ବ୍ୟକ୍ତିଙ୍କୁ ଦିଲ୍ଲୀ ପୋଲିସ ଶୁକ୍ରବାର ଗିରଫ କରିଛି। ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା ଗାରଭିତ ଇନୋଭେଟିଭ୍ ପ୍ରମୋଟର୍ସ ଲିମିଟେଡ ନାମକ କମ୍ପାନୀର ସିଏମ୍‌ଡି ସଞ୍ଜୟ ଭାଟି ଏବଂ ନିର୍ଦ୍ଦେଶକ ରାଜେଶ ଭରଦ୍ୱାଜଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ୬୨,୦୦୦ ଟଙ୍କା ନିବେଶ ଦ୍ୱାରା ମାସିକ ନିଶ୍ଚିତ ୯,୫୦୦ ଟଙ୍କା ରିଟର୍ନ ମିଳିବ ବୋଲି ପ୍ରଥମେ ପ୍ରଲୋଭନ ଦେଖାଯାଇଥିଲା। ଏହି ସ୍କିମ୍‌ରେ ଅନେକ ଲୋକ ସେମାନଙ୍କ କଷ୍ଟ ଉପାର୍ଜିତ ଅର୍ଥ ନିବେଶ କରିଛନ୍ତି। ଗତ ବର୍ଷ ଜାନୁୟାରୀରେ କମ୍ପାନୀ ଏକ ଇ-ବାଇକ ସ୍କିମ ଲଞ୍ଚ କରିଥିଲା। ମୋଟର ସାଇକେଲ ପିଛା ୧.୨୪ ଲକ୍ଷ ନିବେଶ ଉପରେ ମାସିକ ଗୋଟିଏ ବର୍ଷ ଯାଏ ୧୭ ହଜାର ରିଟର୍ନ ମିଳିବ ବୋଲି କୁହାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଲୋକଙ୍କ ଭରସା ଜିତିବା ଲାଗି ପ୍ରତିଶ୍ରୁତି ମୁତାବକ ଅର୍ଥ ମିଳୁଥିଲା। ପରେ ରିଟର୍ନ ପ୍ରଦାନରେ ଖିଲାପ ହେବା ସହ କମ୍ପାନୀ କେଉଁ ଆଡେ ଗାଏବ ହୋଇଯାଇଥିଲା। ଉତ୍ତର ପ୍ରଦେଶ ସମେତ ଅନ୍ୟ ରାଜ୍ୟଗୁଡିକରେ ଏ ନେଇ ଅନେକ ସଂଖ୍ୟକ ଅଭିଯୋଗ ଆସିଛି। ଦିଲ୍ଲୀରେ ପ୍ରାୟ ୮ ହଜାର ଅଭିଯୋଗ ପୋଲିସର ହସ୍ତଗତ ହୋଇଥିବା ଦିଲ୍ଲୀ ପୋଲିସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ମାମଲା ଉପରେ ଇଡିର ଲକ୍ଷ୍ନୌ ଜୋନ କାର୍ଯ୍ୟାଳୟ ମଧ୍ୟ ତଦନ୍ତ ଜାରି ରଖିଛି।





NATION TAX MARKET
GST

COMMISSIONERATE OF CT & GST
FINANCE DEPARTMENT,
GOVERNMENT OF ODISHA

**ଜିଏସ୍‌ଟି ଟିକସଦାତା ଦୟାକରି ଧ୍ୟାନ ଦିଅନ୍ତୁ**
**ବିଳମ୍ବ ଶୁଳ୍କ ଛାଡ଼ / ସୀମିତ ଛାଡ଼**

**No.S-13:-** ୫ କୋଟି ଟଙ୍କା ପର୍ଯ୍ୟନ୍ତ ହାରାହାରି ଟର୍ଣ୍ଣଓଭର ଥିବା ଯେଉଁ ଟିକସଦାତାମାନେ ସେମାନଙ୍କ ଜିଏସ୍‌ଟି ରିଟର୍ଣ୍ଣ (GSTR-3B) ମେ, ଜୁନ, ଜୁଲାଇ ଓ ଅଗଷ୍ଟ ମାସ ପାଇଁ ଦାଖଲ କରିନାହାନ୍ତି, ସେମାନେ ଏହି ମାସ ମାନଙ୍କ ପାଇଁ ନିମ୍ନ ନିର୍ଦ୍ଧାରିତ ତାରିଖ ମଧ୍ୟରେ ରିଟର୍ଣ୍ଣ ଦାଖଲ କରି ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କର ସୁବିଧା ପାଇପାରିବେ, ଯାହା ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଦିଆଯିବ:

| କ୍ର.ସଂ. | ଟିକସ ଅବଧି | ନିର୍ଦ୍ଧାରିତ ତାରିଖ |
|---|---|---|
| ୧ | ମେ' 2020 | ୧୫।୦୯।୨୦୨୦ |
| ୨ | ଜୁନ' 2020 | ୨୫।୦୯।୨୦୨୦ |
| ୩ | ଜୁଲାଇ' 2020 | ୨୯।୦୯।୨୦୨୦ |
| ୪ | ଅଗଷ୍ଟ' 2020 | ୦୩।୧୦।୨୦୨୦ |

ସର୍ତ୍ତାବଳୀ:
(କ) ଟିକସ ଦେୟ ପରିମାଣ 'ଶୂନ୍ୟ' ଥିଲେ ବିଳମ୍ବ ଶୁଳ୍କ ସମ୍ପୂର୍ଣ୍ଣ ଛଡ଼ା ହେବ।
(ଖ) ଟିକସ ଦେବାକୁ ପଡୁଥିଲେ ବିଳମ୍ବ ଶୁଳ୍କ ରିଟର୍ଣ୍ଣ ପ୍ରତି ୫୦୦ ଟଙ୍କା ମଧ୍ୟରେ ସୀମିତ ରହିବ।
➢ ଉପରୋକ୍ତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଟିକସଦାତାମାନେ ଯଦି ସେମାନଙ୍କ ରିଟର୍ଣ୍ଣ ଦାଖଲ କରିବାରେ ବିଫଳ ହୁଅନ୍ତି, ତେବେ ସେମାନେ ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କ ପଇଠର କୌଣସି ସୁବିଧା ପାଇବେ ନାହିଁ।
➢ ତେଣୁ ଶେଷ ତାରିଖର ଭିଡ଼ ପର୍ଯ୍ୟନ୍ତ ଅପେକ୍ଷା ନ କରି ନିଜ ନିଜର ବକେୟା ରିଟର୍ଣ୍ଣ ତୁରନ୍ତ ଦାଖଲ କରିବାକୁ ସମସ୍ତ ଟିକସଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

**ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ**
**ଓଡ଼ିଶା ସରକାର, କଟକ**

Help Desk: 1800 345 6753 (Toll Free)
Email ID: ctdho@odishatax.gov.in
https://odishatax.gov.in
OIPR-05006/11/0004/2021



idco | ODISHA NEW OPPORTUNITIES
No.CAD-464

**OFFICE OF THE CHIEF GENERAL MANAGER (CIVIL)**
IDCO, IDCO TOWER, BHUBANESWAR
Bid Identification No. Civil/EST-02/2020-21
No. 12556 Dt.07.09.2020

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work: Construction of Boys' Hostel (G+1) for Govt. Polytechnic at Ragadi, Jajpur.
2. Value of the Work: Rs.281.17 lakhs
3. Period of Completion: 11 (Eleven) Calendar Months
4. Availability of tender online for Bidding:
   i. Start Date: 18.00 hours of Dt.14.09.2020.
   ii. End Date: 17.00 hours of 03.10.2020.
   iii. Opening Date: 11.30 hours of 05.10.2020.

Tender details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.

Sd./- Chief General Manager (Civil)
IDCO, Bhubaneswar
OIPR-14003/11/0056/2021



Government of Odisha
OFFICE OF THE SUPERINTENDING ENGINEER
CUTTACK (R&B) CIRCLE, CUTTACK
Tel/Fax – 0671-2301751/2302751
No.B-247:- E-mail.ID-sectcrb_2006@yahoo.co.in

**( 'e' – PROCUREMENT NOTICE )**
**Bid Identification No.S.E.Ctc.(R&B) 9/2020-21**

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Building work as mentioned below.
2. No. of work :- 3 Nos.
3. Nature of work :- Building works.
4. Class of contractor :- 'B', 'A' & Special Class
5. Tender paper cost :- Rs.10000/- (online)
6. Available of bid documents in the website. :- From 24.09.2020 to 16.00 hours of 09.10.2020
7. Date of opening of bid :- Dt.12.10.2020 at 11.00 hours
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Superintending Engineer, Cuttack(R&B)Circle
OIPR-34012/11/0010/2021

## ସଂକ୍ଷେପରେ

### ଗୋଦାମରେ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ

ଜଟଣୀ,୧୧।୯(ଡି.ଏନ୍.ଏ.): ଜଟଣୀ ଥାନା ଗଜପତି ନଗର ଅଞ୍ଚଳର ଏକ ବ୍ୟବସାୟ ପ୍ରତିଷ୍ଠାନ ଗୋଦାମ ଉପରେ ଶୁକ୍ରବାର ଭୁବନେଶ୍ୱର ଓ 'ବ୍ରହ୍ମପୁର ଜିଏସଟି ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଛି। କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏହି ବ୍ୟବସାୟ ପ୍ରତିଷ୍ଠାନର ରେକର୍ଡ ତଦାରଖ କରିବାକୁ ଆସିଥିଲେ ବୋଲି ବ୍ରହ୍ମପୁର ଜିଏସ୍‌ଟିର ଡେପୁଟି କମିଶନର ଦେବ କଲ୍ୟାଣ ବେହେରା କହିଛନ୍ତି। ୪ଜଣିଆ ଟିମ୍ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସମ୍ପୃକ୍ତ ବ୍ୟବସାୟ ସଂସ୍ଥାର ରେକର୍ଡ ଯାଞ୍ଚ କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଚୌଦ୍ୱାର,୧୧।୯(ଡି.ଏନ୍.ଏ): ଚୌଦ୍ୱାର ଥାନା ଅଧୀନ ଓଟିଏମ୍ ଦୁର୍ଗାବଜାର ଅଞ୍ଚଳରେ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଅଜିତ୍ ନାୟକ(୧୯)। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇବା ସହ ଏକ ମାମଲା(ନଂ.୨୭/୨୦)ରେ ରୁଜୁ କରି ତଦନ୍ତ ଚଳାଇଛି। ଗୁରୁବାର ରାତିରେ ଅଜିତ୍ ତାଙ୍କ ବାପାଙ୍କ ଘରେ ଶୋଇଥିଲେ। ସକାଳୁ ବାପା ଉଠିବାବେଳେ ଅଜିତ୍ ବେକରେ ଗାମୁଛା ବାନ୍ଧି ଆଜବେଷ୍ଟସ୍‌ରେ ଝୁଲୁଥିବା ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ଅଜିତ୍‌ଙ୍କୁ ଉଦ୍ଧାର କରିବା ସହ ତାଙ୍କ ମୋବାଇଲ ଫୋନ ଜବତ କରିଛି।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସାକ୍ଷୀଗୋପାଳ,୧୧।୯ (ଡି.ଏନ୍.ଏ.): ପୁରୀ-ଖୋର୍ଦ୍ଧା ରୋଡ୍ ରେଳଧାରଣାର ସାକ୍ଷୀଗୋପାଳ ବାଲିସାହି ରେଳ ଫାଟକ ନିକଟରେ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଯୁବକ ଜଣକ ଏକ ଟି-ଶାର୍ଟ ପିନ୍ଧିଥିବାବେଳେ ଏକ କଳା ଜିନ୍ସର ଫୁଲ ପ୍ୟାଣ୍ଟ ପିନ୍ଧିଥିଲେ। ତେବେ ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସରେ ଯୁବକଜଣକ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଅନ୍ୟପଟେ ଯୁବକଙ୍କ ପରିଚୟ ଜଣାପଡ଼ି ନାହିଁ।

### ସରପଞ୍ଚ କରୋନା ସଂକ୍ରମିତ

ବାଲିଅନ୍ତା,୧୧।୯(ଡି.ଏନ୍.ଏ): ବାଲିଅନ୍ତା ବ୍ଲକ ଅଞ୍ଚଳର ଜଣେ ମହିଳା ସରପଞ୍ଚ ଓ ତାଙ୍କ ସ୍ୱାମୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସରପଞ୍ଚଙ୍କ ସ୍ୱାମୀ ଗତ ୩ଦିନ ହେଲା ଥଣ୍ଡାଜ୍ୱରରେ ପୀଡ଼ିତ ଥିଲେ। ଆଣ୍ଟିଜେନ ଟେଷ୍ଟ କରିବା ପରେ ରିପୋର୍ଟ ପଜିଟିଭ ଆସିଥିଲା। ପରେ ସରପଞ୍ଚଙ୍କ ମଧ ଟେଷ୍ଟ କରାଯିବାରୁ ରିପୋର୍ଟ ପଜିଟିଭ ଆସିଥିଲା। ବର୍ତ୍ତମାନ ସରପଞ୍ଚ ଓ ତାଙ୍କ ସ୍ୱାମୀ ହୋମ କ୍ୱାରାଣ୍ଟାଇନରେ ରହିଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ବାଲିଅନ୍ତା ବ୍ଲକ ଅଞ୍ଚଳରେ ୨ଟି ଭ୍ରାମ୍ୟମାଣ ମେଡିକାଲ ଟିମ୍ ପକ୍ଷରୁ ୧୧୧ ଜଣଙ୍କ ଆଣ୍ଟିଜେନ ଟେଷ୍ଟ କରାଯାଇଥିଲା। ସେଥିମଧ୍ୟରୁ ୫ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଅନ୍ୟ ୩୨ଟି ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ଭାରପ୍ରାପ୍ତ ମେଡିକାଲ ଅଧିକାରୀ ତନ୍ମୟ ତ୍ରିପାଠୀ କହିଛନ୍ତି।

# ରାଜଧାନୀରେ ଗୁଣିଗାରେଡ଼ି

■ଯୁବକଙ୍କୁ ଛୁରା ମାଡ଼, ହସ୍ପିଟାଲରେ ଭର୍ତ୍ତି

■ମୋବାଇଲ୍ ଚୋରି କରିଥିବା କହିଥିଲେ ଗୁଣିଆ

ଭୁବନେଶ୍ୱର,୧୧।୯ (ବ୍ୟୁରୋ)

କୌଣସି ଉପାନ୍ତ ଅଞ୍ଚଳ ନୁହେଁ, ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ବି ଗୁଣିଗାରେଡ଼ିକୁ ନେଇ ରହିଛି ଅନ୍ଧବିଶ୍ୱାସ। ଜଣେ ଯୁବକ ମୋବାଇଲ୍ ଫୋନ୍ ଚୋରି କରିଥିବା ଗୁଣିବା କହିବା ପରେ ତାଙ୍କୁ ଛୁରାମାଡ଼ କରାଯାଇଛି। ଫଳରେ ଯୁବକ ଜଣକ ଏବେ ଜୀବନମରଣ ସହ ହସ୍ପିଟାଲରେ ସଂଗ୍ରାମ କରୁଛନ୍ତି। ଏଭଳି ଘଟଣା ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଅରବିନ୍ଦନଗର ବସ୍ତିରେ ଦେଖିବାକୁ ମିଳିଛି। ଛୁରାମାଡ଼ର ଶିକାର ହୋଇଛନ୍ତି ଉକ୍ତ ବସ୍ତିର ରଞ୍ଜିତ ନାୟକ। ତାଙ୍କ ପେଟ, ହାତ, ଗୋଡ଼ ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସବୁଠୁ ଉଦ୍‌ବେଗର ବିଷୟ ହେଲା ପରିବାର ଲୋକେ ରାଜଧାନୀର ଏକାଧିକ ଘରୋଇ ହସ୍ପିଟାଲକୁ ନେଇଥିଲେ ମଧ ସବୁଠି ନିରାଶ ହୋଇଥିଲେ। ଗୁରୁତର ଥିବା କହି ଫେରାଇ ଦେବାରୁ ଶେଷରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଥିବା ଡାକ୍ତର କହିଛନ୍ତି। ଏନେଇ ରଞ୍ଜିତଙ୍କ ମା' ବାସନ୍ତି ନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ-(୩୨୦/୨୦)ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ବାଘମାରୀ ଅଞ୍ଚଳର ବାସନ୍ତୀ ପରିବାର ସହ ଅରବିନ୍ଦନଗର ବସ୍ତିରେ ରହୁଛନ୍ତି। ତାଙ୍କ ପଡୋଶୀ ଭାବେ ତାପସ କୁମାର ସାହୁ ପରିବାର ସହ ରୁହନ୍ତି। ଗତ ୮ ତାରିଖରେ ତାପସଙ୍କ ଏକ ମୋବାଇଲ୍ ଫୋନ୍ ଚୋରି ହୋଇଥିଲା। ସେ ଜଣେ ଗୁଣିଆଙ୍କୁ ବସ୍ତିକୁ ଆଣି ମନ୍ତ୍ରପାଠ କରି ଚୋରକୁ ଧରିବା ପାଇଁ ଉଦ୍ୟମ କରିଥିଲେ। ବାସନ୍ତିଙ୍କ ପୁଅ ରଞ୍ଜିତ ମୋବାଇଲ୍ ଫୋନ୍ ଚୋରି କରିଥିବା ଗୁଣିଆ କହିଥିଲେ। ଏହାପରେ ତାପସ ଓ ତା'ର ପରିବାର ଲୋକେ ମୋବାଇଲ୍ ଫେରାଇ ଦେବାକୁ ରଞ୍ଜିତଙ୍କୁ କହିଥିଲେ। କିନ୍ତୁ ସେ ମୋବାଇଲ୍ ନେଇ ନ ଥିବା ଯେତେ କହିଲେ ବି ତାପସ କିଛି ନ ଶୁଣି ତାଙ୍କ ସହ ପାଟିତୁଣ୍ଡ କରିଥିଲେ। ଶେଷରେ ତାପସ ଓ ତାଙ୍କ ପରିବାର ସଦସ୍ୟ ରଞ୍ଜିତଙ୍କୁ ଆକ୍ରମଣ କରିବା ସହ ତାଙ୍କ ଦେହରେ ବାରମ୍ବାର ଛୁରାମାଡ଼ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରଞ୍ଜିତ ପଡିଥିବାବେଳେ ଗୁଣିଆ, ଆକ୍ରମଣ କରିଥିବା ତାପସ ଓ ତାଙ୍କ ପରିବାର ସଦସ୍ୟ ମାନେ ଫେରାର ହୋଇଯାଇଥିଲେ।

# ହରିଣ ମୁଣ୍ଡ ଜବତ, ମାଂସ ନେଇ ଶିକାରୀ ଫେରାର

ଖୁଣ୍ଟୁଣୀ, ୧୧।୯(ଡି.ଏନ୍.ଏ.)



ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ପନିଆମା ଗ୍ରାମପାର୍ଶ୍ୱ ଖଣି ନିକଟରୁ ଏକ ସଦ୍ୟ କଟାଯାଇଥିବା ହରିଣର ମୁଣ୍ଡକୁ ବନାଞ୍ଚଳ କର୍ମଚାରୀ ଶୁକ୍ରବାର ଜବତ କରିଛନ୍ତି। ତେବେ ଏହି ହରିଣର ମାଂସକୁ ଶିକାରୀମାନେ ବନ ବିଭାଗ ଆସିବା ପୂର୍ବରୁ ନେଇ ଖସି ପଳାଇବାକୁ ସକ୍ଷମ ହୋଇଛନ୍ତି। ଶୁକ୍ରବାର ଏହି ଖଣି ପାଖରେ ହରିଣ ମାଂସ କଟାଯାଉଥିବାର ବନାଞ୍ଚଳ ଅଫିସକୁ କେହି ଖବର ଦେଇଥିଲେ। ଖବରପାଇ ବନାଞ୍ଚଳ ଅଧିକାରୀ ମାଗୁଣି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ଅକ୍ଷୟ ପ୍ରଧାନ, ଫରେଷ୍ଟର ରାକେଶ ଦଳେଇ, ବନରକ୍ଷୀ ରମାକାନ୍ତ ବଳବନ୍ତ ରାୟ ସମ୍ପୂର୍ଣ୍ଣ କର୍ମଚାରୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ। ବନାଞ୍ଚଳ ଅଧିକାରୀ ଆସିବା ଦେଖି ଶିକାରୀମାନେ ସେଠାରୁ ଫେରାର ହୋଇଯାଇଥିଲେ। ହେଲେ ଖାଲି କଟା ମୁଣ୍ଡଧରି ବନ କର୍ମଚାରୀ ଫେରି ଥିଲେ। ଏଥିରେ ୫ଜଣ ଶିକାରୀ ସମ୍ପୃକ୍ତି ଅଛନ୍ତି ବୋଲି ବନ ବିଭାଗ ସୂଚନା ପାଇଛି । ଏମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଅଧିକାରୀ ବେହେରା କହିଛନ୍ତି।

## ମା' ପାସେ ଥିଲେ ସରଗ ଖୁସି



ଭୁବନେଶ୍ୱର ରାଜଭବନ ନିକଟ ରାସ୍ତା ପାର୍ଶ୍ୱ ଫୁଟ୍‌ପାଥ୍‌ରେ ପ୍ଲାଷ୍ଟିକ୍ ସାମଗ୍ରୀ ବିକ୍ରି କରୁଥିବା ଜଣେ ମହିଳା ନିଜ ଛୁଆକୁ ଶାଢ଼ି ଝୁଲାରେ ଝୁଲାଇ ହସ ଫୁଟାଉଛି। (ଫଟୋ - ମୌସମ)

## ବିଶ୍ୱ ସମୁଦାୟର ଆଶା,ଆକାଂକ୍ଷା ପୂରଣ କରିବ ଆତ୍ମନିର୍ଭର ଭାରତ ଅଭିଯାନ : ଧର୍ମେନ୍ଦ୍ର

ଭୁବନେଶ୍ୱର ୧୧।୯(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ଆତ୍ମନିର୍ଭର ଭାରତ ଅଭିଯାନ କେବଳ ଦେଶ ନୁହେଁ ବରଂ ବିଶ୍ୱ ସମୁଦାୟର ଆଶା ଓ ଆକାଂକ୍ଷାକୁ ମଧ ପୂରଣ କରିବ। ଶୁକ୍ରବାର କୁଏତ୍‌ର ଭାରତୀୟ ପ୍ରବାସୀ ପରିଷଦର ଓଡ଼ିଶା ସଂଘ ଦ୍ୱାରା ଆୟୋଜିତ 'ଆତ୍ମନିର୍ଭର ଭାରତ' ୱେବିନାରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେ କହିଲେ, ବର୍ତ୍ତମାନ ବିଶ୍ୱ କରୋନା ମହାମାରୀର ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ କରୋନାର ଦୃଢ଼ ମୁକାବିଲା କରୁଛି । କରୋନାର ପ୍ରତିଷେଧକ ଟିକା ବାହାରି ନ ଥିବାବେଳେ ମାସ୍କ ଏବଂ ପିପିଇ କିଟ୍ କରୋନାରୁ ରକ୍ଷା ପାଇବାର ମୁଖ୍ୟ ଆଧାର ହୋଇଛି । ସାମ୍ପ୍ରତିକ ସମୟରେ ଭାରତ ଦୈନିକ ୨ ଲକ୍ଷ ପିପିଇ କିଟ୍ ଉତ୍ପାଦନ କରିପାରୁଛି। କରୋନା ସମୟରେ ୧୫୦ ଦେଶକୁ ଔଷଧ ପଠାଇପାରିଛି । ଭାରତର ଏହି ସଫଳ ଉଦ୍ୟମକୁ ବିଶ୍ୱବ୍ୟାପୀ ପ୍ରଶଂସା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୨୦ ଲକ୍ଷ କୋଟି ଟଙ୍କାର ଆତ୍ମନିର୍ଭର ଭାରତ ପ୍ୟାକେଜ ଘୋଷଣା କେବଳ ସୀମିତ ସମୟ ପାଇଁ ଦେଶର ଅର୍ଥନୀତିର ପୁନରୁଦ୍ଧାର କରିବାରେ ସହାୟକ ହେବନାହିଁ ବରଂ ଭାରତକୁ ଆତ୍ମନିର୍ଭର କରିବାର ମୂଳଦୁଆ ପକାଇବ । ଏହି ଅବସରରେ ଧର୍ମେନ୍ଦ୍ର କୁଏତ୍‌ର ଭାରତୀୟ ପ୍ରବାସୀ ପରିଷଦର ସଦସ୍ୟମାନଙ୍କୁ ଆତ୍ମନିର୍ଭର ଭାରତ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ କରିଛନ୍ତି।

## ସାପ କାମୁଡ଼ାରେ ଯୁବକ ମୃତ

**ଖୋର୍ଦ୍ଧା ଅଫିସ,୧୧।୯:** ଖୋର୍ଦ୍ଧା ସଦର ଥାନା ଅଧୀନ କାଇପଦର ଗ୍ରାମରେ ଶୁକ୍ରବାର ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ମୁକ୍ତିପ୍ରକାଶ ଟୋପ। ମୁକ୍ତିପ୍ରକାଶ ପୂର୍ବାହ୍ନରେ ବଜାରକୁ ଚାଲି ଚାଲି ଯାଉଥିବାବେଳେ ଏକ ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା। ଖୋର୍ଦ୍ଧା ମେଡିକାଲରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ୨୦ରୁ ଅନ୍‌ଲାଇନ୍‌ରେ ସେମିଷ୍ଟର ପରୀକ୍ଷା

ରେଭେନ୍ସା ବିଶ୍ୱବିଦ୍ୟାଳୟ

କଟକ ଅଫିସ,୧୧।୯

ଚଳିତବର୍ଷ ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ନାତକ ଏବଂ ସ୍ନାତକୋତ୍ତର ଶେଷ ସେମିଷ୍ଟାର ପରୀକ୍ଷା ଅନ୍‌ଲାଇନ୍ ଜରିଆରେ ଆସନ୍ତା ୨୦ରୁ ଆରମ୍ଭ ହୋଇ ଅକ୍ଟୋବର ୫ରେ ସରିବ। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟରୁ ପରୀକ୍ଷା ସୂଚୀ ପାଇପାରିବେ ବୋଲି ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ଡ. ସୁଦର୍ଶନ ମିଶ୍ର ସୂଚନା ଦେଇଛନ୍ତି। ତେବେ ସ୍ନାତକୋତ୍ତର ୪ର୍ଥ ସେମିଷ୍ଟର ପରୀକ୍ଷା ଆସନ୍ତା ୨୦ରୁ ଓ ସ୍ନାତକ ଷଷ୍ଠ ସେମିଷ୍ଟର ପରୀକ୍ଷା ୨୧ ତାରିଖରୁ ଆରମ୍ଭ ହେବ। ସେହିପରି ଏମ୍‌ବିଏ ୪ର୍ଥ ସେମିଷ୍ଟର ପରୀକ୍ଷା ୨୧ରୁ ହେବାକୁ ଥିବାବେଳେ ଆଇଏମ୍‌ବିଏ ଦଶମ ସେମିଷ୍ଟର ପରୀକ୍ଷା ୨୬ ତାରିଖରୁ ଆରମ୍ଭ ହେବ। ଇଣ୍ଟିଗ୍ରେଟେଡ ବିଏ ବିଇଡି, ବିଏସ୍‌ସି ବିଇଡିର ୮ମ ସେମିଷ୍ଟର ପରୀକ୍ଷା ୨୧ରୁ ଆରମ୍ଭ ହେବ। ଏହି ପରୀକ୍ଷା ପୂର୍ବାହ୍ନ ୧୧ଟାରୁ ୧ଟା ପର୍ଯ୍ୟନ୍ତ ହେବାକୁ ଥିବାବେଳେ ଅନ୍ୟ ସମସ୍ତ ପରୀକ୍ଷା ପୂର୍ବାହ୍ନ ୧୧ଟାରୁ ୨ଟା ପର୍ଯ୍ୟନ୍ତ ହେବ। ତେବେ ଅନ୍‌ଲାଇନ୍‌ରେ ପରୀକ୍ଷା ହେବାକୁ ଥିବା ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ମାତ୍ର ଛାତ୍ରୀଛାତ୍ରମାନେ କିଭଳି ପରୀକ୍ଷା ଦେବେ ଓ ପ୍ରଶ୍ନପତ୍ର ପାଇବେ ଏପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଏହାକୁ ନେଇ ଛାତ୍ରୀଛାତ୍ରମାନେ ଦ୍ୱନ୍ଦ୍ୱର ଅଛନ୍ତି। ସେହିପରି ଯେଉଁ ଛାତ୍ରୀଛାତ୍ରମାନେ ପୂର୍ବରୁ ଶେଷ ସେମିଷ୍ଟରରେ ଫେଲ୍ ହୋଇଛନ୍ତି ସେମାନଙ୍କ ପାଇଁ କୌଣସି ସୂଚନା ଦିଆଯାଇନି। ଏ ସମ୍ପର୍କରେ ପରୀକ୍ଷା ନିୟନ୍ତ୍ରକ ଡ. ମିଶ୍ର କହିଛନ୍ତି, କେବଳ ରେଗୁଲାର ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଏକ୍ସ-ରେଗୁଲାର ଏବଂ କେଉଁ ପଦ୍ଧତିରେ ପରୀକ୍ଷା ହେବ ତାହାର ସମ୍ପୂର୍ଣ୍ଣ ତଥ୍ୟ ଖୁବ୍‌ଶୀଘ୍ର ପ୍ରଦାନ କରାଯିବା ନେଇ ସେ ସ୍ପଷ୍ଟ କରିଛନ୍ତି।

# ଏନ୍‌ଇଇଟି ପାଇଁ ୬ ଘଣ୍ଟା ବନ୍ଦ ରହିବ ୟୁନିଟ୍-୧ ମାର୍କେଟ

ପରୀକ୍ଷା କେନ୍ଦ୍ରରେ ରହିବ ଆଇସୋଲେଶନ ରୁମ୍

ଭୁବନେଶ୍ୱର, ୧୧।୯ (ବ୍ୟୁରୋ)

ଆସନ୍ତା ୧୩ ତାରିଖରେ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି ଅନୁଷ୍ଠିତ ହେବ। ଏଥିପାଇଁ ଭୁବନେଶ୍ୱରରେ ୩୧ଟି ପରୀକ୍ଷା କେନ୍ଦ୍ର ସହ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଛାତ୍ରୀଛାତ୍ରଙ୍କ ରହିବା ପାଇଁ ମାଗଣା ହଷ୍ଟେଲ ସୁବିଧା କରାଯାଇଥିବାବେଳେ ଯାତାୟାତ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବସ୍ ବ୍ୟବସ୍ଥା ହୋଇଛି। ପରୀକ୍ଷା କେନ୍ଦ୍ରକୁ ପୂର୍ବାହ୍ନ ୧୧ଟାରୁ ପ୍ରବେଶ ଆରମ୍ଭ ହେବ ଓ ଅପରାହ୍ନ ୧ଟା ୩୦ରେ ଗେଟ୍ ବନ୍ଦ ହେବ। ଅପରାହ୍ନ ୨ଟାରୁ ୫ଟା ଯାଏ ପରୀକ୍ଷା ଚାଲିବ। ପରୀକ୍ଷା ସମୟରେ ଛାତ୍ରୀଛାତ୍ରଙ୍କର କୌଣସି ବି ସମସ୍ୟା ନ ଉପୁଜିବା ପାଇଁ ପରୀକ୍ଷା କେନ୍ଦ୍ରର ଆଖପାଖ ଅଞ୍ଚଳରେ ଥିବା ବଜାର ଓ ହାଟକୁ ବନ୍ଦ କରାଯିବାକୁ ବିଏମ୍‌ସି ନିଷ୍ପତ୍ତି ନେଇଛି। ପରୀକ୍ଷା ଦିନ ୟୁନିଟ-୧ ମାର୍କେଟ ଓ ହାଟକୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଏନେଇ ଶୁକ୍ରବାର ମାର୍କେଟ କର୍ତ୍ତୃପକ୍ଷଙ୍କୁ ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥଙ୍କ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇ ଅବଗତ କରାଯାଇଛି। ଉଲ୍ଲେଖଯୋଗ୍ୟ, ୟୁନିଟ୍-୧ ହାଟ ଓ ମାର୍କେଟ ପଛପଟେ ଥିବା ମଦର ପବ୍ଲିକ୍ ସ୍କୁଲ୍‌କୁ ଏନ୍‌ଇଇଟି ପରୀକ୍ଷା କେନ୍ଦ୍ର କରାଯାଇଛି। ତେଣୁ ପରୀକ୍ଷା ସମୟରେ ମାର୍କେଟ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଏହାର ନକଲ ବିଏମ୍‌ସି କମିଶନର, ମଦର ପବ୍ଲିକ୍ ସ୍କୁଲ୍ କର୍ତ୍ତୃପକ୍ଷ, ଭୁବନେଶ୍ୱର ଡିସିପିଙ୍କୁ ପ୍ରଦାନ କରାଯାଇଥିବା ରଥ କହିଛନ୍ତି। ସେହିପରି ପରୀକ୍ଷା ପାଇଁ ପ୍ରସ୍ତୁତି ଜୋର୍‌ଦାର ହୋଇଛି। ଜେଇଇ ମେନ ଭଳି ଏନ୍‌ଇଇଟି ପରୀକ୍ଷା କେନ୍ଦ୍ରରେ ଆଇସୋଲେଶନ ରୁମ୍ ରହିବ। ଅଧିକ ତାପମାତ୍ରା ବା ଅସୁସ୍ଥ ଅନୁଭବ କରୁଥିବା ପରୀକ୍ଷାର୍ଥୀ ସେଠାରେ ପରୀକ୍ଷା ଦେବେ। ସେମାନଙ୍କ ଲାଗି ଦୁଇଜଣ ପରୀକ୍ଷା ନିୟନ୍ତ୍ରକ ପିପିଇ କିଟ୍ ପିନ୍ଧି ପରୀକ୍ଷା ପରିଚାଳନା କରିବେ। ଚଳିତବର୍ଷ ପରୀକ୍ଷାର୍ଥୀଙ୍କ ଖାତାରେ ଟିପଚିହ୍ନ ଉଠାଇ ଦିଆଯାଇଛି। ପରୀକ୍ଷାର୍ଥୀ କେବଳ ଦସ୍ତଖତ କରିବେ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଚଳତବର୍ଷ ରାଜ୍ୟର ୭ଟି ସହରରେ ହୋଇଥିବା ୮୪ ପରୀକ୍ଷା କେନ୍ଦ୍ରରେ ମୋଟ ୩୬ ହଜାର ୪୫୯ ପରୀକ୍ଷାର୍ଥୀ ଏନ୍‌ଇଇଟି ପରୀକ୍ଷା ଦେବେ।

# ଭିଡିଓ ରେକର୍ଡିଂ କରିଥିବା ରେସିଡେଣ୍ଟ ଡାକ୍ତର ଭୁଲ୍ ମାନିଲେ

ଡାକ୍ତରୀ ଛାତ୍ରୀଙ୍କ ଗାଧୁଆ ବେଳର ଦୃଶ୍ୟ ଭାଇରାଲ

କଟକ ଅଫିସ,୧୧।୯

ବାଥ୍‌ରୁମ୍‌ରେ ଜଣେ ମେଡିକାଲ ଛାତ୍ରୀ ଗାଧୋଉ ଥିବା ବେଳର ଦୃଶ୍ୟକୁ ଆଉଜଣେ ସିନିୟର ରେସିଡେଣ୍ଟ ଡାକ୍ତର ଭିଡିଓ ରେକର୍ଡିଂ କରି ସୋଶିଆଲ ମିଡିଆରେ ଭାଇରାଲ କରାଇଥିଲେ। ହେଲେ ସମ୍ପୃକ୍ତ ଡାକ୍ତରଙ୍କ ଏହି କାରନାମାକୁ ଛାତ୍ରୀ ଜଣକ ଜାଣିପାରି ନିଜ ସହପାଠୀଙ୍କୁ ଜଣାଇଥିଲେ। ପରେ ସମ୍ପୃକ୍ତ ଡାକ୍ତରଙ୍କୁ ପାନେ ଦେବା ପାଇଁ ସମସ୍ତେ ନିଷ୍ପତି ନେଇଥିଲେ। ଏହି ନିଷ୍ପତି ମୁତାବକ ଉକ୍ତ ଡାକ୍ତରଙ୍କୁ ସେମାନେ ଗୋଟିଏ ସ୍ଥାନକୁ ଡକାଇଥିଲେ। ସେଠାରେ ଯୋଜନା ଅନୁଯାୟୀ ଡାକ୍ତରଙ୍କୁ ଗାଳିଗୁଲଜ କରିବା ସହ କରିଥିବା ଭୁଲ୍‌କୁ ଗୋଟିଏ କାଗଜରେ ଲେଖାଇଥିଲେ। ପରେ ସେହି ଭୁଲ୍‌କୁ ବାରମ୍ବାର ପଢି ସ୍ୱୀକାର କରିବାକୁ କହିଥିଲେ। ହେଲେ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ ମାନସ ମନ୍ଥନ କରିଥିଲେ ବି ବାହାରକୁ କୌଣସି ସୂଚନା ଦେଇନାହାନ୍ତି।

# ମହିଳା ଆଇନଜୀବୀଙ୍କୁ ତହସିଲଦାରଙ୍କ ଦୁର୍ବ୍ୟବହାର

ନିମାପଡ଼ା,୧୧।୯(ଡି.ଏନ୍.ଏ.)

ନିମାପଡ଼ା ତହସିଲ ଅଫିସ କୋର୍ଟ ପରିସରରେ ତହସିଲଦାର ଶୁକ୍ରବାର ଜଣେ ମହିଳା ଆଇନଜୀବୀଙ୍କୁ ଦୁର୍ବ୍ୟବହାର କରିଥିବା ନିମାପଡ଼ା ଥାନା, ନିମାପଡ଼ା ବାର୍ ଆସୋସିଏଶନ, ଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ଗୋପ ଥାନା ଅଞ୍ଚଳର ଜଣେ ମହିଳା ଆଇନଜୀବୀ ଶୁକ୍ରବାର ଏକ କେସ୍ ମାମଲାରେ ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଜଣଙ୍କ ନାମରେ ଓକିଲାତି ନାମା ଦାଖଲ କରି କୋର୍ଟର ଜଣେ ବରିଷ୍ଠ ମହିଳା ରାଜସ୍ୱ ସହାୟକଙ୍କୁ କେସ୍‌ର ପିଆର ମାଗିଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ମଧ ପିଆର ନ ପାଇବାରୁ ମହିଳା ଆଇନଜୀବୀ ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରୁ ତହସିଲଦାର କ୍ରୋଧାନ୍ୱିତ ହୋଇ ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଅନ୍ୟପଟେ ମହିଳା ଆଇନଜୀବୀ ଅତି କ୍ରୋଧାନ୍ୱିତ ହୋଇ ବରିଷ୍ଠ ମହିଳା ରାଜସ୍ୱ ସହାୟକଙ୍କୁ ଗାଳିଗୁଲଜ କରିଥିବା ତହସିଲଦାରଙ୍କ ନିକଟରେ ସେ ଅଭିଯୋଗ କରିଛନ୍ତି। ସେହିଭଳି ତହସିଲଦାର ମଧ ଉକ୍ତ ମହିଳା ଆଇନଜୀବୀଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ତହସିଲଦାର କୁହନ୍ତି, ମୋ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ। ମୁଁ କୌଣସି ପ୍ରକାରର ଦୁର୍ବ୍ୟବହାର କରି ନାହିଁ। ପୁଣି ବରିଷ୍ଠ ମହିଳା ସହାୟକ କୁହନ୍ତି, ମହିଳା ଆଇନଜୀବୀ ଜଣଙ୍କ କ୍ରୋଧାନ୍ୱିତ ହୋଇ ମତେ ଗାଳିଗୁଲଜ କରିଥିଲେ। ଏ ନେଇ ଥାନା ଆଇଆଇସି ଜନାର୍ଦ୍ଦନ ପାଢ଼ୀ କୁହନ୍ତି, ତହସିଲଦାର ଓ ମହିଳା ଆଇନଜୀବୀ ପକ୍ଷରୁ ଦୁଇଟି ଅଭିଯୋଗ ହୋଇଥିବାବେଳେ ଘଟଣା ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

# କୋଭିଡ୍ ଗାଡ଼ିରେ କରୋନା ଆକ୍ରାନ୍ତ ମହିଳାଙ୍କ ପୁତ୍ର ଜନ୍ମ

ଗୋପ,୧୧।୯(ଡି.ଏନ୍.ଏ)

ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ଜଣେ କରୋନା ଆକ୍ରାନ୍ତ ମହିଳାଙ୍କୁ ଅଣାଯାଉଥିବାବେଳେ କେନ୍ଦ୍ର ସମ୍ମୁଖରେ ହିଁ କୋଭିଡ୍ ଗାଡ଼ିରେ ଏକ ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ହେଲେ ଗାଡ଼ିରେ ମହିଳା ଜଣକ ଏକା ଥିବାବେଳେ କୌଣସି ମହିଳା ସ୍ୱାସ୍ଥ୍ୟକର୍ମୀ କିମ୍ବା ଆଶାକର୍ମୀ ନ ଥିବାରୁ ନାନା ଅସୁବିଧାର ସମ୍ମୁଖୀନ ହୋଇଥିବା ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ଗୋପ ଥାନା ଅଧୀନ ଖଡିଶ ସ୍କୁଲରେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୋଭିଡ୍ ଟେଷ୍ଟ କରାଯାଉଥିଲା। ଖବରପାଇ ଗୋପ ବ୍ଲକ ଅଧୀନ ତରଙ୍ଗିରା ଗ୍ରାମର ଅନ୍ତର୍ଯାମୀ ବାରିକଙ୍କ ସ୍ତ୍ରୀ ଗର୍ଭବତୀ ଥିବାରୁ ସେ ଟେଷ୍ଟ ପାଇଁ ଯାଇଥିଲେ। ଟେଷ୍ଟରେ ତାଙ୍କର ରିପୋର୍ଟ ପଜିଟିଭ ଆସିଥିଲା। ଚିହ୍ନଟ ମହିଳାଙ୍କ ସ୍ୱାମୀଙ୍କୁ ସମସ୍ତ ସରକାରୀ ସହାୟତା ସହ ଔଷଧ ଦିଆଯିବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିବା ସହ ଗୃହ ସଙ୍ଗରୋଧରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ପରେ ଏହି ମହିଳାଙ୍କ ନିକଟରେ ନା ଆଶାକର୍ମୀ ନା ମହିଳା ସ୍ୱାସ୍ଥ୍ୟକର୍ମୀ ପହଞ୍ଚି ଥିଲେ। ଏପରିକି ଆକ୍ରାନ୍ତ ମହିଳାଙ୍କୁ ସରକାରୀ ଔଷଧ ମଧ ଦିଆଯାଇ ନ ଥିଲା। ଏ ନେଇ ମହିଳାଙ୍କ ସ୍ୱାମୀ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବ ପ୍ରସାଦ ମଙ୍ଗରାଜଙ୍କୁ ଅଭିଯୋଗ କରିବା ପରେ ଔଷଧ ମିଳି ଥିଲା। ତେବେ ଶୁକ୍ରବାର ପୂର୍ବାହ୍ନରେ ମହିଳାଙ୍କ ଯନ୍ତ୍ରଣା ହେବାରେ ଡାକ୍ତରଖାନା ଯିବା ଲାଗି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫୋନ କରିଥିଲେ ମଧ କେହି ଶୁଣି ନ ଥିଲେ। କିଛି ସମୟ ପରେ ଏକ କୋଭିଡ୍ ଗାଡ଼ି ଆସି ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। କିନ୍ତୁ ସଂକ୍ରମିତ ଗର୍ଭବତୀ ମହିଳାଙ୍କ ଯନ୍ତ୍ରଣା ଅଧିକ ହେବାରୁ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଗାଡ଼ି ଭିତରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଏହି ସମୟରେ ମହିଳାଙ୍କ ସହ ଉକ୍ତ ଗ୍ରାମର ଆଶାକର୍ମୀ କି କୌଣସି ମହିଳା ସ୍ୱାସ୍ଥ୍ୟକର୍ମୀ ନ ଥିଲେ। ଯଦି ଜଣେ ଗର୍ଭବତୀ ମହିଳାଙ୍କ ବାଟରେ କିଛି ହୋଇଥାନ୍ତା ଏଥିପାଇଁ କିଏ ଦାୟୀ ରହିଥାନ୍ତା ବୋଲି ମହିଳାଙ୍କ ସ୍ୱାମୀ ପ୍ରଶ୍ନ କରିଛନ୍ତି। ଏପରି ଘଟଣାକୁ ନେଇ ଆଶାକର୍ମୀ ଓ ସ୍ୱାସ୍ଥ୍ୟ କର୍ମୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ମହିଳାଙ୍କ ସ୍ୱାମୀ ଅନ୍ତର୍ଯ୍ୟାମୀ ଦାବି କରିଛନ୍ତି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମଙ୍ଗରାଜଙ୍କୁ ପଚାରିବାରେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବି ବୋଲି କହିଛନ୍ତି।


## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ତାରାମଣୀ ପଣ୍ଡା
ସ୍ୱାମୀ: ସ୍ୱର୍ଗତ ଜୟହରି ପଣ୍ଡା
ପ୍ଲଟ୍ ନଂ. ୧୩୪୪, ଖରାଖିଆ ବୈଦ୍ୟନାଥ ଲେନ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୦୫।୦୨।୧୯୩୭
ତିରୋଧାନ: ୨୪।୦୯।୨୦୧୯
ଚାହୁଁ ଚାହୁଁ ବର୍ଷେ ବିତିଯାଇଛି। ଏ ଦୁନିଆରେ ଅନେକ ପରିବର୍ତ୍ତନ ଆସିଯାଇଛି, କିନ୍ତୁ ତୁମର ସ୍ନେହ, ମମତାଭରା ହସହସ ମୁଖ ସଦାବେଳେ ମନେ ପଡୁଛି। ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୯୧୬୦

ହେ ଫଗୁଣ, ତୁମେ ଗଲା ପରେ ପରେ...
ଆଜି ଦଶାହ



ସ୍ୱର୍ଗତ ଡାକ୍ତର କେଦାରେଶ୍ୱର ସାହୁ
ଭୀମଟାଙ୍ଗୀ, ଭୁବନେଶ୍ୱର
ଆସିଥିଲ: ୨୦।୦୩।୧୯୫୩
ଚାଲିଗଲ: ୦୩।୦୯।୨୦୨୦
(ସକାଳ ୮.୩୦, ଗୁରୁବାର)
ଜୀବନର ଲମ୍ବା ରାସ୍ତାରେ ଦୀର୍ଘ ୬୭ବର୍ଷ କାଳ ଚାଲିଚାଲି ଶେଷରେ ଆପଣ ଥକି ପଡ଼ିଲେ। ଥକି ପଡ଼ିବା ପୂର୍ବରୁ କିନ୍ତୁ ଆମ ସମସ୍ତଙ୍କୁ ଶିଖେଇ ଦେଇଗଲେ, ସଚ୍ଚୋଟତା ଓ ନିର୍ଭରକତାର ସହିତ କେମିତି ଜିଇବାକୁ ହୁଏ। ସ୍ୱର୍ଗତ ଧନେଶ୍ୱର ବାବୁଙ୍କର ସାରା ସଂସାରଟିକୁ ଗୋଟିଏ ଡୋରିରେ ବାନ୍ଧି ରଖିଥିଲେ ଆପଣ। ଆଶା କରୁଛୁ, ଆଗକୁ ମଧ ସେହି ବନ୍ଧନ ଅତୁଟ ରହିବ। ଆଜିର ଏଇ ପୁଣ୍ୟ ତିଥିରେ ଆଖିରେ ଲୁହ ଓ ଛାତିରେ କୋହଧରି ପ୍ରଭୁଙ୍କ ପାଖରେ ଏତିକି ଅଳି କରୁଛୁ ଆପଣଙ୍କ ଆତ୍ମା ଚିରଶାନ୍ତି ଲଭୁ ।
-:ଶୋକସନ୍ତପ୍ତ:-
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୬୯୬୨୦

## ଖିଲିଖିଲି ହସ

ଥରେ ଗୋପାଳ ଔଷଧ ନେବାକୁ ଏକ ମେଡିସିନ୍ ଷ୍ଟୋର୍‌ରେ ପହଞ୍ଚିଲା। ମେଡିସିନ୍ ଦେଉଥିବା ବ୍ୟକ୍ତି ପଚାରିଲେ, କେଉଁ ମେଡିସିନ୍ ନେବ ? ଏକଥା ଶୁଣି ଗୋପାଳ କହିଲା, 'ମୋତେ ମୂଷା ମାରିବାକୁ ମେଡିସିନ୍ ଦିଅନ୍ତୁ।' 'ମେଡିସିନ୍ ଘରକୁ ନେବ ତ' ବୋଲି ସେହି ବ୍ୟକ୍ତି କହିବା ପରେ ଗୋପାଳ ଉତ୍ତର ଦେଲା, ନାହିଁ ଆଜ୍ଞା, ମୁଁ ମୂଷାକୁ ଧରି ଏଇଠିକୁ ଆଣି ଆସିଛି। ତାକୁ ଏଠାରେ ହିଁ ଖୁଆଇ ଦେବି।

ଥରେ ଚିଣ୍ଟୁକୁ ଟ୍ୟୁଶନ ସାର୍ ପଚାରିଲେ, ଆରେ ସ୍ୱର ବର୍ଣ୍ଣ, ବ୍ୟଞ୍ଜନ ବର୍ଣ୍ଣ ଭଲ ଭାବରେ ଘୋଷି ଦେଇଛୁ ତ ? ଚିଣ୍ଟୁ ମୁଣ୍ଡ ଟୁଙ୍ଗାରି ହଁ କହିଲା। ତା'ପରେ ଟ୍ୟୁସନ ସାର୍ ପଚାରିଲେ, ଏଥର ମୋତେ ସ୍ୱର ଆଉ ବ୍ୟଞ୍ଜନ ବିଷୟରେ ବୁଝାଇ ଦେ। ଚିଣ୍ଟୁ ବିଳମ୍ବ ନ କରି ଉତ୍ତର ଦେଲା–ସାର୍, ସ୍ୱର ମୁହଁରୁ ବାହାରକୁ ଆସିଥାଏ, ହେଲେ ବ୍ୟଞ୍ଜନ ବାହାରୁ ମୁହଁକୁ ଯାଇଥାଏ।

ଥରେ ମଣ୍ଟୁ ପଢ଼ିବା ବେଳେ ତା'ବାପା ଆସି ପଚାରିଲେ, ଆରେ ପଢ଼ାପଢ଼ି ଠିକ୍ ଚାଲିଛି ତ ? ବୁକ୍ ବନ୍ଦ କରି କାହିଁକି ଧରଛୁ ? ଖୋଲି କରି ପଢ଼। ମଣ୍ଟୁ କହିଲା, ବାପା, ମୁଁ ତ ସବୁବେଳେ ବୁକ୍ ଖୋଲିକରି ରଖୁଛି। ବାପା ପଚାରିଲେ– କେଉଁ ବୁକ୍ ସବୁବେଳେ ଖୋଲିକରି ରଖୁଛୁ ? ମଣ୍ଟୁ ଉତ୍ତର ଦେଲା–ଫେସ୍‌ବୁକ୍।

## କହିଲ ଦେଖି



ଚହଟ ଚିକ୍କଣ ରୂପଟି ତା'ର
ପରିବା ମଧ୍ୟରେ ଅଟଇ ସାର
ବିଭିନ୍ନ ପ୍ରକାର ଆକୃତି ତା'ର
କେବେ ଲମ୍ବା କେବେ ସେ ଗୋଲାକାର
ପୋଡାପୋଡି ଅବା ହେଉ ତରକାରି
ସ୍ୱାଦ ତା'ର ଅଟେ ମନକୁ ଚୋରି।
**ଉତ୍ତର : ବାଇଗଣ**



ଏମିତି ସ୍ୱାଦିଷ୍ଟ ଦ୍ରବ୍ୟଟେ ସିଏ
ଖାଦ୍ୟର ସ୍ୱାଦଟି ସିଏ ବଢ଼ାଏ
ତରକାରି ହେଉ ହେଉବା ଭାଜି
ଯତନରେ ତାକୁ ପକାନ୍ତି ଖୋଜି
ମସଲା ପାଇଁ କି ଆଗରେ ସିଏ
ଗରମ ତେଲରେ ମହକୁ ଥାଏ
ଯିଏ ଦେଉଥାଏ ଅନ୍ୟକୁ ଲୁହ
କିଏ ସେ ଜାଣିଛି ନାମ ତା କୁହ।
**ଉତ୍ତର : ପିଆଜ**




ଧୋବ ଫର ଫର ରୂପଟି ତା'ର
ସମ୍ପର୍କ ଡୋରିରେ ବନ୍ଧା
ଗୋଟିଏ ସାଥିରେ ଅନ୍ୟଟିଏ ପରା
ରହିଥାଏ ହୋଇ ଛନ୍ଦା
ଭାରି ଉପକାରୀ ଗୁଣଟି ତାହାର
କହିଲେ ସରିବ ନାହିଁ
ଖାଦ୍ୟରେ ସୁଆଦ ବଢ଼ି ଯାଇଥାଏ
ମସଲାରେ ଥିଲେ ସେହି
ସୋରିଷ ତେଲରେ ଫୁଟେଇ ମାଖିଲେ
କମିଯାଏ ଥଣ୍ଡା କୋପ
ଆହୁରି କମାଏ ଶରୀରରୁ ସିଏ
ବଢ଼ୁଥିବା ରକ୍ତଚାପ।
**ଉତ୍ତର : ରସୁଣ**

**–ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର,ଉତ୍ତରକୂଳ ହାଟ୍,ପ୍ରୀତିପୁର,ଯାଜପୁର

## ଆଇନା




## କବିତା



### ଆଦର୍ଶ ଗାଆଁ

କଲେକ୍ଟର ଗଲେ ଦୂର ଗାଆଁକୁ,
ଗାଆଁ ପରିମଳ ପରିଖିବାକୁ।
ରାସ୍ତା ଘାଟ ଏବେ ଦିଶେ କଂକ୍ରିଟ,
ଗୋଡେ ଲାଗେ ନାହିଁ କାଦୁଅ ମାଟି।
ଶୌଚାଳୟ ସବୁ ଘରେ ଯେ ଅଛି,
ବାହ୍ୟ ମଳମୁକ୍ତ ଗାଆଁ ଦିଶୁଛି।
ମାଟି ଘର ସବୁ ଗଲାଣି ଲୁଚି,
ପକ୍କା ଘରେ ଗୁଞ୍ଜୁ ଖେଳଇ ପୁଚି।
ରୋଷେଇ ଘରରୁ ଉଠୁନି ଧୂଆଁ,
ଇନ୍ଧନ ଗ୍ୟାସ୍ ସବୁ ଘରେ ଥୁଆ।
ମାଆ,ଖୁଡ଼ୀ,ବୋଉ ଖୁସିରେ ରାନ୍ଧେ,
ଚୁଲି ଧୂଆଁ ଆଉ ତାଙ୍କୁ ନ ବାଧେ।
ଗାଆଁରେ ଖୋଲିଛି ଅଙ୍ଗନୱାଡ଼ି,
ସକାଳେ ଲାଗେ ସେଠି ପିଲାଙ୍କ ଧାଡ଼ି।
ପୁଷ୍ଟିକର ଖାଦ୍ୟ ସେଠାରୁ ମିଳେ,
ଆମ୍ବୁଲାନ୍ସ ଆସେ ଜରୁରୀ ବେଳେ।
ବର୍ଜ୍ୟ ବସ୍ତୁ ପାଇଁ ବ୍ୟବସ୍ଥା ଅଛି,
ଗାଆଁରେ ଡଷ୍ଟବିନ୍ ଥୁଆ ହୋଇଛି।
ଗାଆଁରେ ନାହିଁ ଆଉ କଜିଆ କଳି,
ଭାଇ– ଭାଇ ହୋଇ ଯାଆନ୍ତି ଚଳି।

*–ମନସ୍ୱିନୀ ସାହୁ,* କ୍ଲାସ–୧୦
*କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ*

### ଛୋଟ ବୋଲି କେବେ ମଣନା ହୀନ

ଛୋଟ ଫୁଲଟି ଭିତରେ ବାସ
ସକାଳୁ ସଞ୍ଜ ଯାଏ
ଛୋଟ ଝରଣା ଯୋଗାଏ ଜଳ
କେତେ ସେ ଗୀତ ଗାଏ ।
ଛୋଟ ଗଛଟି ସବୁରି ପାଇଁ
ଯୋଗାଏ ଫୁଲ ଫଳ
ଛୋଟିଆ ଛତା ଖରା ବର୍ଷାରେ
ସାଜଇ ଆମ ବଳ ।
ଛୋଟ ବିହଗ ଡେଣାକୁ ଝାଡି
ନୀଳ ଆକାଶେ ଉଡେ
ଛୋଟ ଥଣ୍ଟରେ ତାଳ ପତରେ
ସୁନ୍ଦର ବସା ଗଢ଼େ ।
ଛୋଟ ଶାମୁକା ଗରଭେ ତା'ର
ମୁକୁତା ଅଛି ସଞ୍ଚି
ଛୋଟ ତାରାଟି ଧରାରେ ତା'ର
ଆଲୋକ ଦିଏ ବିଞ୍ଚି ।
ଛୋଟ ଭଅଁର ଗୀତ ଗାଇକି
ସବୁରି ମନ କିଣେ
ଛୋଟ ଶିଶୁର ମୁଖର ହସ
ସବୁରି ହୃଦ ଜିଣେ ।
ଛୋଟ ଶିଶୁଟି ଭବିଷ୍ୟତରେ
ହୋଇବ ବଡ ଦିନେ
ଛୋଟ ବୋଲି କି କାହାକୁ କେବେ
ହୀନ ମଣନା ମନେ ।

**–ଅଶୋକ କୁମାର ପ୍ରଧାନ**
ରୋହିଗାଁ, ଗଞ୍ଜାମ

### ଝୁମୁର ଝାଇଁ

ଝୁମୁରି କାନ୍ଦୁଚି ପଢ଼ିବ ପାଠ
ପାଠ ପଢି ସିଏ ହୋଇବ ଚାଟ।
ନୂଆ କରି ଯିବ ପାଠ ସେ ପଢି
ହାତରେ ଧରିଛି ସିଲଟ ଖଡ଼ି।
ଝୁମୁରୁ ଝୁମୁରୁ ଚାଲେ ଝୁମୁରି
ପଢିବା ପାଇଁକି ପାଠ ତାହାରି।
ସବୁଥିରେ ସିଏ ହେବ ପ୍ରଥମ
ଗାଇବ ତା'ର ଗାଁ ସୁନାମ।
ପ୍ରଥମ ହୋଇଲା ପାଠରେ ଯହିଁ
ଖେଳ କୁଦେ ଦେଲା ମନ ଲଗାଇ।
ସବୁଠି ରଖିଲା ପ୍ରଥମ ସ୍ଥାନ
ବାପା ମା' ତା'ର ହୋଇଲେ ଖୁସି
ଝୁମୁରି ପାଇଁ ଝୁମୁର ଝାଇଁ ।
କହିଲେ ତୁ ଆମ ରଖିଲୁ ମଥା
ଝିଅଟିଏ ତୁ ଜଗତ ଜିତା...।

**–ବିଚିତ୍ରାନନ୍ଦ ଜେନା**
ସେଣ୍ଡତୀରା, ବନ୍ତ, ଭଦ୍ରକ



## (ଗପ) ଓଟ ଆଉ ବିଲୁଆ



ଗୋଟିଏ ଜଙ୍ଗଲରେ ଓଟ ଆଉ ବିଲୁଆ ରହୁଥିଲେ। ସେ ଜଙ୍ଗଲ ପାଖରେ ଗୋଟିଏ ତରଭୁଜର କ୍ଷେତ ଥିଲା। କ୍ଷେତ ଆଉ ଜଙ୍ଗଲ ମଧ୍ୟରେ ଗୋଟିଏ ନଦୀ ବୋହି ଯାଉଥିଲା। ଗୋଟିଏ ଦିନ ଦୁହେଁ ଚିନ୍ତା କଲେ ନଦୀ ପାର କରି ତରଭୁଜ କ୍ଷେତକୁ ତରଭୁଜ ଖାଇବାକୁ ଯିବେ। ଆଉ ପରସ୍ପର ମଧ୍ୟରେ ବୁଝାମଣା ହୋଇଗଲା। ତା'ପରେ ସେମାନେ ତରଭୁଜ କ୍ଷେତ ଆଡକୁ ଚାଲିଲେ। ଯେମିତି ନଦୀ ପାଖରେ ଆସି ପହଞ୍ଚିଲେ ବିଲୁଆ କହିଲା ତୁମେ ମୋତେ ତୁମର ପିଠି ଉପରେ ବସାଇ ଦିଅ, ମୁଁ ଆରାମରେ ନଦୀ ପାର କରାଇଦେବି।

ଓଟ ଆଉ କ'ଣ କରିବ ବିଲୁଆକୁ ପିଠି ଉପରେ ବସାଇ କରି କ୍ଷେତରେ ଯାଇ ପହଞ୍ଚିଲା। ସେଠାରେ ବଡ଼ ବଡ଼ ମିଠା ତରଭୁଜ ସବୁ ଖାଇବାକୁ ମିଳିଲା। ଦୁହେଁ ମନ ଭରି ତରଭୁଜ ଖାଇଲେ। କିଛି ସମୟ ପରେ ବିଲୁଆର ପେଟ ପୂରିଗଲା ଆଉ ସେ ଅଦ୍ଭୁତ ପ୍ରକାରର ରଡ଼ି କଲା। ଏହା ଦେଖି ଓଟ ମନା କଲା ସେମିତି ଶବ୍ଦ କରିବାକୁ। କିନ୍ତୁ ବିଲୁଆ କିଛି ଶୁଣିଲାନି। କହିଲା ମୁଁ ଖାଇ ସାରିଲା ପରେ ଏମିତି ରଡ଼ି କରେ। ଓଟ ପୁଣି ଥରେ ବିଲୁଆକୁ ବୁଝାଇ କରି କହିଲା ସେମିତି ଶବ୍ଦ କଲେ କ୍ଷେତର ମାଲିକ ଶୁଣିପାରିବ ଓ କ୍ଷେତ ପାଖକୁ ଚାଲି ଆସିବ। ତା'ପରେ ଆମକୁ କ୍ଷେତ ମାଲିକ ବହୁତ ମାରିବ। ଓଟର ଏଭଳି କଥାକୁ ବିଲୁଆ ଆଦୌ ଶୁଣିଲାନି। କହିଲା– ମୁଁ ଖାଇ ସାରିଲା ପରେ ଏମିତି ରଡ଼ି କରେ। କିଛି ସମୟ ଯାଇଛି କି ନାହିଁ ବିଲୁଆର ରଡ଼ି ଶୁଣି କ୍ଷେତ ମାଲିକ ପଳେଇ ଆସିଲା। କ୍ଷେତର ମାଲିକକୁ ଦେଖି ବିଲୁଆ ଯାଇ ଗୋଟିଏ ବୁଦା ମୂଳରେ ଲୁଚିଗଲା। ବିଚରା ଓଟ ମାଡ଼ ଖାଇଲା।

ତା'ପରେ ଉଭୟ ଜଙ୍ଗଲକୁ ଫେରିବାକୁ ବାହାରିଲେ। ଆଉ ଏବେ ଯେତେବେଳେ ଓଟ ଆଉ ବିଲୁଆ ଜଙ୍ଗଲକୁ ଫେରିବାକୁ ବାହାରିଲେ ବିଲୁଆ ପୁଣି ଓଟକୁ କହିଲା ମୋତେ ତୁମ ପିଠିରେ ବସେଇ ଦିଅ। ଓଟକୁ ତା'ର ପ୍ରତିଶୋଧ ନବାର ଥିଲା। ଆଉ ତାକୁ ସୁଯୋଗ ମଧ୍ୟ ଗୋଟିଏ ମିଳିଗଲା। ସେ ବିଲୁଆକୁ ନିଜ ପିଠିରେ ବସେଇଲା।

ନଦୀର ମଝିରେ ଆସି ପହଞ୍ଚିଲା ପରେ ଓଟ କହିଲା ମୋତେ ଭାରି ନିଦ ଆସିଲାଣି। ଖାଇ ସାରିଲା ପରେ ମୁଁ ଟିକିଏ ଗଡ଼ପଡ଼ ହୁଏ। ଏତିକି କହି ଧୀରେ ଧୀରେ ଓଟ ଯେମିତି ପାଣି ଭିତରେ ବସିବାକୁ ଲାଗିଲା ବିଲୁଆ କହିଲା ତୁମେ ଏମିତି କଲେ ମୁଁ ବୁଡ଼ି ମରିଯିବି। କିଛି ସମୟ ରହିଯାଅ। ଏବେ ଓଟର ପାଳିଥିଲା, ସେ ବିଲୁଆର କଥା ଜମାରୁ ଶୁଣିଲାନି। ଆଉ ନଦୀ ମଝିରେ ଓଟ ବସି ପଡ଼ିଲା। ଆଉ ବିଲୁଆ ବୁଡ଼ିଗଲା ଓ ସେଠାରେ ମରିଗଲା।

**–ମନୋଜ କୁମାର ବେହେରା**
୨୧୭, ୟୁନିଟ୍–୯ (ଫ୍ଲାଟ), ବାୟା ବାବା ମଠ ଲେନ୍, ଭୁବନେଶ୍ୱର–୨୨

## ଗିନିଜ୍ ୱାର୍ଲ୍ଡ ରେକର୍ଡ


### ପପ୍‌କର୍ଣ୍ଣର ଲମ୍ବ ୧୦.୬୬ ମିଟର



ଗୋଟିଏ ପପ୍‌କର୍ଣ୍ଣର ଲମ୍ବ ୧୦ ମିଟରରୁ ବି ଅଧିକ। ଏକଥା ଶୁଣି ହୁଏତ ଅନେକ ଆଶ୍ଚର୍ଯ୍ୟ ହୋଇଯିବେ। କିନ୍ତୁ ଏଭଳି ଏକ ପପକର୍ଣ୍ଣ ତିଆରି କରିଛି ବ୍ରିଟେନର ଓଟ୍‌ସିଟ୍ ଜ୍ୟାଣ୍ଡ କମ୍ପାନୀ। ଆଉ ଏହି କାରଣରୁ ଏବେ ଏହି ପପକର୍ଣ୍ଣ କମ୍ପାନୀ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ଚିପ୍‌ସ ତିଆରି କରୁଥିବା ବ୍ରିଟେନର ଏହି କମ୍ପାନୀ ଏବେ ସବୁଠୁ ଲମ୍ବା ପପକର୍ଣ୍ଣ ତିଆରି କରି ଗିନିଜ୍ ରେକର୍ଡ କରିଛି। ଏତେ ବଡ଼ ପପକର୍ଣ୍ଣ ତିଆରି କରିବା ପାଇଁ କମ୍ପାନୀ ବହୁଦିନରୁ କାମ ଆରମ୍ଭ କରିଥିଲା। ଶେଷରେ କିଛି ମାସର ପ୍ରସ୍ତୁତି ପରେ କମ୍ପାନୀ ଏଭଳି ଏକ ପପକର୍ଣ୍ଣ ତିଆରି କରିଥିଲା, ଯାହାର ଲମ୍ବା ୧୦.୬୬ ମିଟର। ଏତେ ଲମ୍ବା ପପକର୍ଣ୍ଣ ତିଆରି କରିବା ପରେ କମ୍ପାନୀ ଏବେ ରେକର୍ଡ କରିଛି। ତେବେ ପପକର୍ଣ୍ଣ ଏତେ ଲମ୍ବା ହେଲେ ବି ତା'ର ସ୍ୱାଦରେ କୌଣସି ପରିବର୍ତ୍ତନ ହୋଇନି।

## ତୁମ ପଢ଼ିବା ପାଇଁ

### ମୋ ଆଶା



ତ୍ରୟମାସିକ ଶିଶୁ–କିଶୋର ପତ୍ରିକା 'ମୋ ଆଶା'ର ଚଳିତ ବର୍ଷର ଜୁଲାଇ–ସେପ୍ଟେମ୍ବର ସଂଖ୍ୟାରେ ପ୍ରକାଶିତ ହୋଇଛି ନିୟମିତ ସ୍ତମ୍ଭ ସହ ଅନେକ ଶିକ୍ଷଣୀୟ ଗପ, କବିତା। ବିଶେଷଭାବରେ ନିର୍ମଳ କୁମାର ମିଶ୍ର, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଡ. ସୁଷମା ମିଶ୍ର, ନୀଳମଣି ଚାନ୍ଦ, ଅଜିତ କୁମାର ତ୍ରିପାଠୀ, ଜଗଦୀଶ ସାହୁ, ପ୍ରିୟଦର୍ଶିନୀ ମହାନ୍ତି ଏବଂ ରଶ୍ମୀ ରଞ୍ଜନ ସାହୁଙ୍କ ରଚିତ ଲେଖାଗୁଡିକର ଉପସ୍ଥାପନା ବେଶ୍ ସୁନ୍ଦର ହୋଇଛି। ସୁମନ୍ତ ମହାରଣାଙ୍କ ସମ୍ପାଦନାରେ ପ୍ରକଶିତ ଏହି ପତ୍ରିକାର ମୂଲ୍ୟ ରହିଛି ୧୫ ଟଙ୍କା। ଯୋଗାଯୋଗ : 'ମୋ ଆଶା', ଲିଟିଲ୍ ଷ୍ଟାର୍ ଗ୍ରୁପ୍, ପାଟପୁର, ନିମାପଡା, ପୁରୀ।

### ମତାମତ

➤ଏଥର 'ଆଇନା' ସ୍ତମ୍ଭରେ ପ୍ରକାଶିତ ଫଟୋ ବେଶ୍ ସୁନ୍ଦର ହୋଇଥିଲା।
*–ରାଜେନ୍ଦ୍ର କୁମାର ଦାସ,*
*ସୁନାବେଡା, କୋରାପୁଟ*

➤'ଗିନିଜ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରେ ପ୍ରକାଶିତ ବିଷୟଟି ବେଶ୍ ଶିକ୍ଷଣୀୟ ହୋଇପାରୁଛି।
*–ସୀମରନ୍ ନାୟକ, ବ୍ରହ୍ମପୁର*


➤'ଖିଲି ଖିଲି ହସ' ସ୍ତମ୍ଭରେ ପ୍ରକାଶିତ ହସ କଥା ପଢ଼ି ଭଲ ଲାଗୁଛି।
*–କବିତା ରାଉତ, ଯାଜପୁର*

## ତୁମ ତୂଳୀରୁ





**ଦେବାଂଶୁ ଆଚାର୍ଯ୍ୟ**
କ୍ଲାସ– ୧, ଏସ୍.ଆର୍.
ଡିଗି ସ୍କୁଲ ସୁଚିତ୍ରା, ହାଇଦ୍ରାବାଦ





**ନିଶା ପରିଜା**
କ୍ଲାସ–୮, ଡିଏଭି ପବ୍ଲିକ୍ ସ୍କୁଲ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର





**ଜ୍ୟୋତିରଞ୍ଜନ ବିଦ୍**
କ୍ଲାସ–୯, ରାମକୃଷ୍ଣ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଜଳେଶ୍ୱର

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ସେପ୍ଟେମ୍ବର ୧୨/୨୦୨୦ Saturday, September 12/2020

# ଓସାକା-ଆଜାରେଙ୍କା ଫାଇନାଲ

**ୟୁଏସ୍ ଓପନ୍ ଟେନିସ୍**

ନ୍ୟୁୟର୍କ,୧୧।୯(ଏପି)

ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଶନିବାର ଫାଇନାଲ ମୁକାବିଲାରେ ଚତୁର୍ଥ ସିଡ୍ ଖେଳାଳି ଜାପାନର ନାଓମି ଓସାକା ଓ ବେଲାରୁଷର ଅଭିଜ୍ଞ ଅଣସିଡ୍ ଖେଳାଳି ଭିକ୍ଟୋରିଆ ଆଜାରେଙ୍କା ଟାଇଟଲ ପାଇଁ ପରସ୍ପରକୁ ଭେଟିବେ। ତୃତୀୟ ସିଡ୍ ଅଭିଜ୍ଞ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସ ପୁଣି ଥରେ ୟୁଏସ୍ ଓପନ୍ ସେମିଫାଇନାଲରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି।

ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ଓସାକା ୭-୬, ୩-୬, ୬-୩ ସେଟ୍‌ରେ ୨୮ତମ ସିଡ୍ ଆମେରିକାର ଜେନିଫର ବ୍ରାଡିଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେଟ୍‌ରେ ବିଜୟୀ ହେବା ପରେ ଓସାକା ଦ୍ୱିତୀୟ ସେଟ୍‌ରେ କିନ୍ତୁ ପରାସ୍ତ ହୋଇଥିଲେ। ତେବେ ଏହାପରେ ସେ ପ୍ରତ୍ୟାବର୍ତ୍ତନ କରି ତୃତୀୟ ସେଟ୍‌କୁ ହାତେଇ ନେଇ ବିଜୟୀ ହୋଇଥିଲେ। ୨୨ ବର୍ଷୀୟା ଓସାକା ଟାଇଟଲ ହାସଲଠାରୁ ଆଉ ମାତ୍ର ଗୋଟିଏ ପାଦ ଦୂରରେ ରହିଛନ୍ତି। ନିଜ ପ୍ରଦର୍ଶନରେ ଓସାକା ଖୁସି ଜାହିର କରିଛନ୍ତି। ଜାପାନରେ ଜନ୍ମ ହୋଇଥିଲେ ମଧ୍ୟ ସେ ଛୋଟ ଥିବା ବେଳେ ନିଜ ମାତାପିତାଙ୍କ ସହ ଆମେରିକା ଚାଲିଯାଇଥିଲେ। ନ୍ୟୁୟର୍କ ମୋ ପାଇଁ ସେକେଣ୍ଡ ହୋମ୍ ବୋଲି ଓସାକା କହିଛନ୍ତି। ଏହି କ୍ୱାର୍ଟି ସେମିଫାଇନାଲରେ ବିଜୟୀ ହେବା ପାଇଁ ଓସାକାଙ୍କୁ ଅବଶ୍ୟ କଷ୍ଟ କରିବାକୁ ପଡିଥିଲା। ପୂର୍ବରୁ ପେନସିଲଭାନିଆରେ ରହୁଥିବା ୨୫ ବର୍ଷୀୟା ବ୍ରାଡି କେବେବି କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଚତୁର୍ଥ ରାଉଣ୍ଡ ପାର କରି ନ ଥିଲେ। ଏଥର ସେମିରେ ପରାସ୍ତ ହୋଇଥିବାରୁ ସେ ନୈରାଶ୍ୟ ଜାହିର କରିଛନ୍ତି।

ଦ୍ୱିତୀୟ ସେମିଫାଇନାଲରେ ପୂର୍ବତନ ୧ ନମ୍ବର ଖେଳାଳି ଆଜାରେଙ୍କା ସେରେନାଙ୍କୁ ୧-୬, ୬-୩, ୬-୩ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେଟ୍‌ରେ ସେରେନା ବୃହତ୍ ବ୍ୟବଧାନରେ ବିଜୟୀ ହୋଇଥିଲେ ମଧ୍ୟ ପରବର୍ତ୍ତୀ ଦୁଇଟି ସେଟ୍‌ରେ ଏହି ପ୍ରଦର୍ଶନକୁ ବଜାୟ ରଖିପାରି ନ ଥିଲେ। ବାମ ଗୋଇଠିରେ ସେରେନା ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ସେ ମେଡିକାଲ ଟାଇମ୍‌ଆଉଟ୍ ନେଇଥିଲେ। ଦ୍ୱିତୀୟ ଗେମ୍‌ରେ ସେ ଆହତ ହୋଇଥିଲେ। ଦୁଇଥର ଗ୍ରାଣ୍ଡସ୍ଲାମ ବିଜେତା ସେରୋନ ପୂର୍ବରୁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ସେରେନାଙ୍କୁ ପରାସ୍ତ କରିପାରି ନ ଥିଲେ ମଧ୍ୟ ଏଥର ବାଜି ମାରିଛନ୍ତି। ୨୦୧୨ ୟୁଏସ୍ ଓପନ୍‌ରେ ସେରେନାଙ୍କଠାରୁ ଆଜାରେଙ୍କା ପରାସ୍ତ ହୋଇଥିଲେ। ଶେଷଥର ପାଇଁ ଆଜାରେଙ୍କା ୨୦୧୩ ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ଜିତି ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ପୂର୍ବରୁ ୨୦୧୨ ଓ ୨୦୧୩ରେ ଅଷ୍ଟ୍ରେଲିଆନ ଓପନ ଟାଇଟଲ ହାସଲ କରିଥିଲେ। ଏହି ଦୁଇଟି ବର୍ଷରେ ଆଜାରେଙ୍କା ୟୁଏସ୍ ଓପନ ଫାଇନାଲରେ ସେରେନାଙ୍କଠାରୁ ମଧ୍ୟ ପରାସ୍ତ ହୋଇଥିଲେ।

ଅନ୍ୟପଟେ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ବିଶ୍ୱ ରେକର୍ଡର ସମକକ୍ଷ ହେବାର ଆଶା ସେରେନାଙ୍କ ପାଇଁ ଅଧୁରା ରହିଛି। ଗତ ୭ଟି ଗ୍ରାଣ୍ଡସ୍ଲାମରୁ ୪ଟିରେ ସେରେନା ଫାଇନାଲରେ ପରାସ୍ତ ହୋଇଛନ୍ତି। ଆଉ କିଛି ଦିନ ପରେ ୩୯ତମ ଜନ୍ମଦିବସ ପାଳନ କରିବାକୁ ଯାଉଥିବା ସେରେନା ଅବଶ୍ୟ ଏହି ପରାଜୟରେ ନିରାଶ ହୋଇଛନ୍ତି।



ପରାଜୟ ପରେ ସେରେନା ୱିଲିୟମ୍ସଙ୍କ ପ୍ରତିକ୍ରିୟା।



ୟୁଏସ୍ ଓପନ୍ ମହିଳା ସିଙ୍ଗିଲ୍ସ ସେମିଫାଇନାଲ୍‌ରେ ଶଟ୍ ଖେଳିବା ଅବସରରେ ନାଓମି ଓସାକା।

# ଦକ୍ଷିଣ ଆଫ୍ରିକା ଅଲିମ୍ପିକ ସଂଘ ନିୟନ୍ତ୍ରଣରେ ସିଏସ୍‌ଏ

କୋହନ୍ସବର୍ଗ, ୧୧।୯ (ପି.ଟି.)





ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ (ସିଏସ୍‌ଏ) ଏବେ ଦୁର୍ନୀତିଗ୍ରସ୍ତ ଏବଂ ପ୍ରଶାସନିକ ଢାଞ୍ଚା ଭୁଶୁଡି ପଡ଼ିଛି। ଏସବୁର ତଦନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି। ଏଣୁ ଦକ୍ଷିଣ ଆଫ୍ରିକା ସ୍ପୋର୍ଟ୍ସ କନଫେଡେରେଶନ ଓ ଅଲିମ୍ପିକ କମିଟି (ସାସ୍‌କକ୍) ସିଏସ୍‌ଏ ବୋର୍ଡକୁ ଭାଙ୍ଗି ଦେଇଥିବା ବେଳେ ଏହାକୁ ନିଜ ନିୟନ୍ତ୍ରଣକୁ ନେଇ ଆସିଛି। ଦକ୍ଷିଣ ଆଫ୍ରିକାର ଅଲିମ୍ପିକ ସଂଘ ଦେଶର କ୍ରିକେଟକୁ ନିଜ ନିୟନ୍ତ୍ରଣରେ ଆଣିବା ଦ୍ୱାରା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିୟମ ଉଲ୍ଲଂଘନ ବୋଲି ବିବେଚନା କରାଯାଇ ପାରେ। ସରକାରୀ ହସ୍ତକ୍ଷେପ ଦର୍ଶାଇ ଆଇସିସି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳକୁ ଅନ୍ତର୍ଜାତୀୟ ସ୍ତରରେ ଖେଳିବାକୁ ଅନୁମତି ଦେଇ ନ ପାରେ। ଭ୍ରଷ୍ଟାଚାର ଅଭିଯୋଗରେ ସିଏସ୍‌ଏର ପୂର୍ବତନ ସିଇଓ ଥବଙ୍ଗ ମନ୍‌ରୋ ଗତ ମାସରେ ବହିଷ୍କୃତ ହୋଇଛନ୍ତି। କାର୍ଯ୍ୟକାରୀ ସିଇଓ ଜ୍ୟାକ୍ସ ଫାଉଲ୍ ଏବଂ ସଭାପତି କ୍ରିସ୍ ନେନ୍‌ଜାନି ଗତ ମାସରେ ସେମାନଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ଫାଉଲଙ୍କ ସ୍ଥାନରେ କୁଗାଣ୍ଡ୍ରି ଗୋଭେଣ୍ଡର ନିଯୁକ୍ତି ପାଇଛନ୍ତି। ସେପ୍ଟେମ୍ବର ୫ରେ ହେବାକୁଥିବା ବାର୍ଷିକ ସାଧାରଣ ଅଧିବେଶନକୁ ସ୍ଥଗିତ ରଖିବାରୁ ଦେଶର ପ୍ରତିଷ୍ଠିତ ଖେଳାଳିମାନେ ସିଏସ୍‌ଏକୁ ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ ବୋର୍ଡକୁ ସସ୍‌ପେଣ୍ଡ କରିବା ଲାଗି ସାସ୍‌କୋ ନେଇଥିବା ନିଷ୍ପତ୍ତି ଉପରେ ସିଏସ୍‌ଏ ଆପତ୍ତି ଉଠାଇବା ସହ ଆଇନଗତ ପଦକ୍ଷେପ ପାଇଁ ପରାମର୍ଶ ଲୋଡ଼ିଛି।

# ପୁରୁଷ ଡବଲ୍ସରେ ପାଭିକ୍- ସୋଆରେସ୍ ଚାମ୍ପିୟନ

ନ୍ୟୁୟର୍କ,୧୧।୯(ଏପି)

ୟୁଏସ୍ ଓପନ୍ ପୁରୁଷ ଡବଲ୍ସ ଇଭେଣ୍ଟରେ କ୍ରୋଏସିଆର ମେଟ୍ ପାଭିକ୍ ଓ ଅଭିଜ୍ଞ ବ୍ରାଜିଲ ଖେଳାଳି ବ୍ରୁନୋ ସୁଆରେସ୍ ଟାଇଟଲ ହାସଲ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଏହି ଅଣସିଡ୍ ଯୋଡି ୭-୫, ୬-୩ ସେଟ୍‌ରେ ଅଷ୍ଟମ ସିଡ୍ ଯୋଡି କ୍ରୋଏସିଆର ନିକୋଲା ମେକ୍‌ଟିକ୍ ଓ ନେଦରଲାଣ୍ଡ୍ସର ୱେସଲି କୁଲହୋଫ୍‌ଙ୍କୁ ହରାଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ବିଜୟୀ ହେବା ପାଇଁ ପାଭିକ୍ ଓ ସୋଆରେସ୍‌ଙ୍କୁ ୧ ଘଣ୍ଟା ୩୧ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ସୋଆରେସ୍‌ଙ୍କ ପାଇଁ ଏହା ତୃତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ସାବ୍ୟସ୍ତ ହୋଇଛି। ଦୀର୍ଘ ବର୍ଷ ପରେ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବାର ସୋଆରେସ୍ ଖୁସି ଜାହିର କରିଛନ୍ତି। ଅନ୍ୟ ପଟେ ମହିଳା ଡବଲ୍ସ ଫାଇନାଲ ମ୍ୟାଚ୍‌ରେ ତୃତୀୟ ସିଡ୍ ଆମେରିକା ଓ ଚାଇନା ଯୋଡି ନିକୋଲ ମେଲିଚାର ଓ ଜୁ ଇଫନ ପ୍ରତିପକ୍ଷ ଜର୍ମାନୀ ଓ ରୁଷିଆ ଯୋଡି ଲଉରା ସେଗ୍‌ମୁଣ୍ଡ ଓ ଭେରା ଜେଭୋନୋରେଭା ମୁହାଁମୁହିଁ ହେବେ। ଚଳିତ ବର୍ଷ ୟୁଏସ୍ ଓପନ୍‌ରେ ମିକ୍ସ ଡବଲ୍ସ ଇଭେଣ୍ଟକୁ କୋଭିଡ୍-୧୯ ମହାମାରୀ ପାଇଁ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି।



ଟ୍ରଫି ସହ ମେଟ୍ ପାଭିକ୍ ଓ ବ୍ରୁନୋ ସୁଆରେସ୍।

# ବିସିସିଆଇ ଏଜିଏମ୍ ଅନିର୍ଦ୍ଦିଷ୍ଟ କାଳ ସ୍ଥଗିତ

ନୂଆଦିଲ୍ଲୀ, ୧୧।୯ (ପି.ଟି.)

କୋଭିଡ୍-୧୯ ମହାମାରୀ ଯୋଗୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହାର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)କୁ ସ୍ଥଗିତ ରଖିଛି। ଏହି ବୈଠକ ସେପ୍ଟେମ୍ବର ୩୦ରେ ହେବାର କାର୍ଯ୍ୟକ୍ରମ ରହିଥିଲା। ଏହା ଅନ୍‌ଲାଇନ୍‌ରେ ଆୟୋଜନ ହୋଇପାରିବ ନାହିଁ। ବିସିସିଆଇ ସମ୍ପାଦକ ଜୟ ଶାହା ଏ ବିଷୟ ରାଜ୍ୟ ୟୁନିଟ୍‌ଗୁଡ଼ିକୁ ଅବଗତ କରାଇଛନ୍ତି। ଭାରତୀୟ କ୍ରିକେଟ ବୋର୍ଡ ତାମିଲନାଡ୍ରୁ ସୋସାଇଟିଜ୍ ରେଜିଷ୍ଟ୍ରେଶନ ଆକ୍ଟ, ୧୯୭୫ ଅଧୀନରେ ରେଜିଷ୍ଟ୍ରି ହୋଇଛି। ତଦନୁସାରେ ଏଜିଏମ୍ ପ୍ରତିବର୍ଷ ସେପ୍ଟେମ୍ବର ୩୦ ପୂର୍ବରୁ ହେବା ଆବଶ୍ୟକ। କୋଭିଡ-୧୯ ଯୋଗୁ ତାମିଲନାଡ୍ରୁ ସରକାରଙ୍କ ରେଜିଷ୍ଟ୍ରେଶନ ଡିପାର୍ଟମେଣ୍ଟ ଏଜିଏମ୍‌କୁ ସେପ୍ଟେମ୍ବର ୨୦୨୦ରୁ ଡିସେମ୍ବର ୨୦୨୦ ପର୍ଯ୍ୟନ୍ତ ୩ ମାସ ଘୁଞ୍ଚାଇ ଦେଇଛନ୍ତି। ବିସିସିଆଇ ଆଇନଗତ ମତାମତ ନେବାପରେ ଏଜିଏମ୍‌କୁ ଘୁଞ୍ଚାଇ ଦେବାକୁ ନିଷ୍ପତ୍ତି ନେଇଛି। କିନ୍ତୁ ମହାମାରୀ ସମୟରେ ବିସିସିଆଇର ଆପେକ୍ସ କାଉନ୍‌ସିଲ ବୈଠକ ଭର୍ଚୁଆଲି ଅନୁଷ୍ଠିତ ହୋଇଯାଇଛି। ଗତଥର ବିସିସିଆଇ ଏଜିଏମ୍ ୨୦୧୯ ଅକ୍ଟୋବରରେ ହୋଇଥିଲା।

# ଓଡ଼ିଶା ଏଫସି ଦଳରେ ଟ୍ରଟ୍

ଭୁବନେଶ୍ୱର, ୧୧।୯(କ୍ରୀଡ଼ା ପ୍ରତିନିଧି)

ଅଷ୍ଟ୍ରେଲିଆନ ସେଣ୍ଟ୍ରାଲ୍ ବ୍ୟାକ୍ ଜ୍ୟାକବ ଟ୍ରଟ୍‌ଙ୍କ ସହ ଚୁକ୍ତି କରିଛି ଓଡ଼ିଶା ଏଫସି। ଫଳରେ ଏହି ଅଷ୍ଟ୍ରେଲୀୟ ଡିଫେଣ୍ଡର ଇଣ୍ଡିଆନ ସୁପରଲିଗ୍(ଆଇଏସଏଲ)ର ୭ମ ସଂସ୍କରଣରେ ଭୁବନେଶ୍ୱର ଭିତ୍ତିକ ଏହି ଫ୍ରାଞ୍ଚାଇଜ୍ ପକ୍ଷରୁ ଖେଳିବା ସ୍ପଷ୍ଟ ହୋଇଯାଇଛି। ୨୬ ବର୍ଷୀୟ ଟ୍ରଟ୍ ଜଣେ ପ୍ରତିଭା ସମ୍ପନ୍ନ ଡିଫେଣ୍ଡର। ସେ ଉଭୟ ରାଇଟ୍ ବ୍ୟାକ୍ ଓ ସେଣ୍ଟର ବ୍ୟାକ୍‌ରେ ଖେଳିବା ଦକ୍ଷତା ରଖିଛନ୍ତି। ୟୁଥ୍ ବର୍ଗରେ ସିଡ୍‌ନୀ ଏଫସି ପକ୍ଷରୁ ଖେଳିବାପରେ ସେ କ୍ରମାଗତଭାବେ ଅଷ୍ଟ୍ରେଲିଆନ-ଏ ଲିଗ୍‌ରେ ଖେଳିଥିଲେ। ସେ ସିଡ୍‌ନୀ ଏଫସି ସହିତ ସିଡ୍‌ନୀ ୟୁନାଇଟେଡ, ୱେଲିଂଟନ ଫୋଏନିକ୍ସ, ସୁଥରଲାଣ୍ଡ ଶାର୍କ୍ସ ଓ ପର୍ଥ ଗ୍ଲୋରି ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଟ୍ରଟଙ୍କ ଉପସ୍ଥିତିରେ ଓଡ଼ିଶା ଏଫସି ଡିଫେନ୍ସ ଲାଇନ୍ ଶକ୍ତିଶାଳୀ ହେବ ବୋଲି ମୁଖ୍ୟ କୋଚ୍ ଷ୍ଟୁଆର୍ଟ ବକ୍ସଟର ଆଶା ପ୍ରକାଶ କରିଛନ୍ତି।



ଜ୍ୟାକବ ଟ୍ରଟ୍

# ମାର୍ଶ-ମ୍ୟାକ୍ସୱେଲଙ୍କ ଶତକୀୟ ଭାଗୀଦାରି



ଭାଗୀଦାରି ଅବସରରେ ଗ୍ଲେନ୍ ମାକ୍ସୱେଲ୍ ଓ ମିଚେଲ୍ ମାର୍ଶ।

ମାଞ୍ଚେଷ୍ଟର, ୧୧।୯

ଅର୍ଦ୍ଧଶତକ ହାସଲକାରୀ ମିଚେଲ ମାର୍ଶ ଓ ଗ୍ଲେନ ମ୍ୟାକ୍ସୱେଲଙ୍କ ଶତକୀୟ ଭାଗୀଦାରି ବଳରେ ଅଷ୍ଟ୍ରେଲିଆ ଶୁକ୍ରବାର ଏଠାରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ୫୦ ଓଭରରେ ୯ ଉଇକେଟ ହରାଇ ୨୯୪ ରନ ସଂଗ୍ରହ କରିଛି।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଇଂଲଣ୍ଡ। ଅଭ୍ୟାସ ସମୟରେ ମୁଣ୍ଡରେ ବଲ୍ ବାଜିଥିବାରୁ ଷ୍ଟିଭେନ ସ୍ମିଥଙ୍କ ବିନା ଅଷ୍ଟ୍ରେଲିଆ ଏହି ମ୍ୟାଚ ଖେଳିଥିଲା। ଆକ୍ରମଣାତ୍ମକ ଓପନର ଡେଭିଡ ୱାର୍ନର ୬, ଅଧିନାୟକ ଆରୋନ ଫିଞ୍ଚ୍ ୧୬, ମାର୍କୁସ ଷ୍ଟୋଇନ୍ସ ୪୩(୩୪ ବଲ, ୬ ଚୌକା), ମାର୍ନସ ଲାବୁସ୍କାନେ ୨୧ ଓ ଉଇକେଟ କିପର ଆଲେକ୍ସ କାରେ ୧୦ ରନ କରି ଆଉଟ ହେବାରୁ ୨୩.୪ ଓଭରରେ ଅଷ୍ଟ୍ରେଲିଆ ଇନିଂସ ୧୨୩/୫ ହୋଇ ଯାଇଥିଲା। ତେବେ ମାର୍ଶ ଓ ମ୍ୟାକ୍ସୱେଲ ୬ଷ୍ଠ ଉଇକେଟରେ ୧୨୬ ରନ ଯୋଗକରି ଦଳକୁ ବଡ଼ ସ୍କୋର ଅଭିମୁଖେ ଅଗ୍ରସର କରାଇଥିଲେ। ଏକଦିବସୀୟ କ୍ରିକେଟରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆର ଏହା ଶ୍ରେଷ୍ଠ ୬ଷ୍ଠ ଉଇକେଟ ପାର୍ଟନରଶିପ୍। ମ୍ୟାକ୍ସୱେଲଙ୍କୁ କ୍ଲିନ ବୋଲ୍ଡ କରି ଇଂଲଣ୍ଡକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଜୋଫ୍ରା ଆର୍ଚର। ୫୯ ବଲ୍‌ର ସମ୍ମୁଖୀନ ହୋଇଥିବା ମ୍ୟାକ୍ସୱେଲ ୪ଟି ଲେଖାଏ ଚୌକା ଓ ଛକା ମାରି ସର୍ବାଧିକ ୭୭ ରନ ସ୍କୋର କରିଥିଲେ। ଅପେକ୍ଷାକୃତ ଧିମା ଖେଳିଥିବା ମାର୍ଶ ୧୦୦ ବଲ୍‌ରୁ ୬ ଚୌକା ସହାୟତାରେ ୭୩ ରନ କରିଥିଲେ। ମାର୍ଶଙ୍କ ଆଉଟ ହେବାପରେ ଅଷ୍ଟ୍ରେଲିଆର ୩୦୦ ରନ ସ୍କୋର ଆଶା ମଉଳିଥିଲା। ପ୍ୟାଟ୍ କୁମିନ୍ସ ୯, ଆଡାମ ଜାମ୍ପା ୫ ରନ କରି ଆଉଟ ହୋଇଥିବାବେଳେ ମିଚେଲ ଷ୍ଟାର୍କ ଶେଷ ବଲ୍‌ରେ ଛକା ମାରି ୧୯ ରନରେ ଅପରାଜିତ ରହିଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଜୋଫ୍ରା ଆର୍ଚର ଓ ମାର୍କ ଉଡ୍ ୩ଟି ଲେଖାଏ ଆଦିଲ ରଶିଦ ୨ଟି ଏବଂ କ୍ରିସ୍ ୱୋକ୍ସ ଗୋଟିଏ ଉଇକେଟ ନେଇଥିଲେ।





ସିପିଏଲ୍ ଟ୍ରଫି ସହ କିରନ ପୋଲାର୍ଡ।

# ତ୍ରିନିବାଗୋ ନାଇଟ୍ ରାଇଡର୍ସ ଚାମ୍ପିୟନ

**କ୍ୟାରିବିୟାନ ପ୍ରିମିୟର ଲିଗ୍**

ତାରୋଉବା,୧୧।୯(ପି.ଟି.)

କିରନ ପୋଲାର୍ଡଙ୍କ ନେତୃତ୍ୱାଧୀନ ତ୍ରିନିବାଗୋ ନାଇଟ୍ ରାଇଡର୍ସ ଏଥର ମଧ୍ୟ କ୍ୟାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ୍) ଟାଇଟଲ ହାସଲ କରିଛି। ଗୁରୁବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ତ୍ରିନିବାଗୋ ୮ ଉଇକେଟ୍‌ରେ ସେଣ୍ଟ ଲୁସିଆ ଜୌକାଙ୍କୁ ହରାଇ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ଅପରାଜେୟ ରହିବା ସହ ତ୍ରିନିବାଗୋ ଚତୁର୍ଥ ଥର ପାଇଁ ସିପିଏଲ୍ ଟାଇଟଲ ହାସଲ କରିଛି।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ସେଣ୍ଟ ଲୁସିଆ ୧୯.୧ ଓଭରରେ ୧୫୪ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଆନ୍ଦ୍ରେ ଫ୍ଲେଚର ସର୍ବାଧିକ ୩୯, ମାର୍କ ଡେୟାଲ ୨୯, ରୋଷ୍ଟନ ଚେଜ୍ ୨୨, ନାଜିବୁଲା ଜଦ୍ରାନ ୨୪ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିରେ ତ୍ରିନିବାଗୋ ତରଫରୁ ପୋଲାର୍ଡ ସର୍ବାଧିକ ୪, ଅଲି ଖାନ ଓ ଫୱାଦ ଅହମ୍ମଦ ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ।

ଜବାବରେ ତ୍ରିନିବାଗୋ ୧୮.୧ ଓଭରରରେ ୨ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରି ବିଜୟୀ ହୋଇଛି। ଦଳ ତରଫରୁ ଓପନର ଲିଣ୍ଡେଲ ସିମନ୍ସ ସର୍ବାଧିକ ୮୪ ଓ ଡାରେନ ବ୍ରାଭୋ ୫୮ ରନ କରି ଅପରାଜିତ ରହିବା ସହ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସିମନ୍ସ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଓ ପୋଲାର୍ଡ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ